ବର୍ଷ-୨୬, ସଂଖ୍ୟା-୪୧
ଭୁବନେଶ୍ୱର
୧୧, ଫେବୃଆରୀ, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 41
Bhubaneswar
11 February, 2026 Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ନ୍ୟୁଜିଲାଣ୍ଡର ରେକର୍ଡ ବିଜୟ

## ବକେୟା ଚାଲାଣ ପୈଠ ନ କଲେ ହୋଇପାରିବନି ପିୟୁସିସି

କଟକ, ୧୦।୨ (ମହାଭାରତ): ପ୍ରଦୂଷଣ ସାର୍ଟିଫିକେଟ୍ ପ୍ରସଙ୍ଗରେ ମଙ୍ଗଳବାର ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି ଓଡିଶା ହାଇକୋର୍ଟ। ପିୟୁସିସି ସମ୍ପର୍କିତ ଜନ ସ୍ୱାର୍ଥ ମାମଲାକୁ ଖାରଜ କରିଛନ୍ତି କୋର୍ଟ। ବକେୟା ଚାଲାଣ ପୈଠ ନକଲେ ପଲ୍ୟୁସନ୍ ଅଣ୍ଡର କଣ୍ଟ୍ରୋଲ ସାର୍ଟିଫିକେଟ ସାର୍ଟିଫକେଟ (ପିୟୁସିସି) ମିଳିବନି ବୋଲି ସ୍ପଷ୍ଟ ଭାବେ କହିଛନ୍ତି କୋର୍ଟ। ପିୟୁସିସି କରିବାକୁ ହେଲେ ଚାଲାଣ ପୈଠ କରିବାକୁ ବାଧ ବୋଲି ହାଇକୋର୍ଟ କହିଛନ୍ତି। ମୋଟର ଯାନ ଆଇନ ଧାରା ୧୬୭, ଉପଧାରା ୧୨ ଅନୁଯାୟୀ ବକେୟା ଚାଲାଣ ଥିଲେ ପିୟୁସିସି ଆବଦେନ ହୋଇପାରିବନାହିଁ ବୋଲି କୋର୍ଟ କହିଛନ୍ତି। ଏହାସହିତ ମାମଲାର ଅନ୍ତ ଘଟାଇଛନ୍ତି ହାଇକୋର୍ଟ । ସରକାରଙ୍କ ପକ୍ଷରୁ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଏହି ମାମଲାରେ ଯୁକ୍ତି ଉପସ୍ଥାପନ କରିଥିଲେ।

ଗତ ୨୭ ଜାନୁଆରୀରେ ହାଇକୋର୍ଟ ଯେଉଁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ, ସେହି ମୁତାବକ ପିୟୁସିସି ନଥିଲେ ପେଟ୍ରୋଲ ମିଳିବା ନେଇ ଜାରି ହୋଇଥିବା କଟକଣା କାର୍ଯ୍ୟକାରୀ ହୋଇନଥିଲା। କିନ୍ତୁ ନିକଟରେ ପରିବହନ ବିଭାଗ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି। ଯେଉଁଥିରେ ସଂଶୋଧିତ ମୋଟର ଭେହିକଲ ରୁଲ ବାବଦରେ କୋର୍ଟଙ୍କୁ ଅବଗତ କରାଯାଇଛି। ଯାହା ସମ୍ପର୍କରେ ଆଜି ଆଡ଼ଭୋକେଟ ଜେନେରାଲ କୋର୍ଟରେ ଯୁକ୍ତି ଉପସ୍ଥାପନ କରିଥିଲେ। ହାଇକୋର୍ଟ ଏହାକୁ ଗ୍ରହଣ କରିବା ସହିତ ଦାୟର ଜନସ୍ୱାର୍ଥ ମାମଲା ଉପରେ ଆଜି ପୂର୍ଣ୍ଣଛେଦ ଟାଣିଛନ୍ତି।

ଗତ ଡିସେମ୍ବର ୨୦ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମାରେ ଉଲେଖ ଥିଲା ଯେ, ଗାଡି ମାଲିକଙ୍କ ପିୟୁସିସି ନଥିଲେ ତାଙ୍କୁ ପେଟ୍ରୋଲ କି ଡିଜେଲ ମନା । ଏନେଇ ବିଭିନ୍ନ ତୈଳ ବିକ୍ରୟକାରୀ କମ୍ପାନୀକୁ ଲେଖାଯାଇଥିବା ଚିଠିକୁ ବିରୋଧ କରି ହାଇକୋର୍ଟରେ ଦାୟର ହୋଇଥିଲା ଜନସ୍ୱାର୍ଥ ମାମଲା। ମୋଟର ଯାନ ଆଇନ, ୧୯୮୮ ଓ କେନ୍ଦ୍ରୀୟ ମୋଟର ଯାନ ନିୟମାବଳୀ, ୧୯୮୯ ଉଲଂଘନ କରି ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଜନସ୍ୱାର୍ଥ ମମାଲାରେ ଉଲେଖ କରାଯାଇଥିଲା।ଗାଡିର ପିୟୁସିସି ପ୍ରମାଣପତ୍ର ନଥିବା ଯାନ ମାଲିକଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ବିକ୍ରୟ ନକରିବା ଗାଡି ମାଲିକଙ୍କର ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଥିବା କୋର୍ଟଙ୍କୁ ଦର୍ଶାଇଥିଲେ ଆବଦେନକାରୀଙ୍କ ଓକିଲ। ଏଥିସହିତ ଗାଡିର ପ୍ରଦୂଷଣ ପରୀକ୍ଷା ପୂର୍ବରୁ କୌଣସି ଚାଲାଣ ନଥିବା ନେଇ ଯେଉଁ ସର୍ତ୍ତ ଧାର୍ଯ୍ୟ କରାଯାଇଥିଲା ତାହା ବେଆଇନ ବୋଲି ଆବେଦନକାରୀ ଦର୍ଶାଇଥିଲେ ।

# ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ପିଇବା ପାଣି

ଭୁବନେଶ୍ୱର, ୧୦।୨ (ମହାଭାରତ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଗ୍ରାମୀଣ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟରସବୁ ଗ୍ରାମକୁ ପାଇପ୍ ଜଳ ଯୋଗାଣ ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଏହାକୁ ମିଶନ୍ ମୋଡ୍‌ରେ କାର୍ଯ୍ୟକାରୀ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେପରି ସମସ୍ତ ଗ୍ରାମଗୁଡ଼ିକୁ ପାନୀୟ ଜଳ ସୁବିଧା ଯୋଗାଇ ଦିଆଯିବ। ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ବିଭାଗକୁ ପରାମର୍ଶ ଦେଇଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ପ୍ରତି ବିଶେଷ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ବୈଠକରେ ଗୁରୁତ୍ୱାରୋପ କରିଥିଲେ ।ବୈଠକରୁ ଜଣାଯାଇଛି ଯେ, ବର୍ତ୍ତମାନ ରାଜ୍ୟର ୪୬,୫୩୧ ଟି ଗ୍ରାମ ମଧ୍ୟରୁ ୨୧,୭୨୧ ଟି ଗ୍ରାମରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଉପଲବ୍ଧ ଅଛି। ଏହା ସହିତ ସୌରଶକ୍ତି, ମେଗା ପାନୀୟ ଜଳ ପ୍ରକଳ୍ପ ଆଦି ବିଭିନ୍ନ ପ୍ରକଳ୍ପ ଗୁଡ଼ିକ ନିର୍ମାଣାଧୀନ ଅଛି। ସମସ୍ତ ପ୍ରକଳ୍ପ ଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରି ୨୦୨୭ ମାର୍ଚ୍ଚ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ପାଇପ ପାଣି ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାର ୫୪ ହଜାର କୋଟି ଟଙ୍କାର ଯୋଜନା କରିଛନ୍ତି ତନ୍ମଧ୍ୟରୁ ଜଳ ଜୀବନ ମିଶନ୍ ଯୋଜନାରେ ୩୨, ୧୨୮ କୋଟି ଟଙ୍କାର ପ୍ରାବଧାନ ରହିଥିବା ବେଳେ ଅବଶିଷ୍ଟ ୨୧, ୧୦୯ କୋଟି ଟଙ୍କା ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଯୋଗାଇ ଦେଉଛନ୍ତି ।ବୈଠକରୁ ଆହୁରି ମଧ୍ୟ ଜଣାଯାଇଛି ଯେ, ୨୦୧୭ରୁ ୧୨ ଜୁନ ୨୦୨୪ ମଧ୍ୟରେ ରାଜ୍ୟରେ ୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ଜୁନ ୨୦୨୪ରୁ ବର୍ତ୍ତମାନ ସୁଦ୍ଧା ୨୩ଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ସେହିଭଳି, ଜୁନ ୨୦୨୪ ପରେ ବର୍ତ୍ତମାନ ପର୍ଯ୍ୟନ୍ତ ଅର୍ଥାତ ମାତ୍ର ୨୦ ମାସ ମଧ୍ୟରେ ରାଜ୍ୟରେ ୨, ୯୫୧ଟି ଏକକ ଗ୍ରାମ ପ୍ରକଳ୍ପ ୨, ୭୦୨ଟି ସୌର ଶକ୍ତି ପାନୀୟ ଜଳ ପ୍ରକଳ୍ପ, ଏବଂ ୨୬, ୧୩୭ଟି ନଳକୂପ ସ୍ଥାପିତ ହୋଇଛି ।ବୈଠକରେ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ. ସିଂ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଗିରୀଶ ଏସ୍.ଏନ୍, ନିର୍ଦ୍ଦେଶକ ପାନୀୟ ଜଳ ଓ ପରିମଳ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତରେ କଠୋର ହେଲା ଏଆଇ ନିୟମ

ନୂଆଦିଲ୍ଲୀ, ୧୦।୨ (ମହାଭାରତ): ଏଆଇ ଏବଂ ଡିପଫେକ୍‌ର ଅପବ୍ୟବହାର ରୋକିବା ପାଇଁ ଭାରତ ସରକାର ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ନୂତନ ଆଇଟି ନିୟମ ଅନୁଯାୟୀ, ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକୁ ଏବେ ଯେକୌଣସି ଆପତ୍ତିଜନକ ବିଷୟବସ୍ତୁକୁ ମାତ୍ର ୩ ଘଣ୍ଟା ମଧ୍ୟରେ ହଟାଇବାକୁ ପଡ଼ିବ। ଏହି ନିୟମ ଫେବୃଆରୀ ୧୦ରେ ଅଧିସୂଚିତ ହୋଇଥିବା ବେଳେ ଫେବୃଆରୀ ୨୦ ରୁ ସାରା ଦେଶରେ କାର୍ଯ୍ୟକାରୀ ହେବ ।ଯଦି କୌଣସି ଅଡିଓ, ଭିଡିଓ କିମ୍ବା ଫଟୋ ଏଆଇ ସାହାଯ୍ୟରେ ତିଆରି କରାଯାଇଛି, ତେବେ ପ୍ଲାଟଫର୍ମଗୁଡ଼ିକୁ ସେଥିରେ ସ୍ପଷ୍ଟ ଭାବେ ଏଆଇ ଜେନେରେଟଡ୍ ଲେବଲ୍ ଲଗାଇବାକୁ ହେବ। ଏହାକୁ ସିନ୍ଥେଟିକାଲି ଜେନେରେଟେଡ୍ ଇନଫର୍ମେସନ୍ (ଏସ୍‌ଜିଆଇ) ଶ୍ରେଣୀଭୁକ୍ତ କରାଯାଇଛି। ପୂର୍ବରୁ କୌଣସି କ୍ଷତିକାରକ ପୋଷ୍ଟ ହଟାଇବା ପାଇଁ ୩୬ ଘଣ୍ଟା ସମୟ ମିଳୁଥିବା ବେଳେ, ଏବେ ଏହାକୁ କମାଇ ମାତ୍ର ୩ ଘଣ୍ଟା କରାଯାଇଛି। ସେହିପରି ଅନ୍ୟାନ୍ୟ ଅଭିଯୋଗର ସମାଧାନ ସମୟ ସୀମା ମଧ୍ୟ ୧୫ ଦିନରୁ ୭ ଦିନକୁ ହ୍ରାସ କରାଯାଇଛି।

ବର୍ତ୍ତମାନ ବ୍ୟବହାରକାରୀମାନେ କୌଣସି ବିଷୟବସ୍ତୁ ଅପଲୋଡ୍ କରିବା ସମୟରେ ତାହା ଏଆଇ ଦ୍ୱାରା ପ୍ରସ୍ତୁତ କି ନୁହେଁ, ସେ ନେଇ ଘୋଷଣା କରିବାକୁ ବାଧ୍ୟ ପ୍ଲାଟଫର୍ମଗୁଡ଼ିକୁ ସ୍ୱୟଂଚାଳିତ ଟୁଲ୍ସ ବ୍ୟବହାର କରି ଏହାର ସତ୍ୟାସତ୍ୟ ଯାଞ୍ଚ କରିବାକୁ ପଡ଼ିବ। କଣ୍ଟେଣ୍ଟରେ ମେଟାଡାଟା ବା ବିଶେଷ ଚିହ୍ନଟ ପ୍ରକ୍ରିୟା ବ୍ୟବହାର କରାଯିବ, ଯାହାଦ୍ୱାରା ଭ୍ରମାତ୍ମକ ଡିପଫେକ୍ ଭିଡିଓ ପ୍ରକୃତରେ କେଉଁଠୁ ଆରମ୍ଭ ହୋଇଛି ତାହା ଜଣାପଡ଼ିବ।

# ୨୫୦ ଆମ୍ବୁଲାନ୍ସର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ



### ରାଜ୍ୟରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ହେଲା ଅଧିକ ସୁଦୃଢ଼

### ପ୍ରତ୍ୟେକ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲକୁ ନିରନ୍ତର ଆମ୍ବୁଲାନସ ସେବା ଯୋଗାଇଦିଆଯିବ

### ବିମାନ ଯୋଜନାରେ ଏୟାରଷ୍ଟ୍ରିପରେ ମଧ୍ୟ ଆମ୍ବୁଲାନ୍ସ ବ୍ୟବସ୍ଥା କରାଯିବ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୦।୨ (ମହାଭାରତ): ଆମ୍ବୁଲାନ୍ସ ସେବାର ଦକ୍ଷତା ଆଣି କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲ ପହଞ୍ଚାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଳିଙ୍ଗ ଷ୍ଟାଡିୟମ ଠାରେ ଦ୍ୱିତୀୟ ପର୍ଯ୍ୟାୟରେ ୨୫୦ଟି ନୂଆ ଆମ୍ବୁଲାନସର ଶୁଭାରମ୍ଭ କରିଛନ୍ତି।

ରାଜ୍ୟବାସୀଙ୍କୁ ଜରୁରୀକାଳୀନ ଚିକିତ୍ସା ସୁବିଧା ସମୟମଧ୍ୟରେ ପହଞ୍ଚାଇବା ଲକ୍ଷ୍ୟରେ ରାଜ୍ୟ ସରକାର ୪୨୮ଟି ନୂଆ ଆମ୍ବୁଲାନ୍ସ ସେବାର ବ୍ୟବସ୍ଥା କରିଛନ୍ତି। ଏହାର ପ୍ରଥମ ପର୍ଯ୍ୟାୟରେ ଗତ ୨୩ ଡିସେମ୍ବରରେ ୧୫୦ଟି ଆମ୍ବୁଲାନ୍ସର ଶୁଭାରମ୍ଭ ହୋଇଥିବା ବେଳେ, ଆଜି କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ୨୫୦ଟି ନୂଆ ଆମ୍ବୁଲାନ୍ସର ଲୋକାର୍ପଣ କରିଛନ୍ତି। ଏହି ସମସ୍ତ ଆମ୍ବୁଲାନ୍ସ ପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ପ୍ରାୟ ୧୧୧ କୋଟି ଟଙ୍କା ବିନିଯୋଗ କରିଛନ୍ତି।

ବର୍ତ୍ତମାନ ସାରା ରାଜ୍ୟରେ ୮୬୬ଟି ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଚାଲୁଥିବା ବେଳେ, ଗର୍ଭବତୀ ମହିଳା ଏବଂ ଅସୁସ୍ଥ ଶିଶୁମାନଙ୍କ ପାଇଁ 'ଜନନୀ ଏକ୍ସପ୍ରେସ୍' ନାମରେ ଆଉ ୫୦୦ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ସେବା ଯୋଗାଇ ଦିଆଯାଉଛି। ଏହି ଆମ୍ବୁଲାନ୍ସ ସେବାଗୁଡ଼ିକ ରାଜ୍ୟବାସୀଙ୍କ ପାଇଁ ଏକ ଜୀବନରେଖା ଭାବେ କାମ କରୁଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କମ୍ ସମୟରେ ରୋଗୀଙ୍କୁ ହସ୍ପିଟାଲରେ ପହଞ୍ଚାଇ ମୃତ୍ୟୁହାର କମାଇବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ସେଥିପାଇଁ ଆମ୍ବୁଲାନ୍ସ ସେବାକୁ ଅଧିକ ସୁଦୃ ଏବଂ କାର୍ଯ୍ୟକ୍ଷମ କରିବା ଦିଗରେ ଲଗାତାର ପଦକ୍ଷେପ ନିଆଯାଉଛି।

ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ, ରାଜ୍ୟର ସବୁ ବ୍ଲକରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ ମେଡିକାଲ୍ ପର୍ଯ୍ୟନ୍ତ ନିରନ୍ତର ଆମ୍ବୁଲାନ୍ସ ସେବା ଜାରି ରଖିବାକୁ ପଦକ୍ଷେପ ନିଆଯାଉଛି। ଏହା ବ୍ୟତୀତ ବିମାନ ଯୋଜନା ମାଧ୍ୟମରେ ରାଉରକେଲା ଓ ଜୟପୁର ପରି ଏୟାରଷ୍ଟ୍ରିପ୍‌ରେ ମଧ୍ୟ ଆମ୍ବୁଲାନ୍ସର ସେବା ଯୋଗାଇଦିଆଯିବ।

ବର୍ତ୍ତମାନ ରାଜ୍ୟର ବିଭିନ୍ନ ବିମାନବନ୍ଦର ନିମନ୍ତେ ୫ଟି ଆଡ୍‌ଭାନ୍ସଡ ଲାଇଫ୍ ସପୋର୍ଟ ବା ଆମ୍ବୁଲାନ୍ସ ଏବଂ ଝାରସୁଗୁଡା ସ୍ଥିତ କ୍ୟାନସର ହସ୍ପିଟାଲ ପାଇଁ ୨ଟି ଇଖଝ ଆମ୍ବୁଲାନସ ବର୍ତ୍ତମାନ ନିୟୋଜିତ ଅଛି। ସାରା ରାଜ୍ୟରେ ଆମ୍ବୁଲାନ୍ସ ଜରିଆରେ ଦିନକୁ ହାରାହାରି ୫ ହଜାରରୁ ଅଧିକ ରୋଗୀଙ୍କୁ ସରକାରୀ ହସ୍ପିଟାଲକୁ ନିଆଯାଉଛି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ଏକାମ୍ର ବିଧାୟକ ବାବୁ ସିଂ, ସ୍ୱାସ୍ଥ୍ୟ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଡକ୍ଟର ବୃନ୍ଦା ଡି ପ୍ରମୁଖ ଉପସ୍ଥିତ ଥିଲେ।

## ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ନୋଟିସ୍

ନୂଆଦିଲ୍ଲୀ, ୧୦।୨: ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଲା କଂଗ୍ରେସ । ୧୧୮ ଜଣ ବରୋଧୀ ସାଂସଦ ଅନାସ୍ଥାକୁ ସମର୍ଥନ କରିଥିବା ସୂଚନା ମିଳିଛି । ଲୋକସଭା ବାଚସ୍ପତି ଓମ ବିର୍ଲାଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ବିରୋଧୀ ଦଳ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି । ଆଜି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଲୋକସଭାର ମହାସଚିବ ଉତ୍ପଳ କୁମାର ସିଂହଙ୍କୁ ଏକ ଅନାସ୍ଥା ନୋଟିସ୍ ପ୍ରଦାନ କରିଛନ୍ତି । କଂଗ୍ରେସ ସଭାପତି ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଇଣ୍ଡିଆ ବ୍ଲକ୍ ବୈଠକରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା । ଗୃହରେ ବାଚସ୍ପତି ପକ୍ଷପାତିତା କରୁଥିବା ଅଭିଯୋଗ ଆଣିବା ସହ ବିରୋଧୀ ଦଳ ନେତାଙ୍କୁ କହିବାକୁ ସୁଯୋଗ ମିଳୁନଥିବା ଅଭିଯୋଗ କରିଛି କଂଗ୍ରେସ । ଲୋକସଭା ବାଚସ୍ପତି ନୋଟିସ୍ ଯାଞ୍ଚ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ମହାସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।



ମଙ୍ଗଳବାର ବଜେଟ୍ ଅଧିବେଶନର ଦଶମ ଦିନରେ ଲୋକସଭା ପ୍ରଶ୍ନକାଳ ଆରମ୍ଭରୁ ବାଧାପ୍ରାପ୍ତ ହୋଇଥିଲା । ପୂର୍ବାହ୍ନ ୧୧ଟାରେ ଗୃହ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ପ୍ରବଳ ହଙ୍ଗାମା ସୃଷ୍ଟି କରିଥିଲେ। ମାତ୍ର ଗୋଟିଏ ମିନିଟ୍ ପରେ, ଅଧ୍ୟକ୍ଷତା କରୁଥିବା ପିସି ମୋହନ ଗୃହକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ମଧ୍ୟାହ୍ନ ୧୨ଟାରେ ଗୃହ ପୁନର୍ବାର ଆରମ୍ଭ ହୋଇଥିଲା। ବିରୋଧୀ ଦଳ ବିରୋଧ ଜାରି ରଖିଥିଲେ, ସାଂସଦମାନେ "ଆମେ ନ୍ୟାୟ ଚାହୁଁଛୁ" ସ୍ଲୋଗାନ ଦେଇଥିଲେ। ତା'ପରେ ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା ।ପ୍ରବଳ ହଙ୍ଗାମା ମଧ୍ୟରେ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ହାତ ଯୋଡ଼ି ବିରୋଧୀ ଦଳର ସାଂସଦମାନଙ୍କୁ ନିବେଦନ କରିଥିଲେ, "ବଜେଟ୍ ଉପରେ ଆଲୋଚନା ହେବାକୁ ଦିଅ। ଏହା ଆମ ସମସ୍ତଙ୍କର କ୍ଷତି କରୁଛି। ଆପଣମାନେ ପ୍ରତିଦିନ ଆସି ହଙ୍ଗାମା ସୃଷ୍ଟି କରୁଛନ୍ତି।

## ୩ ଜଣଙ୍କୁ ଦଳିଦେଲା ହାତୀ

ଢେଙ୍କାନାଳ, ୧୦।୨ (ମହାଭାରତ): ଜଙ୍ଗଲକୁ କାଠ ଗୋଟାଇବାକୁ ଯାଇଥିବାବେଳେ ହାତୀ ଆକ୍ରମଣରେ ୩ ଜଣଙ୍କର ମୃତ୍ୟୁ ହୋଇଯାଇଛି ।ଢେଙ୍କାନାଳ ଜିଲ୍ଲା ସଦର ରେଞ୍ଜ ବଳଦିଆ ବନ୍ଧ ସେକ୍ସନର ପାଟପୁରିଆ ସଂରକ୍ଷିତ ଜଙ୍ଗଲରେ ଦନ୍ତା ହାତୀର ଆତଙ୍କ ଦେଖିବାକୁ ମିଳିଛି। କାଇମାଟି ଲୋଚାପଲି ଗାଁର ୧୫ ଜଣ ଜଙ୍ଗଲକୁ କାଠ ଗୋଟେଇବାକୁ ଯାଇଥିଲେ । ଦିନ ୧୧ଟା ସମୟରେ ଦନ୍ତା ହାତୀଟି ଅଚାନକ ୧୫ ଜଣଙ୍କୁ ଆକ୍ରମଣ କରିଥିଲା ।ଫଳରେ ୬ ଜଣ ଗୁରୁତର ହୋଇଥିଲେ ମାତ୍ର ଢେଙ୍କାନାଳ ଡାକ୍ତରଖାନାକୁ ଆଣୁଥିବାବେଳେ ବାଟରେ ୩ ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ୩ ଜଣ ହେଲେ ଇନ୍ଦୁମତି ପଧାନ, ଟୁନି ବେହେରା, କୁନ୍ତଳା ପଧାନ । ଆହତ ହୋଇଥିବା ମହିଳାମାନେ ହେଉଛନ୍ତି ରମା ଦେହୁରୀ, ରଶ୍ମିତା ପଧାନ , ଝିଲି ପଧାନ । ଏବେ ଗୁରୁତରଙ୍କର ଢେଙ୍କାନାଳ ଡାକ୍ତରଖାନାରେ ଚିକିତ୍ସା ଚାଲିଛି। ସ୍ୱାସ୍ଥ୍ୟସେବାରେ ଅଧିକ ଉନ୍ନତି ଆସିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

## ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରଙ୍କ ଦରମା ବୃଦ୍ଧି

### ସର୍ବନିମ୍ନ ଦରମା ୫୬,୯୪୮ ଟଙ୍କା, ସର୍ବାଧିକ ଦରମା ୯୧,୪୬୭

ଭୁବନେଶ୍ୱର, ୧୦।୨ (ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଜାତୀୟ ସ୍ୱାସ୍ଥ୍ୟ ମିସନ ଅଧୀନରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତରମାନଙ୍କ ଦରମା ବୃଦ୍ଧି ପାଇଁ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆୟୁଷ ଡାକ୍ତରମାନଙ୍କ ଅବଦାନ ପ୍ରତି ଗୁରୁତ୍ୱଦେଇ ତଥା ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ ଏନଏଚଏମ୍‌ରେ କାର୍ଯ୍ୟରତ ଚୁକ୍ତିଭିତ୍ତିକ ଆୟୁଷ ଡାକ୍ତର ମାନଙ୍କ ଦରମା ବରିଷ୍ଠତା ଭିତ୍ତିରେ ମାସକୁ ୨୦ ହଜାର ଟଙ୍କାରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।୫ ବର୍ଷରୁ କମ ସମୟ ଅବଧି ପାଇଁ ସେବାରତ ଆୟୁଷ ଡାକ୍ତରମାନଙ୍କ ଦରମା ମାସକୁ ୨୦ ହଜାର ଟଙ୍କା ବୃଦ୍ଧି ପାଇଛି। ଏହାଦ୍ୱାରା ସେମାନଙ୍କ ସର୍ବନିମ୍ନ ଦରମା ୫୬, ୯୪୮ ଟଙ୍କା ହୋଇଛି। ସେହିପରି ୫ରୁ ୧୦ ବର୍ଷ ମଧ୍ୟରେ ସେବା କରିଥିବା ଡାକ୍ତର ମାନଙ୍କ ଦରମା ମାସକୁ ୨୫ ହଜାର ବୃଦ୍ଧିପାଇଁ ୭୪,୪୬୭ ଟଙ୍କାରେ ପହଞ୍ଚିଛି। ୧୦ରୁ ୧୫ ବର୍ଷ ସେବା ପାଇଁ ମାସକୁ ୩୦ ହଜାର ଟଙ୍କା ବୃଦ୍ଧିପାଇ ୮୦,୪୬୭ ହୋଇଥିବ ବେଳେ, ୧୫ ବର୍ଷରୁ ଉର୍ଦ୍ଧ୍ୱସେବା ପାଇଁ ଆୟୁଷ ଡାକ୍ତର ମାନଙ୍କ ଦରମା ୪୦ ହଜାର ଟଙ୍କା ବୃଦ୍ଧି ପାଇ ୯୧, ୪୬୭ ଟଙ୍କାରେ ପହଞ୍ଚିଛି। ରାଜ୍ୟରେ ବର୍ତ୍ତମାନ ୨୯୧୨ ଜଣ ଆୟୁଷ ଡାକ୍ତର ନିୟୋଜିତ ଅଛନ୍ତି ଏବଂ ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟ ସରକାର ବର୍ଷକୁ ପ୍ରାୟ ୧ କୋଟି ଟଙ୍କା ଅଧିକ ବ୍ୟୟ କରିବେ। ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ଆୟୁଷ।



# ରାଜ୍ୟର ସବୁ ରାଜପଥ ହେବ ୪ ଲେନ୍

### ପୂର୍ତ୍ତ ବିଭାଗ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା



ଭୁବନେଶ୍ୱର, ୧୦।୨ (ମହାଭାରତ): ଲୋକସେବା ଭବନ ସମ୍ମିଳନୀ କକ୍ଷରେ ସୋମବାର ପୂର୍ତ୍ତ ବିଭାଗର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ସମୀକ୍ଷା କରି ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ କେବଳ ବଡ଼ ବଡ଼ ସହରର ଉନ୍ନୟନ ଦ୍ୱାରା ରାଜ୍ୟର ସାମଗ୍ରିକ ବିକାଶ ହୋଇପାରିବ ନାହିଁ। ଏଥିପାଇଁ ରାଜ୍ୟର ବିଭିନ୍ନ ଅଂଚଳରୁ ପ୍ରତି ସହରକୁ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ିକରଣ କରିବାକୁ ପଡ଼ିବ। ବିଶେଷ କରି, ଭୁବନେଶ୍ୱର ସହର ପରିବର୍ଦ୍ଧିତ ଯୋଜନା ପରି କଟକ ସହର ଆଉଟର ରିଙ୍ଗ୍‌ରୋଡ୍ ନିର୍ମାଣ କରିବା ନେଇ ଯୋଜନା ପ୍ରସ୍ତୁତ ଉପରେ ମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଥି ସହିତ ପଶ୍ଚିମ ଓଡ଼ିଶାରୁ ପୂର୍ବ ଓଡ଼ିଶାକୁ ଯୋଗାଯୋଗ ସୁଦୃଢ଼ିକରଣ ପାଇଁ କଟକ-ସମ୍ବଲପୁର ଜାତୀୟ ରାଜପଥ-୫୫ କୁ ୬ ଲେନ୍ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ରାଜ୍ୟର ସବୁକୋଣକୁ ସଂଯୋଗ ହୋଇଥିବା ରାଜ୍ୟ ରାଜପଥଗୁଡ଼ିକୁ ୪ ଲେନ୍ କରିବାର ଆବଶ୍ୟକତା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହାର ସର୍ଭେ କାର୍ଯ୍ୟ ଆରମ୍ଭ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ, ଓବିସିସିର ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହାଙ୍କ ଉପସ୍ଥିତିରେ ହୋଇଥିବା ଏହି ବୈଠକରେ ଜୟଦେବ ବିହାର-ନନ୍ଦନକାନନ ରୋଡ୍ ଓ ଲେଫ୍ଟ ପାରାଲାଲ ରୋଡ୍, ପଥରଗାଡ଼ିଆ-ଦାରୁଠେଙ୍ଗ ରାସ୍ତା, ପ୍ରସ୍ତାବିତ କେଳୁଚରଣ-ଫୁଲନଖରା ରୋଡ୍, ପଳାଶୁଣି ଠାରୁ ଗ୍ୟାରେଜ୍ ଛକ, ଆଚାର୍ଯ୍ୟ ବିହାର-କଳିଙ୍ଗ ହସ୍‌ପିଟାଲ୍ ରୋଡ୍, କାଇମାଟିଆ ଛକରୁ ଗୋଠପାଟଣା ରାସ୍ତା, ଗୋହିରିଆରୁ ଛତାବର ଭାୟା-ମଦନପୁର, ଏମ୍ସ ରାସ୍ତା ଆଦିର ନିର୍ମାଣ, ପ୍ରଶସ୍ତିକରଣ ଏବଂ ଆବଶ୍ୟକ ସ୍ଥଳେ ଜମି ଅଧିଗ୍ରହଣ ନେଇ ଆଲୋଚନା ହୋଇଥିଲା।

ସେହିପରି ପ୍ରମୁଖ ଜାତୀୟ ରାଜପଥ ଯଥା କୋଣାର୍କ-ପୁରୀ-ସାତପଡ଼ା ରାସ୍ତାର ପ୍ରଶସ୍ତିକରଣ, ପିପିଲି-କୋଣାର୍କ ରାସ୍ତାର ନୂଆ ଆଲାଇନ୍‌ମେଂଟ, କଟକ-କନ୍ଦରପୁର ଏବଂ କନ୍ଦରପୁର-ବାଲିକୁଦା, ଜୟପୁର ବାଇପାସ୍ ଓ ବଲାଙ୍ଗିର ବାଇପାସ୍ ରାସ୍ତା ନିର୍ମାଣ ନେଇ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍) ଇଂ ଧ୍ୟାନଚାନ୍ଦ ନାୟକ, ଜାତୀୟ ରାଜପଥ ପ୍ରାଧିକରଣ, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ଅଧିକାରୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୩ ପୁଞ୍ଜିନିବେଶ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୧୦।୨ (ମହାଭାରତ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ୧୪୪ତମ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସଏଲଏସଡବ୍ଲୁସିଏ) ବୈଠକ ମାଧ୍ୟମରେ ମୋଟ ୪୧୧୧.୮୦ କୋଟି ଟଙ୍କା ବିନିଯୋଗ ସହିତ ୨୩ଟି ଶିଳ୍ପ ନିବେଶ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି, ଯାହା ୯୯୨୪ ବା ପ୍ରାୟ ୧୦ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରଖିଛି। ଏହି ମଞ୍ଜୁରି ଓଡ଼ିଶାର ଶିଳ୍ପ ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ନିଯୁକ୍ତିଭିତ୍ତିକ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ଆଉ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବେ ପ୍ରତିଫଳିତ ହେବ।

ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଅନୁମୋଦିତ କରାଯାଇଥିବା ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ମେକାନିକାଲ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଗୁଡ୍ସ, ପୋଷାକ ଏବଂ ବୟନଶିଳ୍ପ, ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ, ଜାହାଜ ନିର୍ମାଣ ଏବଂ ଜାହାଜ ମରାମତି, ଫାର୍ମାସ୍ୟୁଟିକାଲ୍ସ, କେମିକାଲ୍ସ, ରିଫ୍ରାକ୍ଟୋରୀ, ଆଲୁମିନିୟମ୍ ଡାଉନଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିଜ୍, ଖଣିଜ ଲାଭ, ଧାତୁ ଡାଉନଷ୍ଟ୍ରିମ୍, ପ୍ଲାଷ୍ଟିକ୍, ଗ୍ଲାସ୍ ଉତ୍ପାଦନ, ଲଜିଷ୍ଟିକ୍ ଏବଂ ଗୋଦାମ, ଭିତ୍ତିଭୂମି ଏବଂ ପର୍ଯ୍ୟଟନ ଏବଂ ଆତିଥେୟତା ଆଦି ବିଭିନ୍ନ କ୍ଷେତ୍ରରେ ରହିଛି, ଯାହା ରାଜ୍ୟର ବିବିଧ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଏବଂ ସହନଶୀଳ ଶିଳ୍ପ ରଣନୀତିକୁ ପ୍ରତିଫଳିତ କରୁଛି। ଏହି ପ୍ରକଳ୍ପଗୁଡ଼ିକୁ ରାଜ୍ୟରବାଲେଶ୍ୱର, ଭଦ୍ରକ, କଟକ, ଦେବଗଡ଼, ଗଞ୍ଜାମ, ଯାଜପୁର, ଖୋର୍ଦ୍ଧା, କୋରାପୁଟ, ପୁରୀ, ସମ୍ବଲପୁର ଏବଂ ସୁନ୍ଦରଗଡ଼ ଆଦି ୧୧ ଟି ଜିଲ୍ଲାରେ କାର୍ଯ୍ୟାନ୍ୱୟନ କରାଯିବ, ଯାହା ମାଧ୍ୟମରେ ଆଂଚଳିକ ସମତୁଲ ଶିଳ୍ପ ବିକାଶ ଏବଂ ବୃହତ ନିଯୁକ୍ତି ସୁଯୋଗ ସୁନିଶ୍ଚିତ କରିବ ।ଅନୁମୋଦିତ ହୋଇଥିବା ପ୍ରମୁଖ ପ୍ରକଳ୍ପଗୁଡିକ ମଧ୍ୟରେ ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ କ୍ୟାପିଟାଲ୍ ଦ୍ରବ୍ୟ କ୍ଷେତ୍ରରେ, ନିଫା ଲିମିଟେଡ୍ ଖୋର୍ଦ୍ଧାରେ ୩୮୪ କୋଟି ଟଙ୍କା ବିନିଯୋଗରେ ଏକ ରେଳ ଯନ୍ତ୍ରାଂଶ ଉତ୍ପାଦନ ସ୍ଥାପନ କରିବ, ଯାହା ୩୧୦ ନିଯୁକ୍ତି ସୃଷ୍ଟି କରିବ । ଉନ୍ନତ ମାନୁଫାକ୍ଚରିଂ କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ସୁଦୃଢ଼ କରିବା ପାଇଁ ଇନଭେଣ୍ଟଗ୍ରୀଡ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ଗଞ୍ଜାମରେ୩୦୦ କୋଟି ଟଙ୍କା ବିନିଯୋଗରେ ଏକ ଉନ୍ନତ ମଲ୍ଟି ଡ୍ରୋନ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବ, ଯାହା ୧,୦୦୦ ନିଯୁକ୍ତି ସୃଷ୍ଟି କରିବ ଏବଂ ଏହା ରାଜ୍ୟର ଏରୋସ୍ପେସ୍ ଏବଂ ପ୍ରତିରକ୍ଷା ଉତ୍ପାଦନ ଇକୋସିଷ୍ଟମରେ ଏକ ପ୍ରମୁଖ ପଦକ୍ଷେପ ହେବ।

## ପ୍ରସ୍ତୁତ କରନ୍ତୁ କ୍ରିମି ଚିକେନ

ଆବଶ୍ୟକ ସାମଗ୍ରୀ: ଚିକେନ, ବସାଦହି, ଲଙ୍କାଗୁଣ୍ଡ, ରିଫାଇନ୍ ତେଲ, ପିଆଜ ବଟା, ଅଦା ରସୁଣ ବଟା, ଟମାଟୋ ପ୍ୟୁରି, ଧନିଆ ପାଉଡର, ଜୀରା ପାଉଡ଼ର, ଗରମ ମସଲା, ଲୁଣ, କ୍ଷୀର, କ୍ରିମ୍, ଚାଟ ମସଲା ଓ ଗୋଟା କଞ୍ଚାଲଙ୍କା

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିକେନରେ ବସାଦହି, ଲଙ୍କାଗୁଣ୍ଡ ଓ ଲୁଣ ପକାଇ ଭଲ ଭାବେ ମ୍ୟାରିନେଟ କରନ୍ତୁ । କରେଇରେ ତେଲ ଗରମ କରି ମ୍ୟାରିନେଟ ଚିକେନ୍‌କୁ ଭାଜି ରଖନ୍ତୁ । ପୁଣି କରେଇରେ ତେଲ ଗରମ କରି ପିଆଜ ବଟା, ଅଦା ରସୁଣ ବଟା ପକାଇ ଭଲ ଭାବେ କଷନ୍ତୁ ।

ମସଲା ଅଳ୍ପ କଷି ହେବା ପରେ ଟମାଟୋ ପ୍ୟୁରି, ଧନିଆ ପାଉଡର, ଜୀରା ପାଉଡ଼ର, ଗରମ ମସଲା, ଲୁଣ ଓ କ୍ଷୀର ପକାଇ ଭଲ ଭାବେ ଗୋଳାନ୍ତୁ । ମସଲା ଭଲ ଭାବେ କଷି ହେବା ପରେ ପାଣି ଓ ଭାଜି ରଖିଥିବା ଚିକେନକୁ ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଚିକେନରେ କ୍ରିମ୍, ଚାଟ ମସାଲା ଓ ଗୋଟା କଞ୍ଚାଲଙ୍କା ପକାଇ ଗୋଳାଇ ଦିଅନ୍ତୁ ଓ ଏହାକୁ ୫ ମିନିଟ୍ ଘୋଡ଼ାଇ ରଖନ୍ତୁ ।

ଏବେ ପ୍ରସ୍ତୁତ ହୋଇଯିବ ଗରମାଗରମ କ୍ରିମି ଚିକେନ ।



**····· ପରଦା ଖବର ·····**

# ରଣବୀର କପୁରଙ୍କ 'ରାମାୟଣ' ଫିଲ୍ମରେ ବିଭୀଷଣ ଭୂମିକାରେ ନଜର ଆସିବେ ବିଜୟ ସେତୁପତି !

ରଣବୀର କପୁର ଏବଂ ସାଇ ପଲ୍ଲବୀଙ୍କ ''ରାମାୟଣ''ର ପ୍ରଥମ ପାର୍ଟଟି ଏହି ଦୀପାବଳୀରେ ରିଲିଜ୍ ହେବାକୁ ଯାଉଛି । ନୀତେଶ ତିୱାରୀଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମଟି ଭାରୀ ବଜେଟ ଏବଂ ଷ୍ଟାରକାଷ୍ଟ ପାଇଁ ଦୀର୍ଘଦିନ ଧରି ଚର୍ଚ୍ଚାରେ ରହିଛି । ଏହା ସବୁଠାରୁ ମହଙ୍ଗା ଫିଲ୍ମ ବୋଲି ନିର୍ମାତା କହିଛନ୍ତି । ଏବେ ସୁଦ୍ଧା ଫିଲ୍ମ ନିର୍ମାତା ସମସ୍ତ ଷ୍ଟାରକାଷ୍ଟଙ୍କ ସମ୍ପର୍କରେ ସେୟାର କରିନାହାଁନ୍ତି । ତେଣୁ ଆକ୍ଟରଙ୍କ ଏଣ୍ଟ୍ରି ଏବଂ ଏକ୍ସିଷ୍ଟକୁ ନେଇ ଗୁଜବ ଖବର ଚର୍ଚ୍ଚା ହେବାରେ ଲାଗିଛି ।





ସାଉଥ୍ ଅଭିନେତା ବିଜୟ ସେତୁପତିଙ୍କୁ 'ରାମାୟଣ'ରେ ରାମ ଚରିତ୍ରରେ ନଜର ଆସିବେ ବୋଲି କୌଣସି ଏକ ରିପୋର୍ଟରେ ଦାବି କରାଯାଇଥିଲା । ଏହି ଖବର ବ୍ୟାପିବା ପରେ ପ୍ରଶଂସକଙ୍କ ଉତ୍ସାହ ବଢ଼ିଯାଇଥିଲା । ଶୁଣିବାକୁ ମିଳିଥିଲା ଯେ ସେ ଫିଲ୍ମରେ ରାବଣଙ୍କ ଭାଇ ବିଭୀଷଣ ଭୂମିକାରେ ଅଭିନୟ କରିବେ । କିନ୍ତୁ କିଛି ସମୟ ପରେ ବିଜୟ ସେତୁପତି ଏହି ଫିଲ୍ମରେ ଅଭିନୟ କରୁନାହାଁନ୍ତି ବୋଲି ଜଣାପଡିଥିଲା । ଏହାରି ମଧ୍ୟରେ ବିଜୟ ସେତୁପତି ଏହି ଗୁଜବ ଖବର ଉପରେ ଜବାବ ଦେଇ କହିଛନ୍ତି ଯେ, ''ମୁଁ ଏହି ପ୍ରୋଜେକ୍ଟରେ ସାମିଲ ନାହିଁ । ଜଣାନାହିଁ ଏହି ଖବର କାହିଁକି ଚର୍ଚ୍ଚା ହେଉଛି ।''ରାମାୟଣରେ କୌଣସି ଚରିତ୍ରରେ ବିଜୟ ଅଭିନୟ କରୁନାହାଁନ୍ତି ବୋଲି ସ୍ପଷ୍ଟ ହୋଇଛି । ଯଦି ଏହି ଫିଲ୍ମରେ ଷ୍ଟାରକାଷ୍ଟମାନଙ୍କ ସମ୍ପର୍କରେ କୁହାଯାଏ ତେବେ ରାମ ଭୂମିକାରେ ରଣବୀର କପୁର ନଜର ଆସିବାବେଳେ ସୀତା ଚରିତ୍ରରେ ସାଉଥ୍ ଅଭିନେତ୍ରୀ ସାଇ ପଲ୍ଲବୀଙ୍କୁ ଦେଖିବାକୁ ପାଇବେ ଦର୍ଶକ । କଏର ଷ୍ଟାର ଯଶ ଏହି ଫିଲ୍ମରେ ରାବଣ ଭୂମିକାରେ ଅଭିନୟ କରିବେ । ଏହା ବ୍ୟତୀତ ସନି ଦେଓଲ ହନୁମାନ ଭୂମିକାରେ ଅଭିନୟ କରିବେ । ରବି ଦୁବେ ଲକ୍ଷ୍ମଣ ଭୂମିକାରେ, ଲାରା ଦତ୍ତା କୈକେୟୀ ଭୂମିକାରେ ଅଭିନୟ କରିବେ । ସେହିପରି ଅରୁଣ ଗୋଭିଲ ଦଶରଥ ଭୂମିକାରେ ଅଭିନୟ କରିବେ, ରାକୁଲ ପ୍ରୀତ ସିଂହ ଶୂର୍ପଣଖା ଭୂମିକାରେ ଅଭିନୟ କରିବେ, ଏବଂ ଶୀବା ଚଡ୍ଡା ମନ୍ଥରା ଭୂମିକାରେନଜର ଆସିବେ । ପ୍ରଡ୍ୟୁସର ନମିତ ମଲୋହୋତ୍ରାଙ୍କ ଫିଲ୍ମର ବଜେଟ୍ ୪୦୦୦ କୋଟି ଟଙ୍କା ବୋଲି କୁହାଯାଉଛି ।

## ପଦ୍ମପୁରାଣ

ବିଷ୍ଣୁ ଅବତାର ବେଦବ୍ୟାସଙ୍କ ଶିଷ୍ୟ ଥିଲେ ରୋମହର୍ଷଣ । ସେ ନିଜ ପୁତ୍ର ଉଗ୍ରଶ୍ରଓ୍ୱ(ସୁତ ମୁନି)ଙ୍କୁ ସମସ୍ତ ପୁରାଣ କଥା କହିଲେ । ଏହାପରେ ପୁତ୍ରକୁ ପରାମର୍ଶ ଦେଇ କହିଲେ, ତୁମେ 'ନୈମିଷ୍ୟାରଣ୍ୟ'କୁ ଯାଅ ସେଠାରେ ଧର୍ମାତ୍ମା ମୁନିଋଷିମାନେ ତପସ୍ୟା କରୁଛନ୍ତି, ସେମାନଙ୍କ ଆଗରେ ପୁରାଣ ମହିମା ବର୍ଣ୍ଣନା କରିବ । ନୈମିଷ୍ୟାରଣ୍ୟର ନାମକରଣ ସମ୍ବନ୍ଧରେ ଏକ ରୋଚକ ପୌରାଣିକ ଆଖ୍ୟାନ ରହିଛି । ଥରେ ସମସ୍ତ ଋଷିମୁନି ମିଶି ଭଗବାନ ବିଷ୍ଣୁଙ୍କ ସମ୍ମୁଖରେ ଉପଗତ ହେଲେ । ତପସ୍ୟା ନିମନ୍ତେ ଏକ ପବିତ୍ର ସ୍ଥାନ ଚୟନ କରିବା ନିମନ୍ତେ ସେମାନେ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ । ଶ୍ରୀବିଷ୍ଣୁ ନିଜ ସୁଦର୍ଶନ ଚକ୍ର ପ୍ରେରଣ କରି ମୁନି-ଋଷିମାନଙ୍କୁ କହିଲେ ଯେ ତୁମେମାନେ ଏହି ଚକ୍ର ପଛେ ପଛେ ଯାଅ । ଚକ୍ର ଘୂରିବା କାରଣରୁ ଯେଉଁ ପରିଧି ବା ମଣ୍ଡଳ ସୃଷ୍ଟି ହେଉଛି ତା'କୁ ଅନୁଧ୍ୟାନ କର । ଯେଉଁ ସ୍ଥାନରେ ମଣ୍ଡଳ ସ୍ଥିର ହୋଇଯିବ ତୁମେମାନେ ସେଠାରେ ତପସ୍ୟା କରିବ । ଶ୍ରୀବିଷ୍ଣୁଙ୍କ ଆଜ୍ଞା ଲାଭ କରି ମୁନିଗଣ ସୁଦର୍ଶନ ଚକ୍ରର ପିଛା କଲେ । ଶେଷରେ ସୁଦର୍ଶନ ଚକ୍ର ଗଙ୍ଗବ୍ରତ ନାମକ ସ୍ଥାନରେ କିଛି ସମୟ ରହିଲା । ସେହି ସ୍ଥାନରେ ଚକ୍ରର ଏକ ଗୋଲାକାର ମଣ୍ଡଳ ସ୍ଥିର ହୋଇ ରହିଗଲା । ଏହାପରେ ମୁନିଗଣ ସେଠାରେ ତପସ୍ୟା କରିବା ଲାଗି ମନସ୍ଥ କଲେ । ଚକ୍ରର ପରିଧିକୁ ସଂସ୍କୃତିରେ 'ନିମିଷ' କୁହାଯାଉଥିବାରୁ ତଥା ଉକ୍ତ ସ୍ଥାନରେ ଏକ ଅରଣ୍ୟ ଥିବାରୁ ତାହା 'ନୈମିଷାରଣ୍ୟ' ନାମରେ ପ୍ରସିଦ୍ଧ ହେଲା । ଯେତେବେଳେ ସୁତ ମୁନି ଏହି ସ୍ଥାନରେ ପହଞ୍ଚିଲେ ସମସ୍ତ ମୁନି-ଋଷି ତାଙ୍କୁ ସ୍ୱାଗତ ଜଣାଇଲେ ଏବଂ ପଦ୍ମପୁରାଣର ଦିବ୍ୟ କଥା କହିବା ଲାଗି ଅନୁରୋଧ କଲେ । ସୁତ ମୁନି କହିଲେ, ପଦ୍ମପୁରାଣ ୫ ଭାଗରେ ବିଭକ୍ତ ଏବଂ ଏଥିରେ ୧୫ ହଜାର ଶ୍ଳୋକ ରହିଛି । ଏହି ପାଞ୍ଚଟି ଅଧ୍ୟାୟ ବା ଖଣ୍ଡ ହେଲେ ସୃଷ୍ଟି ଖଣ୍ଡ, ଭୂମି ଖଣ୍ଡ, ସ୍ୱର୍ଗ ଖଣ୍ଡ, ପାତାଳ ଖଣ୍ଡ ଏବଂ ଉତ୍ତମ ଖଣ୍ଡ । ପଦ୍ମପୁରାଣରେ ଭଗବାନ ବିଷ୍ଣୁଙ୍କ ମହିମା ବର୍ଣ୍ଣିତ । ସ୍ୱୟଂ ଶ୍ରୀବିଷ୍ଣୁ ପ୍ରଥମେ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ଏହି ପୁରାଣ କଥା କହିଥିଲେ ବୋଲି ସୁତମୁନି ସମସ୍ତ ମୁନିଗଣଙ୍କୁ କହିଥିଲେ ।

## ଖରାଦିନ ପାଇଁ ବେଷ୍ଟ ବାସି ଦହି ପଖାଳ

ବର୍ତ୍ତମାନ ସମୟରେ ଲୋକଙ୍କ ମଧ୍ୟରେ ଖାଦ୍ୟକୁ ନେଇ ଭିନ୍ନ ଭିନ୍ନ ପ୍ରକାରର ଭାବନା ରହିଛି । ତେବେ ଆପଣମାନେ ଜାଣିଥିବେ ଯେ ଲୋକଙ୍କୁ ସବୁବେଳେ ଟେଷ୍ଟି ଖାଦ୍ୟ ଦରକାର ହୋଇଥାଏ । ତେବେ ଆପଣମାନେ ଜାଣିଛନ୍ତି କି ଦହି ପଖାଳକୁ ଭାରତ ସଂସ୍କୃତିର ଏକ ପ୍ରସିଦ୍ଧ ଖାଦ୍ୟ ଭାବେ ବିବେଚନା କରାଯାଏ । ଖରାଦିନେ ବାସି ପଖାଳ ଖାଇବା ଯେତିକି ସ୍ୱାଦିଷ୍ଟ ସ୍ୱାସ୍ଥ୍ୟ ପାଇଁ ସେତିକି ହିତକର । ତେବେ ଆଜି ଆମେ ଆପଣଙ୍କୁ ଜଣାଇବୁ ଯେ ଦହି ପଖାଳ କିପରି ଭାବେ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ ।

**ପ୍ରୋବାୟୋଟିକ୍ସରେ ଭରପୁର :** ବାସି ଦହି ପଖାଳ ପ୍ରୋବାୟୋଟିକ୍ସରେ ଭରପୁର ହୋଇଥାଏ । ଏଥିରେ ଯେଉଁ ସବୁ ଲାଭକାରୀ ବ୍ୟାକ୍ଟେରିଆ ରହିଥାନ୍ତି, ତାହା ଆମ ପେଟ ପାଇଁ ବହୁତ ଲାଭଦାୟକ ହୋଇଥାଏ । ବାସି ଦହିରେ ଥିବା ପ୍ରୋବାୟୋଟିକ୍ସ ହଜମ କରିବାରେ ଅନେକ ସାହାଯ୍ୟ କରିଥାଏ । ଏଥିରେ ଥିବା ପୋଷକ ତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିଥାଏ ।



**ସହଜରେ ହଜମ କରେ :** ବାସି ଦହି ପଖାଳରେ କାର୍ବୋହାଇଡ୍ରେଟ୍ ଏବଂ ପ୍ରୋଟିନ୍ ଭରପୁର ମାତ୍ରାରେ ରହିଥାଏ । ଯାହା ଖାଦ୍ୟକୁ ହଜମ କରିବାରେ ସାହାଯ୍ୟ କରିଥାଏ । ତେବେ ଯେଉଁ ଲୋକମାନଙ୍କର ହଜମ ସମସ୍ୟା ରହିଛି ସେମାନଙ୍କ ପାଇଁ ଏହା ଅଧିକ ଲାଭକାରୀ ହୋଇଥାଏ ।

**ହାଡ ଓ ଦାନ୍ତକୁ ମଜବୁତ କରେ :** ଏହା ପୋଷକ ତତ୍ତ୍ୱରେ ଭରପୁର । ଦହି ପଖାଳରେ କ୍ୟାଲୟିୟମ୍, ଭିଟାମିନ୍ – ଡି ଓ ପ୍ରୋଟିନ୍ ସହିତ ଅନେକ ପୋଷକ ତତ୍ତ୍ୱ ଭରପୁର ରହିଥାଏ । ଏଥିରେ ଥିବା କ୍ୟାଲୟିୟମ୍ ହାଡ ଓ ଦାନ୍ତକୁ ମଜବୁତ କରିଥାଏ । ଭିଟାମିନ୍ – ଡି କ୍ୟାଲସିୟମ୍ ଅବଶୋଷଣ କରିବାରେ ସହାୟକ କରେ । ଖରାଦିନେ ଦହି ପଖାଳ ଖାଇବା ଦ୍ୱାରା ଆମକୁ ଆକ୍ଟିଭ ଅନୁଭବ ହୋଇଥାଏ ।

**ଶରୀର ଓ ପେଟକୁ ଠିକ୍ ରଖିଥାଏ :** କେତେକ ସଂସ୍କୃତିରେ ଦହି ପଖାଳକୁ ଥଣ୍ଡା ଖାଦ୍ୟ ବୋଲି ବିବେଚନା କରାଯାଏ । ଏହା ଗରମ ଦିନରେ ଖାଇବାଫଳରେ ପେଟକୁ ଥଣ୍ଡା ରଖିବା ସହ ଆରାମ ପ୍ରଦାନ କରିଥାଏ । ଦହି ପଖାଳ ଶରୀରକୁ ଥଣ୍ଡା ରଖି ଶରୀରର ତାପମାତ୍ରାକୁ ମଧ୍ୟ ନିୟନ୍ତ୍ରଣ ରଖିବାରେ ସାହାଯ୍ୟ କରିଥାଏ ।

**ଓଜନକୁ ନିୟନ୍ତ୍ରଣ ରଖିଥାଏ :** ଦହି ପଖାଳରେ ଥିବା ପ୍ରୋବାୟୋଟିକ୍ସ କେବଳ ହଜମ କରିବାରେ ସାହାଯ୍ୟ କରିନଥାଏ ବରଂ ଓଜନ ପାଇଁ ଲାଭକାରୀ ହୋଇଥାଏ । ଶରୀରରେ ତାପମାତ୍ରାକୁ ନିୟନ୍ତ୍ରଣ କରିଥାଏ । ଏଥି ସହ ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ମଜବୁତ କରି ରଖିଥାଏ । ଏଥିରେ ଅନେକ ପୋଷାକ ତତ୍ତ୍ୱ ରହିଛି । ଯାହା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ ହୋଇଥାଏ । ବିଶେଷକରି ଏହା ଖରାଦିନ ପାଇଁ ବେଷ୍ଟ ହୋଇଥାଏ ବୋଲି ଏହାକୁ ବିବେଚନା କରାଯାଏ । ସେଥିପାଇଁ ଖରାଦିନେ ପ୍ରତିଦିନ ଦହି ପଖାଳ ଆପଣଙ୍କ ଖାଦ୍ୟରେ ସାମିଲ କରିପାରିବେ ।

# ଭବାନୀପୁର ଶକ୍ତି ପୀଠ ଓ ଅର୍ପଣା ମାତା

ପ୍ରଜାପତି ଦକ୍ଷଙ୍କ ଯଜ୍ଞକୁଣ୍ଡରେ ଝାସ ଦେଇ ପ୍ରାଣତ୍ୟାଗ କରିଥିବା ଦେବୀ ସତୀଙ୍କ ମୃତଦେହ ୫୧ ଖଣ୍ଡରେ ପରିଣତ ହୋଇ ବିଭିନ୍ନ ସ୍ଥାନରେ ଛିଟିକି ପଡ଼ିଥିଲା । ଏସବୁ ସ୍ଥାନରେ ଶକ୍ତିପୀଠ ଗଢ଼ି ଉଠିଥିବା ବିଶ୍ୱାସ ରହିଛି । ମାତା ସତୀଙ୍କ ବାମ ପାଦର ପାଉଁଜି ଖସି ପଡ଼ିଥିବା ସ୍ଥାନଟି ଏବେ ବାଂଲାଦେଶରେ ରହିଛି । ଯାହା ଭବାନୀପୁର ଶକ୍ତିପୀଠ ନାମରେ ଖ୍ୟାତ । ଏହି ପବିତ୍ର ସ୍ଥାନଟି ବାଂଲାଦେଶର ବୋଗ୍ରା ଜିଲ୍ଲାର ଶେର୍‌ପୁର ଉପଜିଲ୍ଲା ଅଧୀନରେ ଥିବା କାରତୋୟା ନାମକ ଏକ ନଦୀ କୂଳରେ ରହିଛି । ଏଠାରେ ମାତା ଶକ୍ତିଙ୍କୁ ଅର୍ପଣ ଏବଂ ଭୈରବଙ୍କୁ ବାମନ ନାମରେ ପୂଜା କରାଯାଇଥାଏ ।





ଏହି ଶକ୍ତିପୀଠ ବିଷୟରେ ଏକ କିମ୍ବଦନ୍ତୀ ରହିଛି । ଥରେ ଭବାନୀପୁର ମନ୍ଦିର ଯେଉଁଠାରେ ଗଢ଼ି ଉଠିଛି ସେହି ସ୍ଥାନ ଦେଇ ଜଣେ ଶଙ୍ଖା ବେପାରୀ ଯାଉଥିଲା । ମନ୍ଦିର ନିକଟରେ ଥିବା ଏକ ପୋଖରୀ କୂଳରେ ଜଣେ ଝିଅ ସହ ଉକ୍ତ ଶଙ୍ଖାରିର ଦେଖାହେଲା । ଝିଅଟି ମୁଣ୍ଡରେ ସିନ୍ଦୂର ଟୋପା ଥିଲା । ଝିଅଟି ନିଜକୁ ରାଜାଙ୍କ ଝିଅ ବୋଲି କହିବା ସହ ଉକ୍ତ ଶଙ୍ଖାରି ଠାରୁ ହଳେ ଶଙ୍ଖା କିଣିଲା । ଶଙ୍ଖାର ମୂଲ୍ୟ ରାଜପ୍ରସାଦର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା ଏକ ବାକ୍ସରୁ ନେଇଯିବା ପାଇଁ ଝିଅଟି ଉକ୍ତ ଶଙ୍ଖାରିକୁ କହିଲା । ଶଙ୍ଖାରି ରାଜପ୍ରସାଦକୁ ଯାଇ ରାଣୀଙ୍କୁ ଏ ବିଷୟରେ ସୂଚନା ଦେଇଥିଲା । ଏହା ପରେ ପାରିଷଦବର୍ଗ ଓ ଶଙ୍ଖାରି ସେହି ପୋଖରୀ କୂଳକୁ ଆସିଥିଲେ । ହେଲେ ଝିଅଟିକୁ କେଉଁଠି ପାଇ ନଥିଲେ । ଶଙ୍ଖାରି ପ୍ରାର୍ଥନା ଶୁଣି ମନ୍ଦିର ନିକଟସ୍ଥ ସେହି ପୋଖରୀ ଭିତରୁ ମା' ଭବାନୀ ପ୍ରକଟ ହୋଇ ନିଜ ହାତରେ ପିନ୍ଧିଥିବା ଶଙ୍ଖା ଦୁଇ ପଟ ଦେଖାଇଥିଲେ । ଏହା ଦେଖି ରାଣୀ ଓ ପାରିଷଦ ବର୍ଗ ଆଶ୍ଚର୍ଯ୍ୟ ହୋଇଯାଇଥିଲେ । ସେବେଠାରୁ ଉକ୍ତପୀଠଟି ବେଶ୍ ପ୍ରସିଦ୍ଧ ହୋଇପାରିଛି । ଭବାନୀପୁର ଶକ୍ତିପୀଠରେ ମୂଳ ମନ୍ଦିର ସମେତ ଅନ୍ୟ ଦେବାଦେବୀଙ୍କ ମନ୍ଦିର ମଧ୍ୟ ରହିଛି ।

## ଦିଅଁ ପୂଜାରେ ଫୁଲ ବ୍ୟବହାରର କାରଣ

ସନାତନ ଧର୍ମରେ ପ୍ରତୀମା ପୂଜାର ପରମ୍ପରା ଆରମ୍ଭରୁ ଚାଲିଆସିଛି । ଠାକୁରଙ୍କ ମୂର୍ତ୍ତି ପୂଜା ସମୟରେ ଫୁଲ ଚଢ଼ାଇବାର ପରମ୍ପରା ମଧ୍ୟ ବହୁଦିନରୁ ପ୍ରଚଳିତ । ତେବେ ଏହି ପରମ୍ପରା କାହିଁକି ପାଳନ କରାଯାଏ, ସେ ସମ୍ପର୍କରେ ଶାସ୍ତ୍ରରେ ବର୍ଣ୍ଣନା ରହିଛି । ଶାସ୍ତ୍ରରେ ଫୁଲ ସମ୍ପର୍କରେ କୁହାଯାଇଛି "ପୁଣ୍ୟ ସଂବର୍ଦ୍ଧନାଚ୍ଚାପି ପାପୌଦ୍ଧପରିହାରତ । ପୁଷ୍କଳାର୍ଥପ୍ରଦାନାର୍ଥ ପୁଷ୍ପମିତ୍ୟଭିଧୀୟତେ" । ଏହାର ଅର୍ଥ ହେଉଛି ପୁଣ୍ୟ ବୃଦ୍ଧି କରିବା, ପାପ ଭାର କମାଇବା ଏବଂ ଫଳ ପ୍ରଦାନ କରୁଥିବା ହେତୁ ଏହାକୁ ଫୁଲ କୁହାଯାଇଥାଏ । "ଦେବସ୍ୟ ମସ୍ତକଂ କୁର୍ଯ୍ୟାତ୍‌କୁସୁମୋପହିତଂ ସଦା" । ଦେବତାଙ୍କ ମସ୍ତକ ସର୍ବଦା ଫୁଲ ଦ୍ୱାରା ସୁଶୋଭିତ ରହିବା ଆବଶ୍ୟକ । "ପୁଷ୍ପୈର୍ଦେବାଂ ପ୍ରସିଦନ୍ତି ପୁଷ୍ପେ ଦେବାଶ୍ଚ ସଂସ୍ଥିତା । ନ ରତ୍ନୈର୍ନ ସୁବର୍ଣ୍ଣେନ ନ ବିତ୍ତେନ ଚ ଭୂରିଣା, ତଥା ପ୍ରସାଦମାୟାତି ଯଥା ପୁଷ୍ପୈର୍ଜନାର୍ଦ୍ଦନ" । ଏହାର ଅର୍ଥ ଦେବତାମାନେ ରତ୍ନ, ସୁବର୍ଣ୍ଣ, ଭୂରି ଦ୍ରବ୍ୟ, ବ୍ରତ, ତପସ୍ୟା ଏବଂ ଅନ୍ୟ କୌଣସି ଜିନିଷ ଦ୍ୱାରା ଯେତେ ପ୍ରସନ୍ନ ହୋଇନଥାନ୍ତି, ଫୁଲ ଚଢ଼ାଇବା ଦ୍ୱାରା ତା'ଠାରୁ ଅଧିକ ପ୍ରସନ୍ନତା ଲାଭ କରିଥାନ୍ତି ।ଫୁଲ ଚଢ଼ାଇବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି । ଫୁଲର ସୁଗନ୍ଧ ଦ୍ୱାରା ଘରର ବାତାବରଣ ମହକି ଉଠିଥାଏ । ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ । ମସ୍ତିଷ୍କରେ ସର୍ବଦା ସକାରାତ୍ମକ ବିଚାର ଆସିଥାଏ । ନକାରାତ୍ମକ ଶକ୍ତିର ପ୍ରଭାବ ଘରୁ ନଷ୍ଟ ହୋଇଯାଇଥାଏ । ଫଳରେ ଜୀବନ ଜିଇଁବା ପାଇଁ ପ୍ରେରଣା ପ୍ରାପ୍ତ ହୋଇଥାଏ । ଫୁଲର ଆୟୁଷ କମ୍ ହୋଇଥାଏ । କିନ୍ତୁ ମଉଳିଯିବା ପୂର୍ବରୁ ଏହାର ସୁଗନ୍ଧ ବାତାବରଣକୁ ମହକାଇ ଦେଇଥାଏ । ଏଣୁ ଆମେ ଜୀବନରେ ସର୍ବଦା ଏଭଳି ବଞ୍ଚିବା ଉଚିତ୍, ଯେପରି ଆମ ଆଖପାଖରେ ଥିବା ଲୋକମାନେ ସୁଖ ଲାଭ କରନ୍ତୁ ।ବାସ୍ତୁ ଶାସ୍ତ୍ର ଅନୁଯାୟୀ ଘରେ ବଗିଚା ରହିବା ଅନିର୍ବାଯ୍ୟ । ବଗିଚା ଅନେକ ବାସ୍ତୁ ଦୋଷ ଦୂର କରିଥାଏ । ଘର ଆଗରେ ବ୍ରହ୍ମକମଳ, ଗୁଡହଲ୍, ମିଠା ନିମ୍ବ, ଚାନ୍ଦିନୀ ଆଦି ବୃକ୍ଷ ଲାଗାଇଲେ ବାସ୍ତୁ ଦୋଷ ଦୂର ହୁଏ । ଏହା ବ୍ୟତୀତ ପାରିଜାତ, ମୋଗରା, ଗେଣ୍ଡୁ, ସେବତୀ ଫୁଲ ଘର ଅଗଣାରେ ରହିବା ଶୁଭ ହୋଇଥାଏ । ଏହି ସବୁ ଫୁଲ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି କରିଥାନ୍ତି । ଫଳରେ ପରିବାରରେ ସର୍ବଦା ହସଖୁସିର ବାତାବରଣ ରହିଥାଏ ।



# କଳା ଓ ସଂସ୍କୃତିର ଶକ୍ତିକୁ ଉଜାଗର କରିଛି ଧଉଳିକଳିଙ୍ଗ ମହୋତ୍ସବ

**ଭୁବନେଶ୍ୱର,୧୦।୨ (ମହାଭାରତ):** ଓଡିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଏବଂ ଆର୍ଟ ଭିଜନର ମିଳିତ ଉଦ୍ୟମରେ ଐତିହାସିକ ଧଉଳୀ ପାହାଡ଼ର ପାଦଦେଶରେ ଆୟୋଜିତ ୨୨ତମ ଧଉଳୀ କଳିଙ୍ଗ ମହୋତ୍ସବ ଉଦଯାପିତ ହୋଇଯାଇଛି। ଉଦଯାପନୀ ସମାରୋହରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗ ଦେଇଥିଲେ। ଓଡ଼ିଶା ଡ୍ୟାନ୍ସ ଏକାଡେମୀର ସେକ୍ରେଟାରୀ ଡ. ଅରୁଣା ମହାନ୍ତି ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ପ୍ରାରମ୍ଭରେ ରାଜ୍ୟପାଳ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରସିଦ୍ଧ ନାଟ୍ୟକାର ଅନନ୍ତ ମହାପାତ୍ରଙ୍କୁ ନାଟକ କ୍ଷେତ୍ରରେ ତାଙ୍କର ମହନୀୟ ଅବଦାନ ପାଇଁ ବୁଦ୍ଧ ସମ୍ମାନ ପ୍ରଦାନ କରିଥିଲେ। ସେହିପରି ପୂର୍ବତନ ଭାରତୀୟ କୂଟନୀତିଜ୍ଞ ଏବଂ ଭାରତୀୟ ପରଫର୍ମିଙ୍ଗ ଆର୍ଟର ଜଣେ ପ୍ରମୁଖ ପୃଷ୍ଠପୋଷକ ଲଳିତ ମାନସିଂହଙ୍କୁ ସ୍ୱର୍ଣ୍ଣ ସ୍ମାରକୀ ସମ୍ମାନ ଦ୍ୱାରା ସମ୍ମାନିତ କରିଥିଲେ। ଏହି ଅବସରରେ ରାଜ୍ୟପାଳ ମହୋତ୍ସବର ଶେଷ ପର୍ଯ୍ୟାୟରେ ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ




କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ବିଜୟ କେତନ ଉପାଧ୍ୟାୟ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଛନ୍ତି ଯେ, ଧଉଳିକଳିଙ୍ଗ ମହୋତ୍ସବ କଳାକାର ଏବଂ ଦର୍ଶକମାନଙ୍କୁ ସମନ୍ୱୟର ଭାବନାରେ ଏକତ୍ର କରି ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟର ପ୍ରଚାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଏହି ମହୋତ୍ସବ କଳା ଓ ସଂସ୍କୃତିର ଶକ୍ତିକୁ ଉଜାଗର କରି ଶାନ୍ତି ଏବଂ ସାଂସ୍କୃତିକ ଆଦାନ ପ୍ରଦାନକୁ ପ୍ରୋତ୍ସାହନ ଯୋଗାଉଛି ବୋଲି ରାଜ୍ୟପାଳ ଉଲ୍ଲେଖ କରିଛନ୍ତି। ଶେଷ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଓଡ଼ିଶା ଡ୍ୟାନ୍ସ ଏକାଡେମୀର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ଶାସ୍ତ୍ରୀୟ, ଲୋକ ଏବଂ ସମସାମୟିକ ଶୈଳୀର ମିଶ୍ରଣପଥ ରାଜପଥ। ଏହା ହେଉଛି ଭାରତର କାଳଜୟୀ ସୃଷ୍ଟିର ଭାବନା ମାଧ୍ୟମରେ ଏକ ଯାତ୍ରା, ମନ୍ଦିର ତିଆରି କରୁଥିବା କାରିଗର ଠାରୁ ଆରମ୍ଭ କରି ସହର ଏବଂ ରାଜପଥ ନିର୍ମାଣ କରିଥିବା ଶ୍ରମିକ ପର୍ଯ୍ୟନ୍ତ। ଏହା ନୀଳମାଧବଙ୍କ ଆଦିବାସୀ କଳା ସ୍ଥାପତ୍ୟ, ବିଶ୍ୱକର୍ମାଙ୍କ ଦିବ୍ୟ କାରିଗରୀରୁ ଦ୍ରାବିଡ ଏବଂ କଳିଙ୍ଗ ଶୈଳୀ ପର୍ଯ୍ୟନ୍ତ କଳା ଏବଂ ସ୍ଥାପତ୍ୟର ବିବର୍ତ୍ତନକୁ ଚିହ୍ନଟ କରେ

# 'ହାତରେ ହାତ ମିଳାଇ, ଆସ କରିବା ସଫେଇ'

**ଭୁବନେଶ୍ୱର,୧୦।୨ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଆଜି ସ୍ୱେଚ୍ଛାସେବୀ ସଂଗଠନର ଆଇଇସି ଆସିଷ୍ଟାଣ୍ଟ, ଆଇଇସି କୋଅର୍ଡିନେଟର, କୋର୍ ମେମ୍ବରଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମେୟର ଶ୍ରୀମତୀ ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ପରିମଳ ଡେପୁଟି କମିଶନର ଏନ୍. ଗଣେଶ ବାବୁ, ସହକାରୀ କମିଶନର ଲୋକନାଥ ବେଜ୍ ମଞ୍ଚାସୀନ ଥିଲେ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୫-୨୬ ପାଇଁ ଆଇଇସି କାର୍ଯ୍ୟକ୍ରମକୁ ଯୋରଦାର କରିବାକୁ ସ୍ୱେଚ୍ଛାସେବୀ ସଂଗଠନ ବିକାଶ, ବେସିକ୍ସ, ଫିଡବ୍ୟାକର କର୍ମକର୍ତ୍ତା ତଥା ତୃଣମୂଳସ୍ତରରେ କାର୍ଯ୍ୟକରୁଥିବା ସମସ୍ତ ଆଇଇସି ଆସିଷ୍ଟାଣ୍ଟ, ୱେଇକ୍ଲି କୋଅର୍ଡିନେଟର, ସ୍ୱେଚ୍ଛାସେବୀ ସଂଗଠନର ମୁଖ୍ୟଙ୍କୁ ନେଇ ଦକ୍ଷତା ବିକାଶ ତାଲିମ ଅନୁଷ୍ଠିତ ହୋଇଯାଇଛି । ସେମାନେ ଘରକୁ ଘର ଯାଇ ଲୋକମାନଙ୍କୁ ବର୍ଜ୍ୟ ଅଲଗା ଅଲଗା କରି ଦେବାସହ ଘରେ ନିୟମ ଅନୁଯାୟୀ ୪ ପ୍ରକାର ଡଷ୍ଟବିନ ରଖିବା ପାଇଁ ଲୋକମାନଙ୍କୁ ପ୍ରବର୍ତ୍ତାଇବେ । ଗ୍ରୀନ ଡଷ୍ଟବିନରେ ଓଦା ବର୍ଜ୍ୟ ରଖିବା ସହ ବ୍ଲୁ ଡଷ୍ଟବିନରେ ସୁଖିଲା, ଲାଲରେ ସାନିଟାରୀ ନାପକିନ୍ ଓ ବ୍ଲାକ ଡଷ୍ଟବିନରେ ବିପଦପୂର୍ଣ୍ଣ ବର୍ଜ୍ୟବସ୍ତୁ ରଖିବା ପାଇଁ କୁହାଯାଇଛି । ବିଶେଷ କରି ଗୃହିଣୀମାନଙ୍କୁ ସଚେତନ କରାଇବାର ଆବଶ୍ୟକତା ରହିଛି ବୋଲି ଅତିରିକ୍ତ କମିଶନର ଶ୍ରୀ ଦାସ ବୁଝାଇଥିଲେ । ସମସ୍ତ କର୍ମଚାରୀ ଓ ସଂଗଠନ ନିଜ ନିଜର ସୋସିଆଲ ମିଡିଆକୁ ସକ୍ରିୟ କରିବା ପାଇଁ ପରାମର୍ଶ ଦେଇଛନ୍ତି କମିଶନର ଶ୍ରୀ ଚଞ୍ଚଳ ରାଣା । ଏହାଦ୍ୱାରା ସାଧାରଣ ଲୋକଙ୍କଠାରୁ ଅଧିକରୁ ଅଧିକ ଅଭିଯୋଗ ଆସିବ ଏବଂ ଲୋକମାନେ କରୁଥିବା ଅଭିଯୋଗକୁ ତୁରନ୍ତ ସମାଧାନ କରିବା ସହଜ ହେବ । ତେଣୁ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ସେମାନଙ୍କର ଅଫିସିଆଲ ଫେସବୁକ୍, ଇନଷ୍ଟାଗ୍ରାମ, ଏକ୍ସ, ୟୁଟ୍ୟୁବ୍ ଆଦି ସୋସିଆଲ ମିଡିଆକୁ ସକ୍ରିୟ ରଖିବା ସହ ସମସ୍ତ କର୍ମଚାରୀ ମଧ୍ୟ ନିଜ ନିଜର ବ୍ୟକ୍ତିଗତ ସୋସିଆଲ ମିଡିଆକୁ ଆକ୍ଟିଭ ରଖିବା ପାଇଁ କୁହାଯାଇଛି । ସ୍ୱେଚ୍ଛାସେବୀ ସଂଗଠନର ଜଣେ ସ୍ୱତନ୍ତ୍ର କର୍ମଚାରୀ ସୋସିଆଲ ମିଡିଆ ହ୍ୟାଣ୍ଡେଲ ତଦାରଖ କରିବେ । ଯେଉଁଠାରୁ ଯାହା ଅଭିଯୋଗ ଆସିବ, ତୁରନ୍ତ ତାର ସମାଧାନ କରିବେ । ଏହାକୁ ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ ଓ କର୍ମଚାରୀ ସ୍ୱାଗତ ଜଣାଇଛନ୍ତି। ଭୁବନେଶ୍ୱର ମହାନଗର ନିଗମ ୮୪ରୁ ଏବେ ୯ମ ସ୍ଥାନକୁ ଉନ୍ନିତ ହୋଇଛି । ସ୍ୱଚ୍ଛ କର୍ମୀ, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, ସମସ୍ତ ଏଜେନ୍ସି, ସ୍ୱେଚ୍ଛାସେବୀ ସଂଗଠନ, ଟିମ୍ ବିଏମ୍ ସି ସର୍ବୋପରି ଭୁବନେଶ୍ୱର ଜନସାଧାରଣଙ୍କ ସହଯୋଗ ପାଇଁ ଏହି ସଫଳତା ମିଳିପାରିଛି । ତେଣୁ ଚଳିତ ବର୍ଷ ଭୁବନେଶ୍ୱର ସମସ୍ତ ନାଗରିକ, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧି, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସମାଜସେବୀ, ମାର୍କେଟ ଆସୋସିଏସନ, ଆବାସିକ ସଂଗଠନ, ଏସଏଚଜି, ବଜାର ଆସୋସିଏସନ, ଭେଣ୍ଡିଂଜୋନ୍ ଆସୋସିଏସନ, ବସ୍ତିବାସିନ୍ଦା ସଂଗଠନ ସର୍ବୋପରି ବ୍ୟକ୍ତି ବିଶେଷ ସହଯୋଗ କରିବା ସହ ଭୁବନେଶ୍ୱରକୁ ଦେଶର ଏକ ନମ୍ବର ସହର ଭାବେ ଗଢିତୋଳିବାକୁ ଆହ୍ୱାନ ଦେଇଛନ୍ତି ମେୟର ଶ୍ରୀମତୀ ସୁଲୋଚନା ଦାସ । ନିଜ ନିଜ ୱାର୍ଡରେ ଯେପରି ଲୋକମାନେ ଶତପ୍ରତିଶତ ବର୍ଜ୍ୟ ଅଲଗା ଅଲଗା କରି ଦିଅନ୍ତି ସେଥିପ୍ରତି ସମସ୍ତେ ଦୃଷ୍ଟିଦେବା ଦରକାର।

# ସହାୟର ପରିଚାଳନା କମିଟି ବୈଠକ

**ଭୁବନେଶ୍ୱର,୧୦।୨ (ମହାଭାରତ):** 'ସହାୟ'ର ପରିଚାଳନା କମିଟି ବୈଠକ କ୍ୟାପିଟାଲ ହସ୍ପିଟାଲର ଏସଆଇଡିଆର କ୍ୟାମ୍ପସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବିଦ୍ୟାଳୟ ଏବଂ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ; ଏବଂ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ (ଏସଏସଇପିଡି) ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଧ୍ୟକ୍ଷତା କରି ଛାତ୍ରମାନଙ୍କ ବିକାଶରେ 'ସହାୟ'ର ପ୍ରୟାସକୁ ପ୍ରଶଂସା କରିଥିଲେ ଏବଂ ବୌଦ୍ଧିକ ଅକ୍ଷମ ବ୍ୟକ୍ତିମାନଙ୍କ ପାଇଁ ସେବାକୁ ସୁଦୃଢ଼ କରିବା ପାଇଁ ନିରନ୍ତର ସମର୍ଥନ ପ୍ରଦାନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ଏହି ବୈଠକରେ 'ସହାୟ'ର କାର୍ଯ୍ୟକ୍ରମ ଏବଂ ଭବିଷ୍ୟତ ବିକାଶ ସମ୍ବନ୍ଧୀୟ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା। ପ୍ରକାଶଯୋଗ୍ୟ ଯେ, ଭାରତୀୟ ରେଡକ୍ରସ୍ ସୋସାଇଟିର ଓଡ଼ିଶା ରାଜ୍ୟ ଶାଖା ଅଧୀନରେ କାର୍ଯ୍ୟ କରୁଥିବା 'ସହାୟ' କଟକର ମଙ୍ଗଳାବାଗରେ ବୌଦ୍ଧିକ ଅକ୍ଷମ ପିଲାମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ବିଦ୍ୟାଳୟ, ଏକ ବୃତିଗତ ତାଲିମ କେନ୍ଦ୍ର ଏବଂ ଏକ ଚିକିତ୍ସା ୟୁନିଟ୍ ପରିଚାଳନା କରିଥାଏ ।

ଏସଏସଇପିଡି ବିଭାଗର ପ୍ରମୁଖ ଶାସନ ସଚିବ ଆର.ଏସ. ଗୋପାଳନ ଏବଂ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକଟି 'ସହାୟ'ର ଅବୈତନିକ ସଚିବ ଶ୍ରୀମତୀ ମୃଣାଳିନୀ ପାଢୀଙ୍କ ଦ୍ୱାରା ଆୟୋଜିତ ହୋଇଥିଲା ଏବଂ 'ସହାୟ'ର କୋଷାଧ୍ୟକ୍ଷ ଶ୍ରୀମତୀ ଇନା ପୁରୋହିତଙ୍କ ଦ୍ୱାରା ବରିଷ୍ଠ ଅଧିକାରୀ ଏବଂ ପରିଚାଳନା କମିଟିର ସଦସ୍ୟଙ୍କ ଉପସ୍ଥିତିରେ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଥିଲା।

# ଶିକ୍ଷା ହିଁ ସମାଜର ମୁକ୍ତିର ମାର୍ଗ : ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୦।୨ (ମହାଭାରତ):** ଶିକ୍ଷା ହିଁ ସମାଜର ମୁକ୍ତିର ମାର୍ଗ। ସ୍ୱାଧୀନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କ ଭଳି ଜନନାୟକମାନେ ବିଶ୍ୱାସ କରୁଥିଲେ ଯେ କେବଳ ପାଠ ପଢ଼ିବା ଶିକ୍ଷା ନୁହେଁ, ବରଂ ଶିକ୍ଷା ହେଉଛି ଅନ୍ଧକାରରୁ ଆଲୋକକୁ ଯିବାର ଏକ ମାଧ୍ୟମ। ଏହି ବିଚାରରେ ସେ କଣିହାଁ ଠାରେ ଏକ ଶିକ୍ଷାନୁଷ୍ଠାନ ସଦୃଶ ଏକ ମଞ୍ଜି ବୁଣିଥିଲେ, ଯାହା ଏବେ ପିଏମ୍ ପବିତ୍ର ମୋହନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ନାମରେ ନାମିତ ହୋଇ ବଟବୃକ୍ଷର ରୂପ ନେଇଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଅନୁଗୋଳ ଜିଲ୍ଲା କଣିହାଁ ସ୍ଥିତ ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ତଥା 'ପ୍ଲାଟିନମ୍ ଜୁବିଲି' ସମାରୋହରେ ଓଡ଼ିଶାର ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟିଙ୍କ ସହ ଯୋଗଦେବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । ସେ କହିଛନ୍ତି, ଆଜି କେବଳ ଏହି ଅନୁଷ୍ଠାନର ୭୫ ବର୍ଷ ପୂର୍ତ୍ତିର ଉତ୍ସବ ନୁହେଁ,



ବରଂ ଆଜି ହେଉଛି ଏହି ମାଟିର ମହାନ ସଂଗ୍ରାମୀ, ଆମ ସମସ୍ତଙ୍କର ପ୍ରେରଣାର ସ୍ରୋତ ତଥା ପ୍ରଜାମଣ୍ଡଳ ଆନ୍ଦୋଳନର ପୁରୋଧା ପବିତ୍ର ମୋହନ ପ୍ରଧାନଙ୍କ ପବିତ୍ର ଜୟନ୍ତୀ। ତାଙ୍କ ଦ୍ୱାରା ଗଢା ହୋଇଥିବା ଶିକ୍ଷାନୁଷ୍ଠାନରୁ ପାଠପଢି ଆମ ଅଂଚଳର ପିଲାମାନେ ଡାକ୍ତର ହେବା ସହ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି, ଯାହା ଏକ ବଡ଼ ଉପଲବ୍ଧି। ନିଜ ଅଭିଭାଷଣରେ ଶ୍ରୀ ପ୍ରଧାନ ଆଗାମୀ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ ବିଷୟରେ ଆଲୋକପାତ କରିଛନ୍ତି। ସେ କହିଛନ୍ତି ଯେ ୨୦୩୬ ମସିହାରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ ଏବଂ ୨୦୪୭ରେ ଦେଶ ସ୍ୱାଧୀନତାର ଶତାବ୍ଦୀ ପୂରଣ କରିବ। ସେହି ସମୟରେ ଏହି ଶିକ୍ଷାନୁଷ୍ଠାନର ଦାୟିତ୍ୱ ଆହୁରି ଅଧିକ ରହିବ । ଆମର ଯୁବପିଢ଼ି କେବଳ ଚାକିରି ପଛରେ ନଗୋଡ଼ାଇ 'ୱେଲଥ କ୍ରିଏଟର' ବା ଉଦ୍ୟୋମୀ ହେବା ପାଇଁ ସଂକଳ୍ପ କରିବା ଉଚିତ୍। ସମସ୍ତେ ପବିତ୍ର ମୋହନ ପ୍ରଧାନଙ୍କ ଆଦର୍ଶ ଓ ପ୍ରେରଣାରେ ଉଦବୁଦ୍ଧ ହୋଇ ଏହି ଅଂଚଳରେ ଶିକ୍ଷାର ବ୍ୟାପକ ବିକାଶ କରାଇବା ପାଇଁ ସେ ଆହ୍ୱାନ କରିଛନ୍ତି। ଉତ୍ସବ ଅବସରରେ ବିଦ୍ୟାଳୟର ବାର୍ଷିକ ସ୍ମରଣିକା ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଆଧାରିତ ଏକ ପୁସ୍ତକ ଉନ୍ମୋଚନ କରାଯାଇଥିଲା।

# ରାଜ୍ୟ ଅବକାରୀ କ୍ରୀଡା ସମାରୋହ ଉଦଯାପିତ

**ଭୁବନେଶ୍ୱର,୧୦।୨ (ମହାଭାରତ):** କଟକସ୍ଥିତ ସତ୍ୟବ୍ରତ ଷ୍ଟାଡିୟମରେ ଦୁଇଦିନ ଧରି ଚାଲିଥିବା ଅବକାରୀ ବିଭାଗର ୫୧ ତମ ବାର୍ଷିକ କ୍ରୀଡା ଉତ୍ସବ ଆଜି ମହାସମାରୋହରେ ଉଦଯାପିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ଅବକାରୀ ସିପାହୀ, ଦିଲିପ କୁମାର ସାମନ୍ତ ଦଶ ପଏଂଟ ପାଇ ପୁରୁଷ ବର୍ଗରେ ବ୍ୟକ୍ତିଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଅବକାରୀ ଗୁଇନ୍ଦା ସଂସ୍ଥାରେ କାର୍ଯ୍ୟରତ ଅବକାରୀ ସିପାହୀ ରୋଜାଲିନ୍ ବେହେରା ଦଶ ପଏଂଟ ପାଇ ମହିଳା ବର୍ଗରେ ବ୍ୟକ୍ତିଗତ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ମୟୂରଭଞ୍ଜ ଅବକାରୀ ଜିଲ୍ଲା ୩୧ ପଏଂଟ ପାଇ ରାଜ୍ୟ ସ୍ତରୀୟ ଚମ୍ପିଆନ ହୋଇଥିବା ବେଳେ ନବରଙ୍ଗପୁର ଅବକାରୀ ଜିଲ୍ଲା ୨୦ ପଏଂଟ ପାଇ ରନର୍ସ ଅପ ହୋଇଛି ଓ

ଆଜିର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଏସବିସିଏଲର ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର ପ୍ରଧାନ, ସମ୍ମାନିତ




ଅତିଥି ଭାବେ ଅବକାରୀ ଆୟୁକ୍ତ, ଓଡିଶା, ଶ୍ରୀମତୀ ପି. ଅନ୍ୱେଷା ରେଡ୍ଡି, ଅବକାରୀ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଅର୍ଚ୍ଚନା ଦାସ ପଟ୍ଟନାୟକ ଏବଂ ଭାରତୀୟ କନିଷ୍ଠ ମହିଳା ଫୁଟବଲ ଦଳର କୋଚ ଶୁଶ୍ରୀ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ଉପସ୍ଥିତ ରହି ନିଜର ବକ୍ତବ୍ୟ ପ୍ରଦାନ କରିବା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ ଓ ଉତ୍ସବରେ ଅବକାରୀ ବିଭାଗ, ଅବକାରୀ ନିର୍ଦ୍ଦେଶାଳୟ ଓ ଡଫଇଉଖ ର ଅଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଓଡିଶାର ସମସ୍ତ ୩୩ଟି ଅବକାରୀ ଜିଲ୍ଲା ଓ ୪ଟି ୟୁନିଟରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ୮୦୯ ଜଣ ପୁରୁଷ ପ୍ରତିଯୋଗୀ ୧୬ଟି ବିଭାଗରେ ଏବଂ ୧୮୧ ଜଣ ମହିଳା ପ୍ରତିଯୋଗୀ ୧୧ଟି ବିଭାଗରେ ଅଂଶଗ୍ରହଣ କରିଥିଲେ । ଏହି ପ୍ରତିଯୋଗିତା ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ ମି ଦୌଡ଼, ୨୦୦ ମି ଦୌଡ଼, ୪୦୦ ମି ଦୌଡ଼, ୮୦୦ ମି ଦୌଡ଼, ୧୫୦୦ ମି ଦୌଡ଼, ୩୦୦୦ ମି ଦୌଡ଼, ଲମ୍ବା ଡିଆଁ, ଉଚ୍ଚ ଡ଼ିଆଁ, ଟ୍ରିପଲ ଜମ୍ପ, ଶଟ ପୁଟ ଥ୍ରୋ, ଡିସ୍କସ ଥ୍ରୋ, ଜାଭେଲିନ ଥ୍ରୋ, ଭୋଲି ବଲ୍, ବ୍ୟାଡମିଂଟନ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା ।

# ରାଜ୍ୟରେ ଆଇନ୍ ଶୃଙ୍ଖଳା ବୋଲି କିଛି ନାହିଁ

**ଭୁବନେଶ୍ୱର,୧୦।୨ (ମହାଭାରତ):** ଗତ ଦୁଇ ଦିନ ଧରି ରାଜ୍ୟରେ ଯେଉଁଭଳି ଭାବେ ସ୍ପର୍ଶକାତର ଓ ହୃଦୟବିଦାରକ ଘଟଣା ଘଟିଯାଇଛି, ଏଥିରୁ ସ୍ପଷ୍ଟ ହେଉଛି ରାଜ୍ୟରେ ଆଉ ଆଇନ ଶୃଙ୍ଖଳା ବୋଲି କିଛି ନାହିଁ ଏବଂ ସରକାର ନିଘୋଡ ନିଦରେ ଶୋଇଛନ୍ତି ବୋଲି ବିଜେଡି କହିଛି । ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ପ୍ରଦୀପ ଦିଶାରୀ ଓ ବିଧାୟିକା ଶ୍ରୀମତୀ ମନୋରମା ମହାନ୍ତି କହିଥିଲେ ଯେ, ସୁନ୍ଦରଗଡ ଜିଲ୍ଲା ବିଶ୍ରା ଥାନା ଅଞ୍ଚଳରେ ଏକ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଗଣବଳାତ୍କାର କରି ମୁର୍ମୁଷୁ ଅବସ୍ଥାରେ ଜଙ୍ଗଲରେ ଫୋପାଡି ଦେଇଥିଲେ । ଦୁଷ୍କର୍ମ ପରେ ଜୋରଜବରଦସ୍ତ ବିଷ ପିଆଇ ଦିଆଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି । ମୃତ ଛାତ୍ରୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳିବାରେ ବିଳମ୍ବ ହେବାରୁ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି।

ସେହିପରି ଶ୍ରୀ ଦିଶାରୀ ଆହୁରି କହିଥିଲେ ଯେ, ଶାସକ ବିଜେପି ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇ ଦୁଇ ଜଣଙ୍କ ଜୀବନ ଚାଲି ଯାଇଛି । ପୋଲିସର ନିଷ୍କ୍ରିୟତା ଲାଗି




ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ ହୋଇଛି । ଅନ୍ୟପକ୍ଷରେ ବରଗଡରେ ବିଧାୟକଙ୍କ ପୁଅ, ଧାରଣାରତ ଚାଷୀଙ୍କ ଉପରେ ନୃଶଂସ ଭାବେ ଗାଡି ଚଢାଇ ଦେଇଥିଲେ । ଶାସକ ଦଳର ବିଧାୟକଙ୍କ ପୁଅ ବୋଲି ଆଇନ ଶୃଙ୍ଖଳାକୁ ଭ୍ରୁକ୍ଷେପ ନକରି ଏଭଳି ଔଦ୍ଧତ୍ୟପୂର୍ଣ୍ଣ ଓ ଅମାନବୀୟ କାଣ୍ଡ ଘିଆଇଛନ୍ତି । ବିଜେପି ଦଳ ଆଇନର ଶାସନକୁ କିଭଳି ସମ୍ମାନ ଦିଏ, ଏହା ତାହାର ଏକ ନମୁନା । ଲଗାତାର ଭାବେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବାବଦରେ ବିଜୁ ଜନତା ଦଳ ସରକାରଙ୍କୁ ସତର୍କ କରାଇ ଆସୁଥିଲେ ମଧ୍ୟ ପରିସ୍ଥିତିରେ କୌଣସି ଉନ୍ନତି ପରିଲକ୍ଷିତ ହେବା ପରିବର୍ତ୍ତେ ସ୍ଥିତି ଦିନକୁ ଦିନ ବିଗିଡିବାରେ ଲାଗିଛି ।

# ସହରାଞ୍ଚଳ ପାର୍କର ବଦଳିବ ରୂପରେଖ

**ଭୁବନେଶ୍ୱର,୧୦।୨ (ମହାଭାରତ):** ରାଜ୍ୟର ସହରାଂଚଳରେ ଜୀବନଧାରଣର ମାନ ବୃଦ୍ଧି ଏବଂ ସର୍ବସାଧାରଣ ସମ୍ପତିର ସୁରକ୍ଷା ପାଇଁ ଏକ ବଡ଼ ପଦକ୍ଷେପ ନେଇଛନ୍ତି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର । କେବଳ ଭୁବନେଶ୍ୱର କିମ୍ବା କଟକ ନୁହେଁ, ବରଂ ଓଡ଼ିଶାର ସମସ୍ତ ପୌରାଞ୍ଚଳରେ ଥିବା ପାର୍କଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସାମଗ୍ରିକ ଉନ୍ନତି ପାଇଁ ଏକ ସମୟବଦ୍ଧ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ସେ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଅନେକ ସହରାଂଚଳରେ ପାର୍କଗୁଡ଼ିକର ରକ୍ଷଣାବେକ୍ଷଣରେ ଅବହେଳା ଓ ଭିତିଭୂମିର ଅବକ୍ଷୟକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ପାର୍କଗୁଡ଼ିକ କେବଳ ମନୋରଞ୍ଜନର ସ୍ଥାନ ନୁହେଁ, ଏହା ସହରର ସାମାଜିକ, ପରିବେଶ ଏବଂ ସାଂସ୍କୃତିକ ପରିଚୟ। ଏହା ନାଗରିକଙ୍କ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ସହ ସିଧାସଳଖ ଜଡ଼ିତ। ପ୍ରତିମୂର୍ତ୍ତିର ସମ୍ମାନ ପାର୍କରେ ସ୍ଥାପିତ ବିଶିଷ୍ଟ ବ୍ୟକ୍ତି ଓ ଐତିହାସିକ ଜନନାୟକଙ୍କ ପ୍ରତିମୂର୍ତ୍ତିଗୁଡ଼ିକର ଯତ୍ନ ନେବାକୁ ସେ ବିଶେଷ ଗୁରୁତ୍ୱ ଦେଇଛନ୍ତି। ଏଥିରେ ଅବହେଳା ଜନସାଧାରଣଙ୍କ ଭାବନା ଏବଂ ସାଂସ୍କୃତିକ ଐତିହ୍ୟ ପ୍ରତି ଅସମ୍ମାନ ବୋଲି ସେ କହିଛନ୍ତି। କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀ ଏବଂ ସଂସ୍ଥା ବିରୋଧରେ କଠୋର ଶୃଙ୍ଖଳାଗତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯେଉଁଠି ତ୍ରୁଟି ପରିଲକ୍ଷିତ ହେବ, ସେଠାରେ ଦାୟିତ୍ୱ ନିର୍ଦ୍ଧାରଣ କରାଯାଇ ଦଣ୍ଡବିଧାନ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ପାର୍କଗୁଡ଼ିକର ପୁନରୁଦ୍ଧାର ପାଇଁ ସ୍ପଷ୍ଟ ସମୟସୀମା ଓ ଗୁଣବତା ବଜାୟ ରଖିବାକୁ ସମସ୍ତ ପୌରାଞ୍ଚଳକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଉପରଠାଉରିଆ ସଜବାଜ ନୁହେଁ, ବରଂ ସ୍ଥାୟୀ ଉନ୍ନତି ପାଇଁ ନିୟମିତ ଯାଞ୍ଚ ଓ ବଜେଟ୍ ବ୍ୟବସ୍ଥା କରିବାକୁ ସେ କହିଛନ୍ତି।

# ଦେଶର ସମୃଦ୍ଧିରେ ସାମିଲ ହୁଅନ୍ତୁ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୧୦।୨ (ମହାଭାରତ):** ମଣିଷ ଜୀବନରେ ସଫଳତା ଓ ବିଫଳତା ଯୋଡ଼ି ହୋଇରହିଛି। ତେବେ ସଫଳ ମଣିଷ ଯେ ଭୁଲ କରିପାରିବ ନାହିଁ ଏବଂ ଗୋଟିଏ ଭୁଲ ମଣିଷକୁ ବିଫଳତା ଆଣିଦେବ ସେଭଳି ଚିନ୍ତାଧାରା ରଖିବା ଉଚିତ୍ ନୁହେଁ ବୋଲି କହିଛନ୍ତି ବିଶିଷ୍ଟ ଲେଖକ, ଅଭିନେତା, ସାମାଜିକକର୍ମୀ ଓ ପ୍ରେରଣାଦାୟୀ ବକ୍ତା ଶ୍ରୀ ଶିବ ଖେରା। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ (ଏସ୍‌ଏନ୍‌ଆଇଏଲ୍)ପକ୍ଷରୁ ଶନିବାର ଆୟୋଜିତ 'ସୋଆ ଲେକ୍ସ କନ୍‌ସିଲିୟମ୍-୨୦୨୬'ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇନ୍ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏଭଳି ଉକ୍ତି ରଖିଛନ୍ତି ଶ୍ରୀ ଖେରା। ଶ୍ରୀ ଖେରା ନିଜର ପ୍ରେରଣାଦାୟୀ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଛନ୍ତି ଯେ ଜୀବନରେ ୬ଟି କ୍ଷେତ୍ରରେ ଦୃଢ଼ତା ଆବଶ୍ୟକ। ଏହି କ୍ଷେତ୍ରଗୁଡ଼ିକ ହେଉଛି ଶାରୀରିକ, ମାନସିକ, ଭାବନାତ୍ମକ, ପାରସ୍ପରିକ ସମ୍ପର୍କ, ଆର୍ଥିକ ଏବଂ ଆଧ୍ୟାତ୍ମିକ ଦୃଢ଼ତା। ଏହା ମଧ୍ୟରୁ କୌଣସି ଗୋଟିଏ ଦୃଢ଼ତା ବାଦ ପଡ଼ିଲେ ମଣିଷର ଜୀବନ ଦୁର୍ବିସହ ହୋଇଯିବ ବୋଲି ଶ୍ରୀ ଖେରା କହିଛନ୍ତି।




ଶାରୀରିକ ଭାବେ ଦୃଢ଼ତା ମଣିଷକୁ ସୁସ୍ଥ ରଖିଥାଏ। ସେହିପରି ମାନସିକ ଦୃଢ଼ତା ସଫଳତା ଆଣିଥିବା ବେଳେ ଭାବନାତ୍ମକ ଦୃଢ଼ତା ଠିକ୍ ନିଷ୍ପତି ନେବାରେ ସହାୟକ ହୋଇଥାଏ। ପାରସ୍ପରିକ ସମ୍ପର୍କ ମଣିଷର ସବୁଠାରୁ ସମ୍ବଳ ହୋଇଥିବା ବେଳେ ପରସ୍ପର ମଧ୍ୟରେ ସମ୍ମାନ ରହିଲେ ହିଁ ସମ୍ପର୍କ ଦୃଢ଼ ହୁଏ ବୋଲି ସେ କହିଛନ୍ତି। ସେହିପରି ଆର୍ଥିକ ଦୃଢ଼ତାକୁ ପ୍ରାଧାନ୍ୟ ଦେଇ ଟଙ୍କା ମଣିଷ ଜୀବନରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି। ମାନସିକ ଶାନ୍ତି ପାଇଁ ଆଧ୍ୟାତ୍ମିକ ଦୃଢ଼ତା ମଧ୍ୟ ଆବଶ୍ୟକ ବୋଲି ଶ୍ରୀ ଖେରା ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ପରିପ୍ରେକ୍ଷୀରେ ସୋଆ ଲେକ୍ସ କନ୍‌ସିଲିୟମ୍‌ର ଏହି ଚତୁର୍ଥ ସଂସ୍କରଣ ଅବସରରେ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ସେହିପରି ଏସ୍‌ଏନ୍‌ଆଇଏଲ୍‌ର ଡିନ୍ ପ୍ରଫେସର ଏସ୍.ଏ.କେ ଆଜାଦ ଏବଂ ସୋଆର ନିର୍ଦ୍ଦେଶକ (କର୍ପୋରେଟ ରିଲେସନ୍ସ ଓ ଇଣ୍ଡଷ୍ଟ୍ରି ଏନ୍‌ଗେଜମେଂଟ) ଶ୍ରୀ ରାପ୍ତି ରଞ୍ଜନ ଦାଶ ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଦୁଇଟି କିନୋଟ ସେସନ୍ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସାର୍ଦ୍ଦୁଲ ଅମରଚାନ୍ଦ ମଙ୍ଗଳଦାସ ଆଣ୍ଡ କୋ'ର ପାର୍ଟନର ଶ୍ରୀ ସମ୍ରିଦ୍ଧା ନ୍ୟୁପାନେ ଓ ମାହେଶ୍ୱରୀ ଆଣ୍ଡ କୋ'ର ମୁଖ୍ୟ- କର୍ପୋରେଟ ପ୍ରାକ୍ଟିସ୍ ଶ୍ରୀମତି ଜ୍ୟୋସ୍ନା ଚତୁର୍ବେଦୀ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ କିନୋଟ ସେସନ୍‌ରେ ଆର୍କ୍ଷିଲ'ର ମ୍ୟାନେଜିଂ ପାର୍ଟନର ଶ୍ରୀମତି ସୁଚରିତା ବାସୁ, ଏଲ୍‌ପି ଆଣ୍ଡ କୋ'ର ଏଗ୍‌ଜିକ୍ୟୁଟିଭ ପାର୍ଟନର ଶ୍ରୀମତି ପ୍ରୀତି ରାଜୁ ରୋହିରା ସାମିଲ ହୋଇଥିଲେ।

# ମଣିପୁରରେ ପୁଣି ହିଂସା

ରାଜ୍ୟରେ ଜାତିଗତ ହିଂସାକୁ ରୋକିବାରେ ବିଫଳ ହେବା ପରେ ୨୦୨୫ ଫେବୃଆରୀରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ପରେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ଏହା ପୂର୍ବରୁ ପ୍ରାୟ ବର୍ଷେ ହେବ ରାଜ୍ୟରେ ହିଂସା ଏବଂ ଆନ୍ତ ଲାଗି ରହିଥିଲା। ରାଜ୍ୟର ଦୁଇଟି ପ୍ରମୁଖ ଜାତି କୁକି ଏବଂ ମୈତେଇଙ୍କ ମଧ୍ୟରେ ମୁକାବିଲା ହେତୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଜାତିଗତ ସଂରକ୍ଷଣ ଏବଂ ଧର୍ମାନ୍ତରୀକରଣ ଏହି ଦୁଇଟି ପ୍ରସଙ୍ଗ କେତେ ମାରାତ୍ମକ ତାହା ମଣିପୁରରେ ଦେଖିବାକୁ ମିଳିଲା। ସଂରକ୍ଷଣ ନେଇ ମଣିପୁର ହାଇକୋର୍ଟଙ୍କ ଏକ ରାୟରୁ ହିଂସା ଏବଂ ବିଦ୍ୱେଷର ରୂପ ନେଇଥିଲା ଏବଂ ତାହା ଭୟଙ୍କର ସଂଘର୍ଷରେ ପରିଣତ ହୋଇଥିଲା। ବିଦେଶୀ ଗଣମାଧ୍ୟମ ଗୁଡ଼ିକ ଏହାକୁ ଆହୁରି ବଢ଼ାଇ ଚଢ଼ାଇ ପ୍ରଚାର କରିଥିଲେ। ବହୁ ବିଳମ୍ବରେ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିଥିଲେ ଏବଂ ରାଜ୍ୟରେ ହିଂସା ଥମିଥିଲା। କିନ୍ତୁ ସମ୍ପୂର୍ଣ୍ଣ ବନ୍ଦ ହୋଇନଥିଲା। ଏବେ ବି ଏହା ଜାରି ରହିଛି। ଗୋଟିଏ ବର୍ଷର ରାଷ୍ଟ୍ରପତି ଶାସନ କାଳରେ ମଣିପୁରରେ ଉଗ୍ରବାଦ ଏବଂ ଜାତିଗତ ହିଂସାକୁ ରୋକିବା ପାଇଁ କଡ଼ା ପଦକ୍ଷେପ ନିଆଯାଇଥିଲା। ଯେଉଁମାନେ ରାଜ୍ୟରେ ବିଜେପି ସରକାରକୁ ବିରୋଧ କରୁଥିଲେ ଏବଂ ହିଂସାକୁ ଉସୁକାଉଥିଲେ ସେମାନେ ରାଷ୍ଟ୍ରପତି ଶାସନରେ ଖୁସି ହେଲେ ଏବଂ ବିଶ୍ରାମ ନେଲେ। ମଣିପୁରରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଥିଲା, ତାହା ପଛରେ ବିଜେପି ଷଡ଼ଯନ୍ତ୍ର ଥିଲା। ଅନେକ ବିଦେଶୀ ରାଷ୍ଟ୍ର ଭାରତକୁ ବଦନାମ କରିବା ନିମନ୍ତେ ମଣିପୁର ହିଂସାକୁ ଏକ ଅସ୍ତ୍ର କରିଥିଲେ। ଯାହା ହେଉ ପରିସ୍ଥିତିରେ ସୁଧାରେ ଆସିବା ପରେ କେନ୍ଦ୍ର ସରକାର ମଣିପୁରରୁ ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର ନିମନ୍ତେ ନିଷ୍ପତ୍ତି ନେଇଛନ୍ତି। ଲହା ସ୍ୱାଗତଯୋଗ୍ୟ। କାରଣ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଲୋକପ୍ରନିଧିଙ୍କୁ ନେଇ ସରକାର ଗଠନ ଏବଂ ଶାସନ ଚାଲିବା ଉଚିତ। ମଣିପୁରରେ ଗତ ବିଧାନସଭା ନିର୍ବାଚନରେ ବିଜେପି ସପକ୍ଷରେ ସ୍ପଷ୍ଟ ଜନମତ ମିଳିଥିଲା। ରାଜ୍ୟ ବିଧାନସଭାର ୬୦ ଆସନ ମଧ୍ୟରୁ ବିଜେପି ଦଖଲରେ ରହିଛି ୩୭ ଆନ। ସହଯୋଗୀ ଏନପିଏଫର ୫ଜଣ ଏବଂ ଜେଡିୟୁର ଜଣେ ବିଧାୟକ ଅଛନ୍ତି। ଏହିପରି ଭାବେ ଶାସକ ମେଣ୍ଟ ସପକ୍ଷରେ ସ୍ପଷ୍ଟ ବହୁମତ ରହିଛି। ତେଣୁ ରାଜ୍ୟରେ ଲକ ସ୍ଥିର ସରକାର ଗଠନରେ କୌଣସି ପ୍ରତିବନ୍ଧକ ନଥିଲା। ଏବେ ନୂଆ ମୁଖ୍ୟମନ୍ତ୍ରୀ ଖେମଚାନ୍ଦ ସିଂହ ସୁଶାସନ, ବିକାଶ ଏବଂ ଶାନ୍ତି ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେବା ଉଚିତ। ପୂର୍ବରୁ ସେ ଜଣେ କ୍ୟାବିନେଟ ମନ୍ତ୍ରୀ ଥିଲେ। ଶାସନ ବ୍ୟବସ୍ଥା ସହିତ ସେ ପରିଚିତ ଏବଂ ବେଶ ଅଭିଜ୍ଞ। ସେ ମୈତେଇ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ବେଳେ କୁକି ସମ୍ପ୍ରଦାୟର ଜଣଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଯାଇଛି। ଏହା ଫଳରେ କେହି ଅସନ୍ତୁଷ୍ଟ ହେବେ ନାହିଁ ଏବଂ ସରକାର ଠିକ ଚାଲିବ ବୋଲି କେନ୍ଦ୍ର ସରକାର ଆଶା ରଖିଛନ୍ତି। କିନ୍ତୁ ସରକାର ଗଠନର ୨୪ ଘଣ୍ଟା ନପୁରୁଣୁ ରାଜ୍ୟରେ ପୁଣି ହିଂସାକାଣ୍ଡ ସୃଷ୍ଟି ହୋଇଛି। ସବୁଠାରୁ ଅଧିକ ହିଂସା ପ୍ରଭାବିତ ଚୁରାଚନ୍ଦ୍ରପୁରରେ ହିଂସା ବ୍ୟାପିବା ଆରମ୍ଭ କରିଛି। ଏହା ରାଜ୍ୟର ଅନ୍ୟସ୍ଥାନକୁ ମଧ୍ୟ ବ୍ୟାପିବା ଆଶଙ୍କା ରହିଛି। ଏହାର ପ୍ରତିକାର ନିମନ୍ତେ ଏବେଠାରୁ କଡ଼ା ପଦକ୍ଷେପ ନିଆନଗଲେ ପରିସ୍ଥିତି ପୁଣି ଅଣାୟତ ହୋଇପଡ଼ିବ। ରାଜ୍ୟରେ କିଛି ବ୍ୟକ୍ତି ବିଜେପି କ୍ଷମତାସୀନ ହେଉ ବୋଲି ଚାହୁଁନାହାଁନ୍ତି। ସେମାନେ ସରକାରକୁ ବଦନାମ କରିବା ଲକ୍ଷ୍ୟରେ କାମ କରୁଛନ୍ତି। ଜାତିଗତ ବିବାଦ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ଖେମଚାନ୍ଦ ସିଂ ଏହାକୁ ଭଲଭାବେ ବୁଝିବା ଉଚିତ ଏବଂ ସମସ୍ୟାର ସମାଧାନ ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ଉଚିତ। ହିଂସାରେ ଲିପ୍ତ ବ୍ୟକ୍ତି ବା ସଙ୍ଗଠନକୁ ଅତି ନିର୍ମମ ଭାବେ ଦମନ କରାଯିବା ଉଚିତ।

# ସୁପର ଫୁଡର ପୁଷ୍ଟିଶସ୍ୟ

॥ ବିପିନ ବିହାରୀ ରାଉତ ॥

> “ ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା।

ଓଡ଼ିଶାରେ ଉତ୍ପାଦିତ ମାଣ୍ଡିଆ ସଂପ୍ରତି ବିଶ୍ୱ ଦରବାରରେ ପହଞ୍ଚି ଏହାର ଆଦୃତି ଓ ଲୋକପ୍ରିୟତାକୁ ବଢ଼ାଇଛି। ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚିବ ଓଡ଼ିଶା ମିଲେଟ। ଏହାକୁ ଦୃଷ୍ଟିରେ ରଖି ଆଜି ଓ ଆସନ୍ତାକାଲି ଦୁଇଦିନ ତିନିଶହରୁ ଅଧିକ ବିଦେଶୀ ପ୍ରତିନିଧିଙ୍କୁ ନେଇ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ବା ମିଲେଟ ସମ୍ମିଳନୀ ଆୟୋଜନ ହେଉଛି। ଯେଉଁଥିରେ ୧୮ଟି ଫୁଡଷ୍ଟଲ, ୭୨ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଷ୍ଟଲ ଓ ୧୩ଟି ଷ୍ଟଲରେ ଚାଷରେ ବ୍ୟବହାର କରୁଥିବା ବିଭିନ୍ନ ମେସିନ ପ୍ରଦର୍ଶିତ କରାଯିବାର କାର୍ଯ୍ୟକ୍ରମ ରହିଛି। କେବଳ ସେତିକି ନୁହେଁ ଆଗାମୀ ଦଶ ବର୍ଷକୁ ଦୃଷ୍ଟିରେ ରଖି ମାଣ୍ଡିଆ ଚାଷକୁ ଏକ ଲୋକପ୍ରିୟ ଓ ବିଧିବଦ୍ଧ ଭାବେ ଏକ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇ ବୈଜ୍ଞାନିକ ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ସହ ଅନ୍ୟ ରାଜ୍ୟ ଓ ଦେଶଗୁଡ଼ିକରୁ ମାଣ୍ଡିଆ ଚାଷର ଶ୍ରେଷ୍ଠ ଉପାୟ ବିଷୟରେ ଜାଣିବା, ହୋଟେଲ ଓ ରେଷ୍ଟୁରାଣ୍ଟରେ ମିଲେଟ ଖାଦ୍ୟର ବିଭିନ୍ନ ପ୍ରସ୍ତୁତିକୁ ପ୍ରୋତ୍ସାହନ, ସର୍ବୋପରି ମାଣ୍ଡିଆକୁ କିଭଳି ଉତ୍ତମ ବ୍ରାଣ୍ଡିଂ ଓ ପ୍ୟାକେଜିଂ କରି ମୂଲ୍ୟଯୁକ୍ତ କରାଯାଇପାରିବ ସେ ନେଇ ସବିଶେଷ ଆଲୋଚନାର କାର୍ଯ୍ୟକ୍ରମ ରହିଛି।

ସର୍ବମୋଟ ୩୨ କର୍ମଶାଳାରେ ୧୯୮ ଜଣ ଖ୍ୟାତିସମ୍ପନ୍ନ ପ୍ୟାନେଲିଷ୍ଟ ଏଥିରେ ସକ୍ରିୟ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ଆଗେଇ ନେବା ସହ ମିଲେଟର ଜୟଯାତ୍ରାରେ ମାଆ ମାନଙ୍କ ଦକ୍ଷତା ଓ ସେମାନଙ୍କର ସଶକ୍ତିକରଣର ବ୍ୟାପକ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ ହେବ। ସେହିପରି ମିଳିତ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଇଣ୍ଟରନ୍ୟାସନାଲ ଫଣ୍ଡ ଫର ଏଗ୍ରିକଲଚରାଲ ଡେଭଲପମେଣ୍ଟ, ଦକ୍ଷିଣପୂର୍ବ ଏସିଆ ଓ ମଧ୍ୟପ୍ରାଚ୍ୟ ଦେଶର କୃଷି ପରାମର୍ଶଦାତା, ଆଫ୍ରିକୀୟ ଦେଶ ସହ ୟୁରୋପୀୟ ଦେଶର କୃଷି ପରାମର୍ଶଦାତାଙ୍କ ସମେତ ବିଭିନ୍ନ ଦୂତାବାସର ପ୍ରତିନିଧି ଓ ବିଭିନ୍ନ ରାଜ୍ୟର କୃଷି ସଚିବମାନେ ଯୋଗଦାନ କରି ଏଥିରେ ସାମିଲ ହେବେ।

ଚଳିତ ନଭେମ୍ବରରେ ଅନ୍ତର୍ଜାତୀୟ ମିଲେଟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ମିଲେଟର ବହୁଳ ବ୍ୟବହାର, ମିଲେଟ ଚାଷର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ସହଭାଗୀ ସଂସ୍ଥାର ସହଯୋଗରେ ଆଗାମୀ ନଭେମ୍ବର ୯ ଓ ୧୦ ତାରିଖ ଦୁଇ ଦିନ ଧରି ଏହି ସମ୍ମିଳନୀ ଅନୁଷ୍ଠିତ ହେବ। ୨୦୨୨ ମସିହାରୁ ନଭେମ୍ବର ୧୦ ତାରିଖକୁ ୨୦୨୨କୁ ମାଣ୍ଡିଆ ଦିବସ ଭାବେ ଘୋଷଣା କରିଥିଲେ। ଅମଳ ପରବର୍ତ୍ତୀ ଏବଂ ପ୍ରାଥମିକ ପ୍ରକ୍ରିୟାକରଣ ଉଦ୍ୟୋଗକୁ ପ୍ରୋତ୍ସାହନ, ବାଜରାଭିତ୍ତିକ ଫସଲ ପ୍ରଣାଳୀର ଉତ୍ପାଦକତାର ଉନ୍ନତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ମୂଲ୍ୟଯୁକ୍ତ ଉଦ୍ୟୋଗକୁ ପ୍ରୋତ୍ସାହନ ଦେବା ଏହି ସମ୍ମିଳନୀର ଲକ୍ଷ୍ୟ ରହିଛି। ସାଧାରଣ ବଣ୍ଟନ ବ୍ୟବସ୍ଥା, ଆଇସିଡିଏସ, ମଧ୍ୟାହ୍ନ ଭୋଜନ, ଛାତ୍ରାବାସ ଇତ୍ୟାଦିରେ ମିଲେଟ ଖାଦ୍ୟର ବ୍ୟବହାରକୁ ଅନ୍ତର୍ଭୁକ୍ତ କରିବା ପାଇଁ ପଦକ୍ଷେପ ସହ ବାଜରାଭିତ୍ତିକ ଉତ୍ପାଦର ବଜାର ଓ ରପ୍ତାନିକୁ ସୁଗମ କରିବାକୁ ଗୁରୁତ୍ୱ ସମ୍ପର୍କରେ ପ୍ରସ୍ତୁତି ବୈଠକରେ ଗୁରୁତ୍ୱ ଦିଆଯାଇଛି।

ମିଲେଟକୁ କ୍ରୀଡ଼ା ସହିତ ଯୋଡ଼ିବା ଏବଂ ସମସ୍ତ କ୍ରୀଡ଼ା ଛାତ୍ରାବାସରେ ମିଲେଟକୁ ସାମିଲ କରିବା, ମିଲେଟ ଖାଦ୍ୟ ସଂସ୍କୃତିର ତଥ୍ୟ ରଖିବା ଓ ଏହାର ପ୍ରଚାର ପ୍ରସାରରେ ଅଧିକ ଗୁରୁତ୍ୱ ଦିଆଯିବା ଲାଗି ନିଷ୍ପତ୍ତି ହୋଇଛି। ତେବେ ମିଲେଟ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବାରେ ଏହି ସମ୍ମିଳନୀ ସହାୟକ ହେବା। ସେହିଭଳି କୃଷି ଏବଂ ମିଶନ ଶକ୍ତି ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ଉତ୍ପାଦନଗୁଡ଼ିକର ଉତ୍ତମ ବଜାର ସୁବିଧା ସମ୍ପର୍କରେ ସମ୍ମିଳନୀରେ ଗୁରୁତ୍ୱ ଦିଆଯିବାର କାର୍ଯ୍ୟକ୍ରମ ରହିଛି। ମିଲେଟଭିତ୍ତିକ ଉତ୍ପାଦର ମୂଲ୍ୟଯୁକ୍ତ ବ୍ୟବହାର ସହ ପ୍ରମୁଖ ସହର ଏବଂ ଜିଲ୍ଲା ସଦର ମହକୁମାରେ ମିଲେଟ ଶକ୍ତି କାଫେ/ଆଉଟଲେଟ ଖୋଲାଯାଇଛି। ବ୍ଲକ ସହର ଭିତରେ ଥିବା ମିଲେଟ ଟିଫିନ ସେଣ୍ଟରରେ ଜଳଖିଆ ଦିଆଯାଉଛି। ଏହାର ବ୍ୟାପକତା ଉପରେ ଗୁରୁତ୍ୱ ଏବଂ ଓଡ଼ିଶା ମିଲେଟ ମିଶନର ସଫଳତା ସମ୍ପର୍କରେ ସମ୍ମିଳନୀରେ ସବିଶେଷ ଆଲୋଚନା ହେବ।

ମିଲେଟ ଫସଲ ଉତ୍ପାଦନରେ ତୀବ୍ର ବୃଦ୍ଧି ଏବଂ କୃଷକମାନଙ୍କ ପାଇଁ ଉତ୍ତମ ଆୟର ସୁଯୋଗରେ ଓଡ଼ିଶା ରେକର୍ଡ଼ କରିଛି। ୨୦୧୭ରେ ଓଡ଼ିଶା ମିଲେଟ ମିଶନ ଆରମ୍ଭ ହେବା ପରେ ରାଜ୍ୟରେ ବହୁ ସଂଖ୍ୟକ କୃଷକ ମିଲେଟ ଉତ୍ପାଦନ ଆଡ଼କୁ ମନ ବଳାଇଛନ୍ତି। ମିଲେଟ ଉତ୍ପାଦନ କମି କମି ଆସୁଥିବା ବେଳେ ଏହାର ଉପକାରିତାକୁ ଦୃଷ୍ଟିରେ ରଖି ଓଡ଼ିଶା ମିଲେଟ ମିଶନ କୃଷକମାନଙ୍କୁ ପୁଣି ମିଲେଟ ଚାଷ ପ୍ରତି ଆକର୍ଷିତ କରିପାରିଛି। ଓଡ଼ିଶାରେ ବର୍ଷସାରା ଉଷ୍ମ ବାତାବରଣ ରହିଥାଏ। ତେଣୁ ଏହି ଜଳବାୟୁରେ ଚାଷକାର୍ଯ୍ୟ କଷ୍ଟସାଧ୍ୟ। ମାତ୍ର ମିଲେଟ ଚାଷ ପାଇଁ ସ୍ୱଳ୍ପ ଜଳର ଆବଶ୍ୟକତା ପଡୁଥିବାରୁ ଓଡ଼ିଶାର ବାତାବରଣ ଉପଯୋଗୀ। ଏହାର ଉତ୍ପାଦନ ବଢ଼ାଇବା ସହ ରାଜ୍ୟର ପ୍ରତି ଘରେ ମିଲେଟକୁ ପହଞ୍ଚାଇବା ପାଇଁ ମିଲେଟ ମିଶନ ଜରିଆରେ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଛନ୍ତି। ଓଡ଼ିଶା ମିଲେଟ ମିଶନ ରାଜ୍ୟରେ ମିଲେଟ ଉତ୍ପାଦନକୁ ପ୍ରୋତ୍ସାହନ ଦେଇଛି, ଫଳରେ ଓଡ଼ିଶାରେ ଏଥର ଆଖି ଦୃଶିଆ ରାଶି ଉତ୍ପାଦନ ବୃଦ୍ଧି ପାଇଛି। ୨୦୧୬-୧୭ ମସିହାରେ ମାତ୍ର ୪୦ ହଜାର କ୍ୱିଣ୍ଟାଲ ମିଲେଟସ ଉତ୍ପାଦନ ହୋଇଥିବାବେଳେ ୨୦୨୧-୨୦୨୨ରେ ଏହା ୭ଲକ୍ଷ କ୍ୱିଣ୍ଟାଲକୁ ବୃଦ୍ଧି ପାଇଛି।

୨୦୨୨ ଜୁଲାଇ ସୁଦ୍ଧା ଓଡ଼ିଶା ମିଲେଟ ମିଶନରେ କୃଷକ ମାନଙ୍କ ସଂଖ୍ୟା ୮ ହଜାରରୁ ୧.୫ ଲକ୍ଷରୁ ଅଧିକ ବୃଦ୍ଧି ପାଇଛି। ମିଲେଟ ଚାଷରୁ ସଫଳତା ପାଇଥିବା ଅନୁଗୁଳ ଜିଲ୍ଲାର ଜଣେ କୃଷକ କହିଛନ୍ତି, ଚାଷ ପାଇଁ ଆଗରୁ ଆମକୁ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। କିନ୍ତୁ ମିଲେଟ ଚାଷ କରିବା ଭାରି ସହଜ। ମିଲେଟ ଚାଷ କରିବା ଫଳରେ ବଜାରର ମହଙ୍ଗା ମାଡ଼ରେ ମଧ ଉନ୍ନତ ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ବିକଳ୍ପ ପ୍ରଦାନ କରିବାକୁ ସକ୍ଷମ ହୋଇପାରିଛି। ଓଡ଼ିଶା ମିଲେଟସ ମିଶନ ନାଗରିକଙ୍କ ମଧ୍ୟରେ ଏକ ଅଦମ୍ୟ ବିଶ୍ୱାସ ସୃଷ୍ଟି କରିଛି। ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ଦ୍ୱାରା ଆମ ରାଜ୍ୟରେ ମିଲେଟସ ସମ୍ଭାବନାକୁ ପ୍ରଦର୍ଶନ କରିବା ପାଇଁ ଉନ୍ନତ ରଣନୀତି ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରହିଛି। ଚାଷ ସମୟରେ ଅଧିକ ରସାୟନିକ ସାରା ପ୍ରୟୋଗ କରାଯିବା ଦ୍ୱାରା ପରବର୍ତ୍ତୀ ପର୍ଯ୍ୟାୟରେ ବହୁତ ଅସୁବିଧା ଦେଖାଯାଇଥାଏ। ମିଲେଟ ମିଶନ ଜରିଆରେ ଓଡ଼ିଶା ସରକାର ଏ ବିଷୟରେ ଚାଷୀମାନଙ୍କୁ ଅବଗତ କରାଇଛନ୍ତି। ଏହାସହ ମିଲେଟ ଚାଷକୁ କିଭଳି ଆହୁରି ଉନ୍ନତମାନର କରାଯାଇପାରିବ, ତାହାର ଉପାୟ ମଧ ଚାଷୀଙ୍କୁ ଶିଖାଇଛନ୍ତି। ଓଡ଼ିଶା ମିଲେଟସ ମିଶନ ପକ୍ଷରୁ କୃଷକମାନଙ୍କ ପାଇଁ ସିଧାସଳଖ ବ୍ୟାଙ୍କ ଟ୍ରାନ୍ସଫର ଓ ବିଭିନ୍ନ ପୋର୍ଟାଲ କାର୍ଯ୍ୟକାରୀ କରାଯାଉଛି। ଏହି ପଦକ୍ଷେପ ଦ୍ୱାରା ରାଗି ପରି କିଛି ଫସଲ ଅମଳ ସ୍ୱଳ୍ପ ସମୟ ମଧ୍ୟରେ ଯଥେଷ୍ଟ ବୃଦ୍ଧି ପାଇଥିବା ଦେଖାଯାଇଛି। ରାଜ୍ୟ ସରକାରଙ୍କ ବାରମ୍ବାର ପଦକ୍ଷେପ ଜରିଆରେ କୃଷକମାନେ ସେମାନଙ୍କର ପାରମ୍ପରିକ ଫସଲକୁ ଗ୍ରହଣ କରିବା ସହ ସେମାନଙ୍କ ପରିଶ୍ରମର ଉଚିତ ମୂଲ୍ୟ ପାଇବାରେ ସକ୍ଷମ ହୋଇପାରୁଛନ୍ତି। ଓଡ଼ିଶା ମିଲେଟସ ମିଶନ ଏହାର ପରବର୍ତ୍ତୀ ପର୍ଯ୍ୟାୟକୁ ଯିବା ସହ ମିଲେଟସର ଗ୍ରହଣଶୀଳତାକୁ ଅଧିକ ସୁଗମ ଏବଂ ନମନୀୟ କରିବା ପାଇଁ ଉତ୍ତମ ରଣନୀତି ଏବଂ ବୈଜ୍ଞାନିକ କୌଶଳକୁ ସୁନିଶ୍ଚିତ କରୁଛି। ଦିନ ଥିଲା ଓଡ଼ିଶାରେ ମିଲେଟକୁ କେହି ଜାଣୁନଥିଲେ କିମ୍ବା ଏହାର ଆଦର ନଥିଲା। କିନ୍ତୁ ଓଡ଼ିଶାରେ ଏବେ ମିଲେଟ ସୁନା ଫଳ ପାଳଟିଛି।

ଗତ ଜି-୨୦ ଶିଖର ସମ୍ମିଳନୀରେ ଓଡ଼ିଶାର ମିଲେଟ ଖାଦ୍ୟ ଆନ୍ତର୍ଜାତିକ ମହଲକୁ ସୁପରିଚିତ କରିଛି। ମାଣ୍ଡିଆ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପାଦେୟ ଏବଂ ଏହା ବିନା ଜଳସେଚନ ଓ ବିନା କୀଟାଣୁ ନାଶକ ବା ରାସାୟନିକ ସାର ପ୍ରୟୋଗରେ ଧାନ ଓ ଗହମ ଠାରୁ କମ ଖର୍ଚ୍ଚରେ ଚାଷ କରାଯାଇ ପାରିବ। ଭବିଷ୍ୟତରେ ଆମ ସ୍ୱାସ୍ଥ୍ୟ ଓ ପୁଷ୍ଟିଜନିତ ସମସ୍ୟାର ସମାଧାନ ପାଇଁ ଏହା ହେବ ସେଗୁଡ଼ିକର ଉପାଦେୟ ବିକଳ୍ପ। ଏହା ଓଡ଼ିଶାର କୃଷି ଓ ଚାଷୀଭାଇ ତଥା ମହିଳା ସ୍ୱୟଂ ସହାୟକ ସଂଗଠନ ପାଇଁ ସେମାନଙ୍କର ବୃତ୍ତିଗତ କର୍ମକ୍ଷେତ୍ର ପାଇଁ ବଡ଼ ଆର୍ଥିକ ଅବଲମ୍ବନର ଉତ୍ସ। ଦିନକୁ ଦିନ ଏହାର ଗ୍ରହଣୀୟତା ଓ ଚାହିଦା ବଢୁଥିବାବେଳେ ଲୋକମାନଙ୍କ ମଧ୍ୟରେ ମଧ ଆଗ୍ରହ ବଢୁଛି। ଲୋକମାନଙ୍କ ଭିତରେ ଦିନକୁ ଦିନ ଏହାର ଆଗ୍ରହ ଯେଉଁପରି ବଢୁଛି ଓ ମାଣ୍ଡିଆ ବିଭିନ୍ନ ପ୍ରସ୍ତୁତିର ଖାଦ୍ୟ ପସରା ବଜାରରେ ଉପଲବ୍ଧ ହେଉଛି ଏଥିରୁ ମାଣ୍ଡିଆର ଲୋକପ୍ରିୟତା ପ୍ରମାଣିତ ହେଉଛି। ମିଲେଟ ଏବେ ଓଡ଼ିଶାରେ କୃଷକମାନଙ୍କ ପାଇଁ ଏବଂ ସ୍ୱୟଂ ସହାୟକ ସଙ୍ଗଠନ ପାଇଁ ଅତ୍ୟନ୍ତ ଲାଭଦାୟକ କ୍ଷେତ୍ର ପାଲଟିଛି ଏବଂ ଲୋକମାନଙ୍କର ପ୍ରବୃତ୍ତ ଲାଭ ହେଉଛି।


ଉପନିର୍ଦ୍ଦେଶକ, ଓରମାସ, ଭୁବନେଶ୍ୱର, ଦୂରଭାଷ : ୯୪୩୭୬୬୬୪୫୩,


# କଳି ଝଗଡ଼ା

॥ ଅଜୟ କୁମାର ବେହେରା ॥

କଥା ମୁଁ କାରର ମୂଲ୍ୟାୟନ ଜାହିରି ହିଁ ଏଇ କଳି ଝଗଡ଼ର ବୃତ୍ତିର ସଞ୍ଚିତ ଦ୍ରବ୍ୟ ଅପଚୟ ଶରୀରକୁ କଷ୍ଟ ସମୟ ବୃଥାନଷ୍ଟ ସମସ୍ତଙ୍କ ତୁଳନାରେ ହେବ କାହାର ସ୍ୱାଧୀନତାରେ ଇପସିତ ପାଇବାରେ କେହି ପ୍ରତିବନ୍ଧକ ସାଜିଲେ ପୁଣି ଅଯୋଗ୍ୟ ହୋଇ ଯୋଗ୍ୟ ସମତା ଇଚ୍ଛାର ବିରୁଦ୍ଧକାରୀ, ନିଜ ପରିବେଶ ସୁବରକୁ କେହି ଅସନା ଆବର୍ଜନା ନଷ୍ଟ କଲେ ଆରମ୍ଭ ହୁଏ କଳି ଝଗଡ଼ା।

ସ୍ୱାମୀ ସ୍ତ୍ରୀ ସମ୍ବନ୍ଧ ପାଇଁ ବୟସର ତାରତମ୍ୟ ପ୍ରତ୍ୟେକଙ୍କର କିଛି ବର୍ଷ ବ୍ୟବଧାନ ଜନ୍ମରୁ କେହି ବିବାହ କରେ ନାହିଁ। ଜ୍ଞାନ ଆହରଣ ବୃତ୍ତି ଧରିବା, ଅର୍ଜନକ୍ଷମ ହୋଇ ପୁରୁଷ ସାଥି ଖୋଜେ ବା ତାର ବିବାହ ଏପରି ସ୍ଥିତିରେ କରାଇଦିଆଯାଏ। ସ୍ତ୍ରୀଲୋକ ଗର୍ଭ ଧାରଣ କରିବ, ଯେଉଁ ପର୍ଯ୍ୟନ୍ତ ତାର ଅଙ୍ଗମାନ ବିକଶିତ ନହୋଇଛି ଏ ମଧ୍ୟରେ ଶିକ୍ଷା ଦୀକ୍ଷା ଗୃହକର୍ମ ଆଚରଣ ବ୍ୟବହାରିକ ଜ୍ଞାନରେ ଅଭ୍ୟସ୍ତ କରାଇ ତାପରେ ଯୋଗ୍ୟବର ଖୋଜି ବୃଦ୍ଧବୃଦ୍ଧ। ଇନ୍ଦ୍ରିୟ ଶୈଥିଳ ହୋଇ ଆସୁଥିବା କନ୍ୟାକୁ ପୋଷଣରେ ଭବିଷ୍ୟତକୁ ବାଧା ଉପୁଜିବା ଆଶଙ୍କା ସହିତ ସଂସାର ନିୟମ ରକ୍ଷା ପାଇଁ କନ୍ୟାକୁ ବିବାହ ଦିଅନ୍ତି।

ଧର୍ମଶାସ୍ତ୍ର ବିଧିରେ ଯେ କେହି ସ୍ୱଶ୍ରମ ଧନ ସମ୍ପତ୍ତି ଅଧିକାରରୁ ଦାନ କରିବା ନିୟମ। ଶ୍ରମ କରି ସମସ୍ତେ ବଞ୍ଚନ୍ତି ଅର୍ଥ କମାନ୍ତି ଭୋଜନ ଯୋଗାଡ଼ କରନ୍ତି, ବସ୍ତ୍ର ବଳଭୂମି ଯୋଗାଡ଼ କରନ୍ତି ଏଥିରେ ନିଜ କମାଇରେ ପୁତ୍ର କନ୍ୟା ଜନ୍ମଦେଇ ପାଳନ ପୋଷଣ କରନ୍ତି, କେହି ପାଳିତ ପୁତ୍ର କରାନ୍ତି। ଘର ଜ୍ୱାଇଁଆ ପୁଅକୁ କରାନ୍ତି କେହି ସନ୍ନ୍ୟାସୀ ଗୁରୁଙ୍କ ଯାଚାଞ୍ଚା ଓ ଧର୍ମବୃଦ୍ଧିର ଆକାଂକ୍ଷାରେ ପୁଅ ସନ୍ନ୍ୟାସୀ କରାଇ ଦିଅନ୍ତି। ଦେଶ ରକ୍ଷା ପାଇଁ ଯୁଦ୍ଧକୁ ଯିବାକୁ ପୁଅକୁ ମାଆ ପ୍ରାଣ ଆତଙ୍କ ପାଇଁ ଛାଡ଼ନ୍ତି ନାହିଁ ଏପାଇଁ ଏକ ସମସ୍ୟା ଉପୁଜିଥାଏ। ଦେଶ ରକ୍ଷା ହେବ ତେବେ କେମିତି ଏ ପାଇଁ ବାପା ମାଆଙ୍କ ସମ୍ମତି ପୁତ୍ର ବା ସମ୍ମତି ଦସ୍ତଖତ ଯୁଦ୍ଧ ଯିବା ବ୍ୟକ୍ତି ପାଇଁ ଆଗେ ଲାଗୁଥିଲା ଏବେ ସାବାଳକ ହେବାରୁ ଏହା ଗୌଣ। କିନ୍ତୁ ଉତ୍ତମ ପାଠ ପଢ଼ାରେ ମନ ନାହିଁ ତେବେ ସେ କନ୍ୟା ପିତାମାତା ଓ କନ୍ୟାକୁ ଏକ ଅଦୃଶ୍ୟ କଷ୍ଟ ଅବଶ୍ୟଗ୍ରାସ କରେ। ସରସ୍ୱତୀ ଲୋକ କଥା ଲକ୍ଷ୍ମୀଲୋକକୁ ଭବ ଶ୍ରମ ଚାକିରୀ ପାଇଁ ଯାଇପାରେ ମାତ୍ର ଅର୍ଥ ଆସିଲେ ଯୌବନ ବିକସିତ ଯୋଗୁଁ ଆକୃଷ୍ଟରେ ଲୋକ ପଡ଼ିପାରେ, ଅବସର ବିନୋଦନରେ ଯୌନ ସୁଖ ଲାଳସା ଜାଗ୍ରତ ହୋଇପାରେ ଏବି ସଂକଟରେ ପକାଏ। ବ୍ରହ୍ମଚାରୀ ଓ ବ୍ରହ୍ମଚାରୀ ବେଳରେ ଗୁପ୍ତ ପ୍ରେମ ସମ୍ବନ୍ଧ ମହାପାପରେ ପକାଏ। ଏବେ ହାଇସ୍କୁଲ ଶେଷ ବର୍ଷରୁ ଉଚ୍ଚତର ଶିକ୍ଷା କାଳରେ ଅନେକ ଯୁବକ ଯୁବତୀ ଏପରି ଗୁପ୍ତ ପ୍ରେମ ଆକୃଷ୍ଟରେ ଆସୁଛନ୍ତି। ଏହାକୁ ବହୁତ ଆଗେଭର ଯୋଗାଯୋଗ ଯନ୍ତ୍ର ମୋବାଇଲର ଫେକ ଯାହା ପୂର୍ବେ ଦୂତୀ ଆଶ୍ରୟ ଦୂତ ଆଶ୍ରୟ ପ୍ରେମପତ୍ର ଦିଆନିଆ ଦୂତୀ ବରିବାଣୀ, ମାଲୁଣୀ ଓ ସ୍ୱପରିବାରୁ ନିଜର ଟିକି ପିଲା ପୁଣି କିଛି ସାଥି ଏବେ ଏହାର ଆବଶ୍ୟକ ପଡୁନାହିଁ। ଦିନେ ହଂସଦୂତ ମେଘଦୂତ ପରି କାବ୍ୟକାରଙ୍କର ଏ ବିଷୟରେ ଚିନ୍ତା ଥିଲା ପ୍ରେମରେ ଇଙ୍ଗିତ ଅଛି। ସାର୍ବଜନୀନ ଭାଷାରୁ କିଛି ଅଲଗା ଭାଷା। ପୋଲିସ ସୈନ୍ୟ ବାଣିଜିକ ଭାଷା ଏପରି ପ୍ରେମଭାଷା ବି ଇଙ୍ଗିତ ପୂର୍ଣ୍ଣ ଭାଷା। କେବଳ ପ୍ରେମିକା ଓ ପ୍ରେମିକ ଉଭୟଙ୍କର ଇଙ୍ଗିତ ଭାଷା ବୁଝି ପାରନ୍ତି ଶିଶିଠାର ପରି ଏମିତିକା ଭାଷା ପୂର୍ବେ ବ୍ୟବହୃତ ହେଉଥିଲା ଏସବୁ ଗୁପ୍ତ ପ୍ରେମ ଝଗଡ଼ା କାଳର ଉତ୍ସ।

କଳହ ଝଗଡ଼ା ସର୍ବତ୍ର ଅଛି ହେଲେ ଧର୍ମ ବିଧିରେ ରାଜବିଧିରେ ପ୍ରତ୍ୟେକର ଲଗାମ ଲଗା ଯାଉଛି। ଲୋକାଚାରରେ ଅନେକ ଝଗଡ଼ାକୁ ସମାଧାନ କରାଯାଉଛି, ପ୍ରାକୃତିକ ଦୁର୍ବିପାକ ଝଗଡ଼ା ସୃଷ୍ଟି କରିପାରେ ସମସ୍ତେ ସମୁଳ ଦୁର୍ବିପାକ ଭୋଗିନଥାନ୍ତି ଯେ ଭୋଗିଲା ତାର ଦୁଃଖରେ ଦୁର୍ବିପାକ ପରେ ପଡ଼ୋଶୀରେ ଭାୟାରେ ଆସେ, କ୍ଷୟକ୍ଷତି ଆକଳନରେ କଳି ଝଗଡ଼ା। କାହାରି ଘର ପାଖରେ ବଡ଼ଗଛ ଛାଇ କଲେ, କାହାରି ଘରୁ ଅର୍ଥେକ ପାଣି ଅନ୍ୟ ସ୍ଥାନକୁ ଯାଉଥିଲେ କାହାରି ବ୍ୟକ୍ତିଗତ ଅଧିକାର ରାସ୍ତାରେ ଅନ୍ୟଲୋକ ଜୁଲମ କରି ଯାଆସ କଲେ। ଶାନ୍ତିପୂର୍ଣ୍ଣ ବାତାବରଣ ଥିବା ଘର ପାଖ ଲୋକଙ୍କ ଘରେ ସର୍ବଦା ଅଶାନ୍ତି ଆକ୍ରୋଶ ଉଚ୍ଚସ୍ୱରରେ କଳି ଝଗଡ଼ା, ମାରପିଟ ହେଲେ ଆରମ୍ଭ ହୁଏ ନୂଆ କଳିଝଗଡ଼ା, ଦୁଇ ପରିବାର ମଧ୍ୟରେ ଏପରିକି ଥାନା ଯାଏ ଘଟଣା ଯାଇଥାଏ।

ଉଚ୍ଚ ଢ଼ିପ ଜମି ପାଖ ଖାଲଜମିରେ ପ୍ରାୟ ଦୁଇ ଜମି ଅଧିକାର ମଧ୍ୟରେ ଚାଷ ବେଳେ ହିଡକଟିରେ ସାର ପକାଇବା ବେଳେ ଜଳ ଜମିରେ ସଞ୍ଚୟ କରିବା ଆବଶ୍ୟକ ବେଳେ କଳିର୍କେ ଉଠେ। ପୂର୍ବରୁ ଗୃହ ନିର୍ମାଣ କରି ସଠିକ ଅଧିକାରରେ କ୍ଷେତ୍ର ପରିସୀମା ବାନ୍ଧକ୍ଷି ନଥିଲେ ପର କ୍ଷେତ୍ରର ଗୃହ ନିର୍ମାତା ଜମିମାପରେ ତାଙ୍କର ପରିସୀମା କମିଥିବାରୁ କଳି ଝଗଡ଼ା ହୋଇପାରେ। ଡାକ୍ତରଖାନା ରୋଗୀର ଜଟିଳ ଅବସ୍ଥା ତାର ଅସ୍ତ୍ର ଚିକିତ୍ସା ଦରକାର ଏ କ୍ଷେତ୍ରରେ ଡାକ୍ତର ଅସ୍ତ୍ର ଚିକିତ୍ସା କରିବାରେ ଏକ ରାଜ କାନୁନ ଲାଗୁଛି। ଏ ପାଇଁ କାଳେ ଚିକିତ୍ସା କାଳରେ ବ୍ୟକ୍ତି କାଳେ ଅକାଳ ମରଣ ଘଟିପାରେ ଏ ପାଇଁ ଗାର୍ଡ଼ିଆନଙ୍କ ସମ୍ମତି ଦସ୍ତଖତ ଚିକିତ୍ସା ପାଇଁ ଡାକ୍ତରଖାନା ବା ଚିକିତ୍ସାଳୟ କର୍ତ୍ତୃପକ୍ଷ ଲେଖାଇ ନେଉଛନ୍ତି। ଏ ସବୁ ମଧ୍ୟରେ ପୁତ୍ରଦାନ ପ୍ରକ୍ରିୟା ଲୁଚିଛି। ଚିକିତ୍ସା ପାଇଁ ନାବାଳିକାର ଅବିବାହିତାର ପିତାମାତା ଅଭାବରେ ବଡ଼ଭାଇ ଭଉଣୀ ଦଣ୍ଡ ଦସ୍ତଖତ କରନ୍ତି ଯାହା ଚିକିତ୍ସା ପାଇଁ ସମୟିକ କନ୍ୟାକୁ ଚିକିତ୍ସା ପାଇଁ ଦାନ ଧରାଯାଇପାରିବ।

କନ୍ୟାର ପ୍ରକୃତ ଦାନ ଜୀବନରେ ଥରେ ଘଟେ। ଏବେ ଦ୍ୱିବାହ, ତ୍ରିବିବାହ କିଳା ପରି ଘଟଣା ଘଟୁଛି ଯାହା ବହୁଥର କନ୍ୟାର ଛାଡ଼ପତ୍ର ପରେ ପୁଣି ବିବାହରେ କରାଯାଉଛି। ବୃଷକୀ କନ୍ୟା ସ୍ୱ ଇଚ୍ଛାରେ ବର ବରଣ କରେ ହେଲେ ପରିଜନ ବାଧ ହୋଇ ତାକୁ ସମ୍ମତି ଦେଉଛନ୍ତି କିନ୍ତୁ ବିବାହରେ ପିତୃଶ୍ରାଦ୍ଧ ଜଡ଼ିତ ଥିବାରୁ ପିତୃତୋଷକାରୀ ପର୍ବ ଏଥିରେ ବିଘ୍ନ ବା ନିୟମରେ ଆସୁନାହିଁ। କନ୍ୟାଟି ଯୁବତୀ ହେବ ଏହା ମାସିକ ସ୍ରାବ ପ୍ରତି ମାସରେ ହେବ ଏହା ୧ମ ସ୍ରାବରୁ ୩୬ ମାସ ଅର୍ଥାତ୍ ତିନି ବର୍ଷ ଯାଏ ପିତୃପୁରୁଷ ଶ୍ରାଦ୍ଧ କନ୍ୟାର ପିତାମାତା ଠାରୁ ନେଇଥାନ୍ତି ଏହାପରେ ଶ୍ରାଦ୍ଧରେ ତର୍ପଣ ହୋଇଥାଏ। ତର୍ପଣରେ ପିତୃ ରୌରବଭବ ନର୍କରେ ପଡ଼ନ୍ତି। ରାଜକାନୁନ ୧୮ ବର୍ଷ ପରେ ବିବାହ କନ୍ୟାର ହୋଇପାରିବ ନିୟମ ଲଗାଇଲେ ଫଳତଃ ପ୍ରାୟ ତିନି ବର୍ଷ ଏବେ ଛଅ ବର୍ଷ ହେଉଛି ଏ ପାଇଁ ପିତୃମାତୃ କନ୍ୟାକୁ ବିବାହ ଦେବାକୁ ଚେଷ୍ଟା ରଖିଲେ ଓ ପିତୃଶ୍ରାଦ୍ଧରେ ଠିକ ପ୍ରାୟଶ୍ଚିତ କରି କରି ଚାଲିଲେ ଦୋଷ ଗୌଣ ହୋଇପାରେ। କନ୍ୟା ବ୍ରହ୍ମଚାରିଣୀ ରହିଲେ, ବିଦ୍ୟାଧ୍ୟୟନରେ ରହିଲେ ଯେହେତୁ ସେ ସରସ୍ୱତୀ ଲୋକରେ ବ୍ରତୀ ରହିଛି ତାର ଦୋଷ ମଧ୍ୟରେ ଶାସ୍ତ୍ରରେ ଧର୍ତ୍ତବ୍ୟ ହୋଇନପାରେ। କୁଳାକୁକୁରଙ୍କର କ୍ଷେତ୍ର ଅଛି ଏହି କ୍ଷେତ୍ରରେ ଅନ୍ୟ କୁଳାକୁକୁର ଟିଏ ପହଞ୍ଚିଲେ ଆରମ୍ଭ ଶ୍ୱାନଶ୍ୱାନ ମଧ୍ୟରେ ତର୍କବ୍ରତୀ ଏଇ ପଶୁକଳି ଏପରି ଏବେ ବିକାରୀ କଳି, କ୍ଷେତ୍ରକଳୀ, ନେତାଙ୍କର କ୍ଷେତ୍ରକଳି ଦେଖାଯାଉଛି। ଏହାଙ୍କ କ୍ଷେତ୍ରରେ ଅନ୍ୟ କେହି ପଶିଗଲେ ହୁଏ କଳି ତର୍କ ଝଗଡ଼ା। ଯେଜମାନୀ କାର୍ଯ୍ୟରେ ଜଣେ ପୁରୋହିତଙ୍କ ଅଜଣାରେ ଅନ୍ୟ ପୁରୋହିତ ଯେଜେମାନୀ କଲେ ଝଗଡ଼ା ଦାନାବାନ୍ଧେ। ମାଲଦାର କାମାତୁର ଗ୍ରାହକ ପାଇଁ ବେଶ୍ୟା ମାନଙ୍କ ମଧ୍ୟରେ କଳି ଝଗଡ଼ା ହୁଏ। ବଣିକ ଦୋକାନରେ ବାଜାରରେ ଅନ୍ୟ ଦୋକାନରେ ସୌଦା କେହି ସଂଗ୍ରହ କରିବା ଜଣାଗଲେ ଆରମ୍ଭ ହୁଏ ଝଗଡ଼ା ଭେଡ଼ି ବସାଇବା କାହା ଦୋକାନ କାହା ଘର ଆଗରେ ବଡ଼ଯାନ ରଖିବା ଅସହ୍ୟରୁ ଝଗଡ଼ା ହୋଇଥାଏ। ଘରେ ଝଗଡ଼ା ଭାଇ ଭାଇ ସ୍ୱାମୀ ସ୍ତ୍ରୀ, ଭାଇଭଉଣୀ, ବାପୁପୁଅ, ବନ୍ଧୁରେ ବନ୍ଧୁ, ନିତ୍ୟ ଦେଖାଯାଉଛି। ଯଦି ଉଚିତ ଧର୍ମଜ୍ଞାନ ଓ ନ୍ୟାୟଜ୍ଞାନ କାହାର ରହିବ ଏସବୁ ସଂକୁଚିତ ହୋଇ ଶାନ୍ତି ସହାବସ୍ଥାନ ହୋଇପାରିବ।


**ବରେଣ୍ୟ ବାଣୀ' ପିସି ସରକାର ଲେନ୍,**
**ଅରୁଣୋଦୟ ମାର୍କେଟ, କଟକ**
**ଦୂରଭାଷ : ୯୪୩୭୦୩୧୨୫୩**


# ଶିଶୁ ସୃଜନୀ, ଶକ୍ତି ଓ ପ୍ରଗତି

॥ ଯଶସ୍ୱିନୀ ପଟ୍ଟନାୟକ ॥

ଆମ କୁନି କୁନି କଳିକା ମାନଙ୍କ ସାମଗ୍ରୀକ ଉନ୍ନତି ନିମିତ୍ତ ସରକାରୀ ଭାବେ ଆରମ୍ଭ ହୋଇଛି ଏକ ଲୋକପ୍ରିୟ କାର୍ଯ୍ୟକ୍ରମ। ଆଜିର ଶିଶୁ କାଲିର ଏକ ଉଜ୍ଜ୍ୱଳ ସକାଳର ସମୁଜ୍ଜଳ ଆଲୋକ। ପିଲାମାନଙ୍କ ଏହି ମନୋଭାବକୁ କେବଳ ଦାୟିତ୍ୱ ମାଆ ମାନଙ୍କ ଉପରେ ଲଦି ଦେଲେ ଚଳିବ ନାହିଁ ଏଥିରେ ପିଲାଟିର ବାପାଙ୍କର ବି ଗୁରୁଦାୟିତ୍ୱ ରହିଛି। ତା ସହିତ ପରିବାରରେ ଶିଶୁର ଯତ୍ନ, ତିନି ବର୍ଷରୁ କମ ପିଲାମାନଙ୍କ ପାଳନରେ ଉଭୟ ପିତାମାତାଙ୍କ ଦାୟିତ୍ୱ ସହ ସେମାନଙ୍କ ଶିଶୁ ଯତ୍ନ ଭିତ୍ତିକ ଦକ୍ଷତା ବୃଦ୍ଧି ଓ ମସ୍ତିଷ୍କ ବିକାଶକୁ ଗୁରୁତ୍ୱ ଦିଆଯିବ। ଏଥିପାଇଁ ଗତ ଶିଶୁ ଦିବସ ଅବସରରେ ଆମ କୁନିପିଲା ଯୋଜନାର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀ ତାଙ୍କ ବାର୍ତ୍ତାରେ ଶିଶୁ ମାନଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଶିଶୁମାନେ ହେଉଛନ୍ତି ଦେଶର ଶକ୍ତି ଓ ପ୍ରଗତିର ସୂତ୍ରଧର। ଶୈଶବ କାଳରୁ ଶିଶୁ ମାନଙ୍କୁ ଉଚିତ ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ପରିବେଶ ପ୍ରଦାନ କରାଗଲେ ସେମାନେ ଭଲ ନାଗରିକ ହୋଇପାରିବେ। ମୁଖ୍ୟମନ୍ତ୍ରୀଙ୍କ ଏହି ଦିଗଦର୍ଶନକୁ ଅନୁସରଣ କରି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଆଜି ଶିଶୁ ଦିବସରେ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି 'ଆମ କୁନିପିଲା' କାର୍ଯ୍ୟକ୍ରମ।

ବର୍ତ୍ତମାନର ଧାଁ ଧଉଡ ଜୀବନକୁ ଦେଖିଲେ ଏବଂ ଅନେକ ଅଭାବୀ ପରିବାରର ପିଲାମାନଙ୍କ ଜୀବନ ଚିତ୍ରକୁ ଦେଖିଲେ ଜଣାଯାଏ ପିଲାମାନଙ୍କର ମନସ୍ତାତ୍ତ୍ୱିକ ଠାରୁ ଆର୍ଥିକ, ସାମାଜିକ ଠାରୁ ଶିକ୍ଷା ଅନେକ କ୍ଷେତ୍ରରେ ସେମାନେ ଆଜି ବି ଅପହଞ୍ଚ। ବଣମଲ୍ଲୀ ପରି ଅନେକ ପ୍ରତିଭାବାନ କଳିକାମାନେ ସେମାନଙ୍କର ସାମର୍ଥ୍ୟର ସୌଜନ୍ୟକୁ ସାମ୍ନାକୁ ଆଣିପାରୁନାହାଁନ୍ତି। ପିଲାମାନଙ୍କ ଭିତରେ ବିକଶିତ ବୌଦ୍ଧିକ କ୍ଷେତ୍ର ଓ ସ୍ୱାସ୍ଥ୍ୟ କ୍ଷେତ୍ର ଏ ସବୁର ଗୁରୁତ୍ୱପୂର୍ଣ୍ଣ ଚିନ୍ତନ ଭିତରେ ପିଲାଟିର ପ୍ରାରମ୍ଭିକ ଅଗ୍ରଣୀ ବିକାଶ ଆରମ୍ଭ ହୋଇଥାଏ। ଅନେକ ପିଲାମାନେ ବିଶେଷକରି ଗ୍ରାମାଞ୍ଚଳରେ ବିଦ୍ୟାଳୟକୁ ଆସିବା ପାଇଁ ସକ୍ଷମ ହୋଇନଥାନ୍ତି। ଓଡ଼ିଶାର ଏକ ଲୋକପ୍ରିୟ ସରକାର ଶିଶୁ ଶିକ୍ଷା ଓ ପିଲାମାନଙ୍କ ସର୍ବବିଧ ଉନ୍ନତି ପାଇଁ ସାର୍ବଜନୀନ ବିକଶିତ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଅଙ୍ଗନବାଡ଼ି କେନ୍ଦ୍ର ଠାରୁ ଉଚ୍ଚତର ଶିକ୍ଷା ଅନେକ କିଛି ଯୋଜନା ପିଲାମାନଙ୍କ ପାଇଁ ରହିଛି ଏହାର ସୁଫଳ ଅନେକ ପିଲା ପାଉଛନ୍ତି ଓ ସେମାନଙ୍କର ଜୀବନର ଅମଡ଼ା ବାଟଟି ଯଥାର୍ଥ ବାଟରେ ଆଗେଇ ସେମାନେ ନିଜର ପ୍ରତିଭାର ବିକାଶ କରିପାରୁଛନ୍ତି। ପିତାମାତା ଓ ପରିବାରର ଅନ୍ୟ ଯତ୍ନ ପ୍ରଦାନକାରୀଙ୍କୁ ଶିଶୁର ପ୍ରାରମ୍ଭିକ ବର୍ଷ ପ୍ରତି ସମ୍ବେଦନଶୀଳ କରେଇବା, ପରିବାରର ପୁରୁଷ ମାନଙ୍କୁ ଶିଶୁ ଯତ୍ନରେ ସମ୍ପୃକ୍ତି କରିବା। କମ ମୂଲ୍ୟର ପରିବେଶ ଅନୁକୂଳ ସାମଗ୍ରୀ ଓ ଖେଳଣା ସହିତ ଶିଶୁ ମାନଙ୍କୁ ନିୟୋଜିତ କରିବା। ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଖେଳଣା, ଗପ ଏବଂ ସ୍ନେହଭରା କଥା, ଭଲ ପାଇବା, ସ୍ପର୍ଶ ଓ ଖେଳ ଦ୍ୱାରା ଶିଶୁ ମାନଙ୍କୁ ଏକ ସକରାତ୍ମକ ପରିବେଶ ଦେବା ସହ ସେମାନଙ୍କୁ ସକ୍ରିୟ କରାଇବା ଆଦି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଏହି ଅଭିଯାନରେ ସାମାଜିକ ଆଚରଣ ଯୋଗାଯୋଗ ସାମଗ୍ରୀ ଦ୍ୱାରା ପିତାମାତା, ପରିବାରର ଅନ୍ୟ ଯତ୍ନ ପ୍ରଦାନକାରୀ ତଥା ଅଙ୍ଗନବାଡ଼ିକର୍ମୀଙ୍କ କାର୍ଯ୍ୟକାରିତାକୁ ଆହୁରି ପ୍ରଭାବଶାଳୀ କରାଯାଇପାରିବ। ଏକ ଉତ୍ସାହଜନକ ପରିବେଶ ସୃଷ୍ଟି କରି ପିତାମାତାଙ୍କ ନେତୃତ୍ୱରେ ଘରେ ହିଁ ଆନନ୍ଦ ଦାୟକ ଶିଶୁ ବନ୍ଧୁତ୍ୱପୂର୍ଣ୍ଣ ଶିକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ 'ଆମ କୁନି ପିଲା' କାର୍ଯ୍ୟକଳାପରେ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ ବିଭିନ୍ନ ସୂଚନାତ୍ମକ ସାମଗ୍ରୀ ଯଥା ମା ବିକାଶ ପତ୍ର, କୁନି କ୍ୟାଲେଣ୍ଡର, ଆମ କୁନି ପିଲା ବହି, ସୁଖଦ ଲାଳନ ପାଳନ, ହାଣ୍ଡ ବୁକ ଓ ଆମ କୁନି ପିଲା ଟଏ କିଟ ଆଦି ପ୍ରସ୍ତୁତ କରାଯାଇଛି।

ଆମ୍ଭେମାନେ ଜାଣିଛେ ପ୍ରତ୍ୟେକ ଶିଶୁର ପ୍ରଥମ ୧ ହଜାର ଦିନ ହେଉଛି ସମ୍ବେଦନଶୀଳ। ଏହି ପ୍ରଥମ ହଜାର ଦିନରେ ଶିଶୁଙ୍କ ମସ୍ତିଷ୍କର ବିକାଶ ଓ ଶାରୀରିକ ବିକାଶ ଆରମ୍ଭ ହୋଇଥାଏ। ଜୀବନବ୍ୟାପୀ ସ୍ୱାସ୍ଥ୍ୟର ମୂଳଦୁଆ ପଡ଼ିଥାଏ। ଏହି ସମୟ ମଧ୍ୟରେ ଉଭୟ ମା ଓ ଶିଶୁର ଯତ୍ନ ଓ ପୁଷ୍ଟିକର ପୋଷଣ ଉପରେ ଶିଶୁର ବୃଦ୍ଧି ନିର୍ଭର କରିଥାଏ। ପିଲାମାନଙ୍କର ସର୍ବବିଦ୍ଧ ଓ ସ୍ୱାସ୍ଥ୍ୟଭିତ୍ତିକ ଅଭିବୃଦ୍ଧି କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ଯୋଜନା ସହ ମିଶନ ଶକ୍ତି କାର୍ଯ୍ୟକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ସହଭାଗିତା କାର୍ଯ୍ୟକ୍ରମ। ସହରାଞ୍ଚଳ, ଗୋଷ୍ଠୀ ସ୍ୱାସ୍ଥ୍ୟ ମିଶନ ହେଉ ବା ମିଶନ ଶକ୍ତିର କ୍ରାନ୍ତିକାରୀ ଯୋଜନା। ପିଲାମାନଙ୍କୁ ଆଗେଇ ନେବା ପାଇଁ ସେମାନଙ୍କ ସୃଜନ ସାମର୍ଥ୍ୟର ବିକାଶ ପାଇଁ ସରକାରଙ୍କ ଅଙ୍ଗୀକାରବଦ୍ଧତା ମଧ୍ୟ ପ୍ରାତଃ ସ୍ମରଣୀୟ। ପିଲାମାନଙ୍କର ବିକାଶ କରିବା ଓ ସେମାନଙ୍କ ଭିତରେ ପାଠପ୍ରତି, ସମାଜ ପ୍ରତି ଓ ପରିବାର ପ୍ରତି ଆଗ୍ରହ ଦାୟିତ୍ୱବୋଧକୁ ବଢ଼ାଇବା ମଧ ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା। ପିଲାମାନଙ୍କୁ ନୈତିକ ଶିକ୍ଷା ସହ ସେମାନଙ୍କୁ କୁପୋଷଣରୁ ମୁକ୍ତ କରିବା ଏକ ବଡ଼ ଦାୟିତ୍ୱ ଏବଂ ଏହା ରାଷ୍ଟ୍ର ଦାୟିତ୍ୱ ହୋଇଥିଲେ ମଧ ଏହା ଆମ ସମସ୍ତଙ୍କ ପାଇଁ ଏକ ସାମାଜିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ସରକାରଙ୍କ ଆମ କୁନି ପିଲା କାର୍ଯ୍ୟକ୍ରମ ଏକ ଲୋକପ୍ରିୟ କାର୍ଯ୍ୟକ୍ରମ ଭାବେ ପରିଗଣିତ ଏବଂ ଏଥିରେ ଆମ ସମସ୍ତଙ୍କର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ଆସନ୍ତୁ ଆମ କୁନି କଳିକା ମାନଙ୍କୁ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ନିର୍ମାଣରେ ସାମିଲ କରି ସେମାନଙ୍କୁ ଆଗେଇ ନେବା।


**ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ,**
**ସେକ୍ଟର-୮, ସିଡିଏ, କଟକ,**

## ପିଏମଶ୍ରୀ ଅରଖକୁଦା ଉଚ୍ଚ ବିଦ୍ୟାଳୟର ଦୁଇ ଦିନିଆ ବାର୍ଷିକ କ୍ରୀଡା ଉତ୍ସବ




କୃଷ୍ଣପ୍ରସାଦ, (ମହାଭାରତ): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଅରଖକୁଦା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପ୍ରଥମ ବାର୍ଷିକୀ ଦୁଇ ଦିନିଆ କ୍ରୀଡା ଉତ୍ସବ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ସୁଲୋଚନା ବେହେରାଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଅବସର ଖେଳ ଶିକ୍ଷକ ଗଙ୍ଗାଧର ପ୍ରଧାନ, ମୁଖ୍ୟ ବକ୍ତା ସାତପଡ଼ା ମଣ୍ଡଳ ବିଜେପି ସଭାପତି ପ୍ରଦୀପ୍ତ କୁମାର ବେହେରା, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଶ୍ରବଣ ପ୍ରଧାନ, ବ୍ରହ୍ମଗିରି ଯୋଗ ଶିକ୍ଷକ ଗୋପବନ୍ଧୁ ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ହର ନାରାୟଣ ନାୟକ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଉକ୍ତ ସଭା ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷକ ଶିବରାମ ବେହେରା ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟାନ୍ୟ ଅତିଥି ପ୍ରଦୀପ ପ୍ରଜ୍ଜଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରେ ପରେ ଛାତ୍ରୀ ମାନଙ୍କ ଦ୍ୱାରା ପରିବେଶିତ ପ୍ରାରମ୍ଭିକ ସଙ୍ଗୀତ ବେଶ ମନମୁଗ୍ଧକର ଥିଲା । ପ୍ରଥମ ଦିବସରେ ବିଦ୍ୟାଳୟ କ୍ରୀଡାଙ୍ଗନରେ ଦୌଡ଼, ଭଲିବଲ, କ୍ରିକେଟ, ଜାଭଲିନ, ଡିଆଁ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସହକାରୀ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ଖେଳ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଅଭିଭାବକ, ଅତିଥି, ଛାତ୍ରଛାତ୍ରୀ, ଜନସାଧାରଣ ବେଶ ଉପଭୋଗ କରିଥିଲେ । ସହକାରୀ ଶିକ୍ଷକ କାହ୍ନୁ ଚରଣ ବେହେରା, ଶିବରାମ ବେହେରା, ସୀମା ସଉରା, ରାକେଶ ଗୋଛାୟତ, ସୋନିଆ ନାୟକ, ପ୍ରସନ୍ନ ବିଶ୍ୱାଳ, ଧର୍ମପଦ ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରୁଥିବା ବେଳେ ବୁଧବାର ଉତ୍ସବର ଉଦଯାପନ ହେବ ବୋଲି ଜଣାଯାଇଛି ।

## ବାଲି ବୋଝେଇ ହାଇୱା ଟ୍ରକ ଧକ୍କାରେ ଯୁବକ ଗୁରୁତର, ୩୦ ଫୁଟ ତଳକୁ ଖସିଲା ହାଇୱା

ବାଲିଚନ୍ଦ୍ରପୁର, (ମହାଭାରତ): ଦର୍ପଣ ତହସିଲ ତଥା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ କେନାଲ ବନ୍ଧ ରାସ୍ତାର ଚାରିନଙ୍ଗଳ-ବାହାଦୁରନଗର ମଧ୍ୟବ□ ସ୍ଥାନରେ ଏକ ବାଲି ବୋଝେଇ ହାଇୱା ଗାଡ଼ି ସାମ୍ନାପଟୁ ଧକ୍କା ଦେବା ଫଳରେ ଜଣେ ଯୁବକ ଗୁରୁତର ଆହତ ହେବା ସହ ହାଇୱା ଟ୍ରକଟି ୩୦ ଫୁଟ ତଳକୁ ଖସିପଡ଼ିଛି । ଘଟଣାରୁ ପ୍ରକାଶ ଗତ କାଲି ସୋମବାର ରାତି ୧୦ଟା ପରେ ଏକ ବାଲି ବୋଝେଇ ହାଇୱା ଟ୍ରକ ଯାହାର ନମ୍ବର (ଓ ଡ଼ି ୦୪ ଇ ୯୦୩୫) ଗାଡ଼ିଟି ରଇପୁର ପଂଚାୟତ ଅନ୍ତର୍ଗତ ରାମଦାସପୁର-୨ ବାଲିଘାଟରୁ ବେଆଇନ ଭାବେ ବାଲି ବୋଝେଇ କରି ଯାଉଥିବା ବେଳେ ବାଲିଚନ୍ଦ୍ରପୁର ବଜାରରୁ ସୋଉଦା ନେଇ ବାହାଦୁରନଗର ଗ୍ରାମର ସଂଗ୍ରାମ କେଶରୀ ସାମଲ (ଆଶିଷ-୩୦) ଫେରୁଥିବା ବେଳେ ଉକ୍ତ ହାଇୱାଟି ସମ୍ପୃକ୍ତ ଯୁବକଙ୍କୁ ସାମ୍ନାପଟୁ ଧକ୍କା ଦେଇଥିଲା । ଯୁବକ ଜଣଙ୍କ ଘଟଣାସ୍ଥଳରେ ମୁର୍ମୁଷ ଅବସ୍ଥାରେ ପଡ଼ିଥିବା ବେଳେ ହାଇୱା ଗାଡ଼ିଟି ପ୍ରାୟ ୩୦ ଫୁଟ ବନ୍ଧ ତଳକୁ ପଲଟି ମାରି ପଡ଼ିଥିବା ଦେଖାଦେଇଛି । ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଚିହ୍ନିବା ପରେ ସଙ୍ଗେ ସଙ୍ଗେ ଏକ କାର ଯୋଗେ ଗୁରୁତର ଅବସ୍ଥାରେ କଟକର ଏକ ଘରୋଇ ହସ୍ପିଟାଲରେ ନେଇ ଭ□ କରିଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ହାଇୱାଟି ଦୁର୍ଘଟଣା ସ୍ଥଳରେ ପଡ଼ିରହିଥିବା ବେଳେ ପୋଲିସ ଗାଡ଼ିଟିକୁ ଜଗିରହିଛି । ସମ୍ପୃକ୍ତ ଦୁର୍ଘଟଣା ଗ୍ରସ୍ତ ଯୁବକ ଡ଼ାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଜଣାପଡ଼ିଛି । ଏ ନେଇ ବାଲିଚନ୍ଦ୍ରପୁର ଥାନା କେଶ ନଂ ୪୯/୨୬ରେ ମାମଲା ରୁଜୁ ହୋଇ ତଦନ୍ତ ଜାରିରହିଥିବା ଥାନାଧିକାରୀ ସମରଜିତ୍ ନାୟକ ସୂଚନା ଦେଇଛନ୍ତି ।

## ୟୁଜିସି ନିୟମ-୨୦୨୬ ତୁରନ୍ତ ଲାଗୁକରଣ ଦାବିରେ ଲକ୍ଷ୍ମୀପୂରରେ ବିଶାଳ ପଦଯାତ୍ରା

ଲକ୍ଷ୍ମୀପୂର , (ମହାଭାରତ) : ୟୁଜିସି ନିୟମ-୨୦୨୬ କୁ କୌଣସି ପରିବର୍ତ୍ତନ କିମ୍ବା ଶିଥିଳତା ବିନା ତୁରନ୍ତ କାର୍ଯ୍ୟକାରୀ କରିବା ଦାବିରେ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୂରରେ ସୋମବାର ଦିନ ଏକ ବିଶାଳ ଜନସମାବେଶ ଓ ପଦଯାତ୍ରା ଅନୁଷ୍ଠିତ ହୋଇଛି । ଝଉ, ଝଞ୍ଜ, ଡଂଇଉ ଓ ମାଇନରିଟି ଛାତ୍ରଛାତ୍ରୀଙ୍କ ଅଧିକାର ସୁରକ୍ଷାକୁ ନଜରରେ ରଖି ଏହି ଆନ୍ଦୋଳନ ଆୟୋଜିତ ହୋଇଥିଲା । ଲକ୍ଷ୍ମୀପୂର ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଛାତ୍ରଛାତ୍ରୀ ଓ ସମର୍ଥକମାନେ ପ୍ରଥମେ ମିନି ଷ୍ଟାଡିଅମରେ ଏକତ୍ରିତ ହୋଇଥିଲେ । ପରେ ପ୍ଲାକାର୍ଡ ଓ ସ୍ଲୋଗାନ୍ ସହ ରାଜରାସ୍ତା ଦେଇ ଶାନ୍ତିପୂର୍ଣ୍ଣ ରାଲି କରି ସହର ପରିକ୍ରମା କରିଥିଲେ । ରାଲି ଡାକ୍ତର ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ପରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇ ସାମାଜିକ ନ୍ୟାୟ ଓ ସମାନ ଅଧିକାର ପାଇଁ ସଙ୍କଳ୍ପ ଗ୍ରହଣ କରାଯାଇଥିଲା । ଆନ୍ଦୋଳନକାରୀମାନଙ୍କ ମତାନୁସାରେ, ନିୟମ ଲାଗୁ ହେବାରେ ବିଳମ୍ବ ହେତୁ ଛାତ୍ରଛାତ୍ରୀମାନେ ଶିକ୍ଷାଗତ ଓ ସାମାଜିକ ଭାବେ ପ୍ରଭାବିତ ହେଉଛନ୍ତି ଓ ଆରକ୍ଷଣ ଶ୍ରେଣୀର ଶିକ୍ଷାର୍ଥୀମାନେ ବିଶେଷ ଅନିଶ୍ଚିତତାରେ ରହୁଛନ୍ତି । ପରବର୍ତ୍ତୀକାଳରେ ଆନ୍ଦୋଳନକାରୀମାନେ ତହସିଲ କାର୍ଯ୍ୟାଳୟକୁ ଯାଇ ତହସିଲଦାରଙ୍କ ମାଧ୍ୟମରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଓ ବିଜେଡି ଜିଲ୍ଲା ସଭାପତି ଝିନ୍ ହିକକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ବ୍ଲକ ଅଧ୍ୟକ୍ଷା ଶୁଆଇ କୁଲେସିକା, କୈଳାଶ ଖୋସ୍ଲା,ବିଜେଡି ବ୍ଲକ ସଭାପତି ବିପିନ ଖରା, ଯୁବ ନେତା ମଣ୍ଟି ଖରା, ଦେବ ଖରା, ସମାଜସେବୀ ପପୁ ହିକକା, ଇଷ୍ଟ ସଗରିଆ, ତ୍ରିଲୋଚନ ଖରା, ବିଶ୍ୱଜିତ ଗରଡ଼ା, ଦ୍ରଣ ଖୋସ୍ଲା, ଜଗଦୀଶ ଖରା, ବୁଲୁ ଖରା, ଘନଶ୍ୟାମ ହାଲୱା ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ସମର୍ଥକ ସହ ଅନେକ ସ୍ଥାନୀୟ ନେତା ଓ ସମାଜସେବୀ ଉପସ୍ଥିତ ଥିଲେ । କିଛି ପ୍ରଭାବଶାଳୀ ନେତା ଓ ସଂଗଠନ ଏବଂ ଡଂଇଉ ବର୍ଗର କିଛି ପ୍ରତିନିଧି ଅନୁପସ୍ଥିତିକୁ ନେଇ ଆୟୋଜକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

# ବିଲଡରଙ୍କ ଜମି ଦଲାଲ ଓ ସ୍ୱାର୍ଥାନ୍ୱେଷୀଙ୍କ ବିରୋଧରେ

ବାରଙ୍ଗ, (ମହାଭାରତ): କଟକ ଜିଲ୍ଲା ବାରଙ୍ଗ ତହସିଲ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ରାଜସ୍ୱ ନୀରିକ୍ଷକଙ୍କ ଅଧୀନରେ ଥିବା କୁରୁଣ୍ଟି ମୌଜାର କୁରୁଣ୍ଟି ଗ୍ରାମର ଏକ ଚକ ରାସ୍ତାରେ ବିକାଶ ମୂଳକ କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀଙ୍କ ହିତରେ ବିରୋଧ କରୁଛନ୍ତି କିଛି ଜମି ଦଲାଲ ଓ ହାତଗଣତି ସ୍ୱାର୍ଥାନ୍ୱେଷୀ ଖଳ ଶ୍ରେଣୀର ଗୁଣ୍ଡାବ୍ୟକ୍ତି । କୁରୁଣ୍ଟି ମୌଜାରେ ଗତ ୧୫ ବର୍ଷ ଧରି ମାତ୍ରାଧିକ ବିଲଡରଙ୍କ ଅନୁପ୍ରବେଶ ଗ୍ରାମୀଣ ସାମାଜିକ ଗଠନକୁ ଭାଙ୍ଗି ଦେଇଥିବା ଚିତ୍ର ସ୍ୱଷ୍ଟ ହେଉଛି । ବିଲଡରମାନେ ଗ୍ରାମର କିଛି ହାତଗଣତି ବ୍ୟକ୍ତିଙ୍କୁ ଜମି ଦଲାଲି କରିବା କାର୍ଯ୍ୟରେ ଲାଗାଇ ନିୟମିତ ଭାବେ ନିଶା ଓ ବିଭିନ୍ନ ସମୟରେ ଭୋଜିଭାତର ଆସର ଜମେଇବା ପାଇଁ କିଛି ଅର୍ଥ ଦେଇ ଗ୍ରାମବାସୀଙ୍କ ବିରୁଦ୍ଧରେ ଉସ୍ କାଇ ଆସୁଥିବା ଦେଖିବାକୁ ମିଳୁଛି । ଜମି ଦଲାଲ ଓ ହାତଗଣତି ସ୍ୱାର୍ଥାନ୍ୱେଷୀ ଖଳ ଶ୍ରେଣୀର ଗୁଣ୍ଡା ବ୍ୟକ୍ତିଙ୍କ ବିରୁଦ୍ଧରେ ଶେଷରେ ଏକତ୍ରିତ ହୋଇଛନ୍ତି କୁରୁଣ୍ଟିବାସୀ । କୁରୁଣ୍ଟି ଗ୍ରାମର ସ୍କୁଲ ଖେଳ ପଡିଆ ଓ ଚାଷୀଙ୍କ ଚାଷଜମିକୁ ସୂଚାରୁ ରୂପେ ଯାତାୟତ ପାଇଁ ପ୍ଲଟ ନଂ ୮୩୨ ଚକ ରାସ୍ତାକୁ ଗ୍ରାମବାସୀଙ୍କ ସହମତିରେ ଉନ୍ନତି କରଣ ହେଉଥିବା ରାସ୍ତା କାମକୁ ବିରୋଧ କରି କିଛି ଜମି ଦଲାଲି କରୁଥିବା ଓ ସ୍ୱାର୍ଥାନ୍ୱେଷୀ ଖଳ ଶ୍ରେଣୀର ଗୁଣ୍ଡାବ୍ୟକ୍ତି ଅବୈଧ ଚାପ ସୃଷ୍ଟି କରୁଥିବା ଅଭିଯୋଗକୁ ନେଇ ଗ୍ରାମରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଗ୍ରାମବାସୀମାନେ ଏକ ସ୍ୱରରେ କହିଛନ୍ତି ଯେ ବିକାଶକୁ ଅଟକାଇ ନିଜ ସ୍ୱାର୍ଥ ସାଧନ କରିବା ପାଇଁ ଚେଷ୍ଟା




କରୁଥିବା ବ୍ୟକ୍ତିଙ୍କୁ କୌଣସି ମୂଲ୍ୟରେ ସହ୍ୟ କରାଯିବ ନାହିଁ । ଗ୍ରାମର ସାମୂହିକ ହିତକୁ ଅଗ୍ରାଧିକାର ଦେଇ କୁରୁଣ୍ଟି ଗ୍ରାମବାସୀମାନେ ବିଲଡର ଗ୍ରାମରେ ରଖିଥିବା ଜମି ଦଲାଲ ଓ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ଚାଲାକି ଓ ଚକ୍ରାନ୍ତକୁ ସ୍ୱଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି । ଗ୍ରାମବାସୀଙ୍କ କହିବାନୁସାରେ,ଉକ୍ତ ବ୍ୟକ୍ତିମାନେ ଦୀର୍ଘ ବର୍ଷ ଧରି ବିଲଡରଙ୍କ ଜମି ଦଲାଲି କରିବାର ଲାଭ ଲୋଭରେ ଗ୍ରାମର ସାମୂହିକ ହିତକୁ ବଳି ଦେଇ ଆସୁଛନ୍ତି । କେବଳ କିଛି ଅର୍ଥ ପାଇଁ ସେମାନେ ଗ୍ରାମବାସୀଙ୍କ ବିରୋଧରେ ଯାଇ ବିକାଶମୂଳକ କାର୍ଯ୍ୟକୁ ଅଟକାଇବା, ଗ୍ରାମରେ ଅସ୍ଥିରତା ସୃଷ୍ଟି କରିବା ଓ ପ୍ରଶାସନକୁ ଭ୍ରମିତ କରିବାର ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି । ତେଣୁ ଗ୍ରାମର ସମସ୍ତ ବର୍ଗର ଲୋକ ଏକସ୍ୱରରେ ଚକ ରାସ୍ତାରେ ହେଉଥିବା ରାସ୍ତା କାମକୁ ସମର୍ଥନ କରି ସରକାରୀ ଭାବେ ନକ୍ସାରେ ଥିବା ଏହି ଚକ ରାସ୍ତାକୁ ସ୍କୁଲ ଖେଳପଡିଆ ଓ ଚାଷୀଙ୍କ ପାଇଁ ଉପଯୋଗୀ ରାସ୍ତା ଭାବେ ନିର୍ମାଣ କରାଯିବାକୁ ବାରଙ୍ଗ ତହସିଲଦାରଙ୍କୁ ଗତକାଲି ଲିଖିତ ସମ୍ମତି ଜଣାଇଛନ୍ତି । ସାମୂହିକ ହିତକୁ ଅଗ୍ରାଧିକାର ଦେଇ ଗ୍ରାମବାସୀଙ୍କ ଏକତାରୁ ସ୍ୱଷ୍ଟ କରିଦେଇଛି ଯେ କୁରୁଣ୍ଟିର ବିକାଶ କାହାର ଦଲାଲି, ଲୋଭ ବା ଚାପର ବଶବର୍ତ୍ତୀ ନୁହେଁ କେବଳ କୁରୁଣ୍ଟି ଗ୍ରାମବାସୀଙ୍କ ଇଚ୍ଛାରେ ଚାଲିବ । କୁରୁଣ୍ଟି ଗ୍ରାମର ଏହି ଏକତା କେବଳ ବିକାଶ ବିରୋଧୀଙ୍କ ପାଇଁ କଡା ସତର୍କବାଣୀ ଏବଂ ପ୍ରଶାସନ ପାଇଁ ମଧ୍ୟ ସ୍ୱଷ୍ଟ ସନ୍ଦେଶ । ଗ୍ରାମର ଭବିଷ୍ୟତ ସୁରକ୍ଷା ପାଇଁ ଦଲାଲି ଓ ସ୍ୱାର୍ଥାନ୍ୱେଷୀଙ୍କ ଚକ୍ରାନ୍ତ ବିରୋଧରେ କଠୋର ପଦକ୍ଷେପ ନେବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି କୁରୁଣ୍ଟିଗ୍ରାମବାସୀ ।

## ଡ଼ଙ୍ଗାଯୋର ବାମନଟିକ୍ରିରେ ଶୈଳେଶ୍ୱର ମହାଦେବ ଓ ମାଁ ଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଅଖଣ୍ଡ ଅଷ୍ଟ ପ୍ରହର ନାମଯଜ୍ଞ



ଲାଞ୍ଜିଗଡ଼, (ମହାଭାରତ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଉପାନ୍ତ ବନ୍ଧପାରି ଗ୍ରାମପଞ୍ଚାୟତ ଅଧିନସ୍ତ ଡ଼ଙ୍ଗାଯୋର ବାମନଟିକ୍ରି ଶୈଳେଶ୍ୱର ଶୈବ ପୀଠରେ ଶୈଳେଶ୍ୱର ମନ୍ଦିର ପରିଚାଳନା କମିଟିର ସଭାପତି ଭାସ୍କର ମାଝୀଙ୍କ ତତ୍ୱାବଧାନରେ ଆୟୋଜିତ କ୍ରମେ ଶୈଳେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଓ ମାଁ ଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା ପାଇଁ ଅଖଣ୍ଡ ଅଷ୍ଟ ପ୍ରହର ନାମଯଜ୍ଞ ଶୁଭାରମ୍ଭ ନିମନ୍ତେ ମହା ଆଡମ୍ବର ସହ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଉକ୍ତ ଭବ୍ୟ କଳସ ଶୋଭାଯାତ୍ରାରେ ଆଖ ପାଖ ଅଞ୍ଚଳର ଶତାଧିକ ମହିଳା ଓ ଆବାଳ ବୃଦ୍ଧବନିତା ସାମିଲ ହୋଇଥିଲେ । ଏଥିରେ ଶୈଳେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରୁ ବାହାରି ବନ୍ଧପାରି ଚଞ୍ଚରାପଡ଼ା ରେତ ନଦୀରୁ ପାଣି ଗ୍ରହଣ ପରେ ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା । ଶତାଧିକ ସଂଖ୍ୟକ ଜନସମାଗମରେ କଳସ ଶୋଭାଯାତ୍ରା ବନ୍ଧପାରି ଓ ଡଙ୍ଗାଯୋରକୁ ବିମୋହିତ କରିଥିଲା । ଏହି ନାମଯଜ୍ଞରେ ନିଜକୁ ଭକ୍ତି ଭାବନାରେ ସମର୍ପିତ କରିବାପାଇଁ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ଭକ୍ତଙ୍କ ସୁଅ ଛୁଟୁଥିବାବେଳେ ସମଗ୍ର ବାମନଟିକ୍ରି ଲୋକାରଣ୍ୟ ହୋଇପଡ଼ିଛି । ଉକ୍ତ ଶୈବପୀଠରେ ଚଳିତ ବର୍ଷ ସାତ ଦିନ ଧରି ମହାଶିବରାତ୍ରି ଅନୁଷ୍ଠିତ ହେଉଥିବା କମିଟି ପକ୍ଷରୁ ସୂଚନା ମିଳିଥିବାବେଳେ ଶୈଳେଶ୍ୱର ମହାଦେବଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଓ ମାଁ ଚଣ୍ଡୀଙ୍କ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ସନମ ମାଝୀ ଓ ତାଙ୍କ ଧର୍ମପତ୍ନୀ ସୀତାଇ ମାଝୀ କାର୍ଯ୍ୟ ତୁଲାଇଥିବାବେଳେ ଅଖଣ୍ଡ ଅଷ୍ଟ ପ୍ରହର ନାମଯଜ୍ଞ କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ବିନାୟକ ଦଳପତି ଓ ତାଙ୍କ ଧର୍ମପତ୍ନୀ ମାଳତୀ ଦଳପତି ନିଷ୍ଠାର ସହ ପୂଜାର୍ଚ୍ଚନା ଓ ନାମ ଯଜ୍ଞ କରି ଶୈଳେଶ୍ୱର ମହାଦେବ ଓ ରାମକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରିଥିବାବେଳେ ଏଥିରେ ପୂଜକ ଭାବେ ଜିତେନ୍ଦ୍ର ପାଢ଼ୀ ଓ ମାୟାଧର ଶତପଥୀ ପୂଜାକାର୍ଯ୍ୟ ତୁଲାଇଛନ୍ତି । ଏଥିରେ ମନ୍ଦିର ପୂଜକ ଘାସିରାମ ପଟେଲ ଓ କମିଟିର କୋଷାଧକ୍ଷ ଉଗ୍ରେସନ ବାଗ, ସମ୍ପାଦକ ଜଗବନ୍ଧୁ ମାଝୀ, ସଦସ୍ୟ ରତ୍ନାକର ମାଝୀ, ଦିଲ୍ଲୀପ ମହାରଣା, ବେଲୁନ ମାଝୀ, ମନୋଜ ମାଝୀ, ବିରଞ୍ଚି ବେନୁଆଁ, ସିମାଞ୍ଚଳ ହରିଜନ, ବରୁଣ ଭୋଇ, ଟୁଲୁ ଗୌଡ଼, ହିମାଂଶୁ ନାଏକ ସମେତ ଶୈଳେଶ୍ୱର ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ପ୍ରମୁଖ ବିଶେଷ ସହଯୋଗ କରିଥିଲେ ।

## ଜେଏସଡବ୍ଲ୍ୟୁ ସମର୍ଥ ଯୁବ ବିକାଶ କେନ୍ଦ୍ର ଯୁବ ଗୋଷ୍ଠୀ ପାଇଁ ଯୋଗାଉଛି ରୋଜଗାରର ମାଧ୍ୟମ

ପାରାଦୀପ, (ମହାଭାରତ) : ଜଗତସିଂହପୁର ଜିଲ୍ଲା ନୂଆଗାଁଠାରେ ଜେଏସଡବ୍ଲ୍ୟୁ ଓ ଗୁରୁକୂଳ ଫାଉଣ୍ଡେସନ୍ ମିଳିତ ସହଭାଗିତାରେ କାର୍ଯ୍ୟ କରିଆସୁଛି । ଜିଲ୍ଲା ପ୍ରଶାସନ ସହଯୋଗରେ ନୂଆଗାଁର ଏକ ବନ୍ଦ ରହିଥିବା ପ୍ରାଥମିକ ବିଦ୍ୟାଳୟକୁ ଜେଏସଡବ୍ଲ୍ୟୁକୁ ପ୍ରଦାନ କରାଯାଇଥିଲା । ପ୍ରକଳ୍ପ ଅଂଚଳର ଯୋଗ୍ୟ ଯୁବକଯୁବତୀମାନଙ୍କୁ ରାଜ୍ୟ ଏବଂ କେନ୍ଦ୍ର ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ବିଭିନ୍ନ ପରୀକ୍ଷା, ପ୍ରାକ୍ଟିସ୍ ଟେଷଟ ଏବଂ ବ୍ୟକ୍ତିତ୍ୱ ବିକାଶର ପ୍ରଶିକ୍ଷଣ ଏହି କେନ୍ଦ୍ରରେ ପ୍ରଦାନ କରାଯାଉଅଛି । ଗ୍ରାମୀଣ ଯବକମାନଙ୍କୁ ଏଠାରେ ଦେୟମୁକ୍ତ ଶିକ୍ଷା ଦିଆଯାଉଛି । ଗତ ଦୁଇ ବର୍ଷ ମଧ୍ୟରେ ଏହି କେନ୍ଦ୍ରରୁ ତିନିଶହରୁ ଉର୍ଦ୍ଧ ଯୁବକଯୁବତୀ ଲାଭବାନ ହୋଇଥିବା ନେଇ କମ୍ପାନୀ ପକ୍ଷରୁ ସୂଚନା ମିଳିଛି । ସରକାୀ ପରୀକ୍ଷାରେ ୨୧ ଜଣ ସଫଳ ହୋଇଥିବା ବେଳେ ଗଡକୁଜଙ୍ଗର ଜନୈକ ଛାତ୍ର ଓଡିଶା ସିଭିଲ ସର୍ଭିସ୍ ପରୀକ୍ଷାରେ ଯୋଗ୍ୟ ବିବେଚିତ ହୋଇଛିଁ । ପ୍ରକଳ୍ପ ଅଂଚଳ ବ୍ୟତିତ ପ୍ରକଳ୍ପ ବାହାରରୁ ମଧ୍ୟ ଯୁବକଯୁବତୀମାନେ ଏହି କେନ୍ଦ୍ରକୁ ଆସି ପ୍ରଶିକ୍ଷଣ ନେଉଥିବା ସୂଚନା ମିଳିଛି । ନୂଆଗାଁର ଏହି ସଫଳତା ଦେଖି ପାରାଦୀପ ଓ ଜଗତସିଂହପୁର ଜିଲ୍ଲାର ଅନ୍ୟ ବପ କମ୍ପାନୀମାଟେ ଏପରି ନିଶୁଳ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛିଁ । ସମର୍ଥ ଯୁବ ବିକାଶ କେନ୍ଦ୍ର ଜେଏସଡବ୍ଲ୍ୟୁ ଫାଉଣ୍ଡେସନର ସାମାଜିକ ବିକାଶ ଦାୟିତ୍ୱବୋଧର ଅଂଶ ଭାବେ କାର୍ଯ୍ୟକରୁଥିବା ନେଇ ସୂଚନା ମିଳିଛି ।

## ଜାତୀୟ କୃମି ନାଶକ ଦିବସ ପାଳିତ



ଦପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇ ଛି । କାର୍ଯ୍ୟକ୍ରମ ପାଟଣା ବିପିଏମ୍ ଦୀପକ କୁମାର ନାୟକ ଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଛି । ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧକ୍ଷା ବୀଣାପାଣି ନାୟକ ଯୋଗଦାନ କରି କାର୍ଯ୍ୟକ୍ରମ ଉଦ୍ଘାଟନ କରିଛନ୍ତି । ସମ୍ମାନିତ ଅତିଥି ଭାବେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ଦଣ୍ଡପାଟ, ମଣ୍ଡଳ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ, ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ରାୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସିଏ ଭାଗିରଥି ବେହେରା, ବିଡିଏମ୍ ରଞ୍ଜିତା ମହାନ୍ତ, ଏମରାଏ ଲମ୍ବୁଧର ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀ ମାନ ଙ୍କୁ କୃମି ଔଷଧ ଅତିଥି ମାନେ ଖୁଆଇ ଛନ୍ତି । ଏହି କୃମି ଔଷଧ ଖାଇବାର ବୟସ ସୀମା ୧ ବର୍ଷ ରୁ ଆରମ୍ଭ କରି ୧୯ ବର୍ଷ ପର୍ଯ୍ୟନ୍ତ ରହିଥିବା ବେଳେ ଏହି କୃମି ଔଷଧ ଅଙ୍ଗନବାଡି କେନ୍ଦ୍ର, କଲେଜ, ସ୍କୁଲ ଗୁଡ଼ିକ ରେ ଆସନ୍ତା ୧୭ ଫେବୃଆରି ଦିଆଯିବା ସ୍ଥିର କରାଯାଇ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରୁ ସୂଚନା ରହିଛି ।

# ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ପାଳନ କରୁଛି ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ରଜତ ଜୟନ୍ତୀ ଉତ୍ସବ

କୁନ୍ଦୁରା, (ମହାଭାରତ) : କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବିଜୁ ପଟ୍ଟନାୟକ ଡିଗ୍ରୀ ମୋହା ବିଦ୍ୟାଳୟ ତାର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପାଳନ କରୁଛି ରଜତ ଜୟନ୍ତୀ ଉତ୍ସବ । କାର୍ଯ୍ୟକ୍ରମ ଆଜି ଶୁଭ ଉଦ୍ଘାଟନ ହୋଇଛି କ୍ଷ ଉଦ୍ଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ବିକ୍ରମଦେବ ମୋହା ବିଦ୍ୟାଳୟ କୁଳପତି ଜୟପୁର - ଦେବୀ ପ୍ରସାଦ ମିଶ୍ର ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ - ପ୍ରାକ୍ତନ ଆଞ୍ଚଳିକ ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ ଜୟପୁର - ଡକ୍ଟର ଗୋପାଳ ହାଲଦାର, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ନବରଙ୍ଗପୁର - ଭଗବାନ ମାଝୀ, ଆଞ୍ଚଳିକ ନିର୍ଦ୍ଦେଶକ ଉଚ୍ଚ ଶିକ୍ଷା ବିଭାଗ ଜୟପୁର - ଡକ୍ଟର ମହେନ୍ଦ୍ର କୁମାର ଭୋଇ, ଉପାଧକ୍ଷ ଜିଲ୍ଲା ପରିଷଦ କୋରାପୁଟ - ରାଧାବିନୋଦ ସାମନ୍ତରାୟ, ଜିଲ୍ଲା ପରିଷଦ - ୨ କୁନ୍ଦୁରା -ସୁଶ୍ରୀ କନକଲତା ପେଣ୍ଠିଆ, କୁନ୍ଦୁରା ବ୍ଲକ ଅଧକ୍ଷା - ବନିତା କାନ୍ଦଲିଆ ମଞ୍ଚାସିନ ହୋଇଥିଲେ । ଆଜିର ରଜତ ଜୟନ୍ତୀ ଉତ୍ସବ ଉଦ୍ଘାଟନୀ କାର୍ଯ୍ୟକ୍ରମ ରେ ସଭାପତି ରୂପେ ଜୟପୁର ଉପ ଜିଲ୍ଲାପାଳ କୁମାରୀ ଆକାବରମ ସସ୍ୟା ରେଡ୍ଡୀ କାର୍ଯ୍ୟକ୍ରମ ସମ୍ପାଦନ କରିବାକୁ ଥିବା ବେଳେ ତାଙ୍କର ଉପସ୍ଥିତିରେ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟ ର କୁଳପତି ହୃଦୟ ରଞ୍ଜନ ପଣ୍ଡା ସଭାପତିତ୍ୱ କରିବା ସହ କାର୍ଯ୍ୟକ୍ରମ ସମ୍ପାଦିତ କରିଥିଲେ ।



ସମସ୍ତ ଅତିଥି ଙ୍କୁ ନେଇ ପ୍ରଥମେ ଜଗତର ନାଥ ଜଗନ୍ନାଥ ଙ୍କ ପ୍ରତିମୂର୍ତ୍ତି ନିକଟରେ ଦୀପ ଧୂପ ଓ ପୁଷ୍ପମାଲ୍ୟ ଅର୍ପଣ କରି ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । କୁନ୍ଦୁରା ବ୍ଲକ ଭଳି ଏକ ଉପାନ୍ତ ଅଞ୍ଚଳରେ ଶିକ୍ଷାର ଉନ୍ନତି କୁ ପ୍ରାଧାନ୍ୟ ଦେଇ ଦୀର୍ଘ ୩୦ ବର୍ଷ ପୂର୍ବେ ବରିଷ୍ଠ ଶିକ୍ଷାବିତ ପଞ୍ଚାନନ ଗୌଡ଼ ଙ୍କ ପ୍ରଚେଷ୍ଟା କ୍ରମେ ଶିକ୍ଷା ଆଗ୍ରହୀ ଯୁବଗଣ ସଞ୍ଜୟ କୁମାର ସାହୁ, ବୃନ୍ଦାବନ ପାତ୍ର, ଶ୍ରୀ ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ସ୍ୱର୍ଗୀୟ ତ୍ରିପତି ଗୁରୁ ଙ୍କ ପୂର୍ଣ୍ଣ ଉଦ୍ୟମ ଏବଂ ଆଞ୍ଚଳିକ ଲୋକଙ୍କ ସହଯୋଗ ରେ ୧୯୯୩ ମସିହାରେ ଆରମ୍ଭ ହୋଇଥିଲା +୨ ର ନାମ ଲେଖା ଓ ଅଧ୍ୟୟନ । ୧୯୯୬ ମସିହାରେ ଆରମ୍ଭ ହେଲା ସ୍ନାତକ ପାଠ୍ୟକ୍ରମ । ୨୦୦୦-୨୦୦୧ ମସିହାରେ ସ୍ନାତକ ମହାବିଦ୍ୟାଳୟ ସରକାରଙ୍କ ଠାରୁ ଅନୁମତି ପାଇ ଆଜି ଅର୍ଥାତ ରଜତ ଜୟନ୍ତୀ ପାଳନ କରିବା ପର୍ଯ୍ୟନ୍ତ ସୁଚାରୁରୂପେ ପରିଚାଳିତ ହୋଇ ଆସିଛି । ଆଜି ଏହି ବିଦ୍ୟାଳୟ ୨୫୬ ଆସନ ବିଶିଷ୍ଟ ଶିକ୍ଷା, ଇତିହାସ, ଓଡ଼ିଆ ଓ ରାଜନୀତି ବିଜ୍ଞାନ ଆଦି ବିଷୟରେ ୬୪ ଲେଖାଏ ହନର୍ସ କୁ ଭିତ୍ତିକରି କୋରାପୁଟ ଜିଲ୍ଲାରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି । ଶିକ୍ଷା, ସଙ୍ଗୀତ, କ୍ରୀଡା, ଏନ୍ ଏସ ଏସ ଓ ଯୁବ ରେଡକ୍ରୋସ ଆଦି ବିଭାଗ ରେ ଛାତ୍ର ଛାତ୍ରୀ ଅଧାପକ ଅଧାପିକା ମାନେ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଟି ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରି ବ୍ଲକ ଜିଲ୍ଲା ତଥା ରାଜ୍ୟ ସ୍ତରରେ ଅନୁଷ୍ଠାନ କୁ ଗୌରାବାନ୍ୱିତ କରିଛନ୍ତି । ଚଳିତ ବର୍ଷ ଏହି ବିଦ୍ୟାଳୟ ର ଛାତ୍ର ରାଜ କିଶୋର ଦୋରା ବିକ୍ରମଦେବ ବିଶ୍ୱବିଦ୍ୟାଳୟ ତରଫରୁ ଏନ୍ ଏସ ଏସ ସ୍ୱେଚ୍ଛାସେବୀ ଭାବେ ୭୭ତମ ସାଧାରଣତନ୍ତ୍ର ଦିବସରେ ଦେଶର ରାଜଧାନୀ ଦିଲ୍ଲୀ କର୍ତ୍ତବ୍ୟ ପଥ ରେ ଭାଗ ନେଇ ଆମ ମହାବିଦ୍ୟାଳୟ ତଥା କୁନ୍ଦୁରା ଏବଂ କୋରାପୁଟ ଜିଲ୍ଲାର ନାଁ ଉଚ୍ଚା କରିଛନ୍ତି । ଏହି କଲେଜ ର ପ୍ରତ୍ୟୁଷା ପାତ୍ର ରାଜ୍ୟ ରିଲସ୍ ପ୍ରତିଯୋଗିତା ରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ତଥା ସମଗ୍ର ଜିଲ୍ଲା କୁ ଗୌରାବାନ୍ୱିତ କରିଛନ୍ତି । ଆଗକୁ ଏହି ମହାବିଦ୍ୟାଳୟ ଶିକ୍ଷା ଦିଗରେ ଉତ୍ତରତର ଉନ୍ନତି କରୁ, ଏହି ବିଦ୍ୟାଳୟ ର ଛାତ୍ର ଛାତ୍ରୀ ସାରା ଭାରତ ବର୍ଷ ରେ ଏକ ନିଆରା ପ୍ରତିଭା ପ୍ରଦର୍ଶନ କରି ଏହି ବିଦ୍ୟାଳୟ ତଥା ଆମ କୋରାପୁଟ ଜିଲ୍ଲା ଓ ଓଡିଶା ରାଜ୍ୟର ନାମ କୁ ଗୌରବାନ୍ୱିତ କରନ୍ତୁ କହି ଶୁଭେଚ୍ଛା ଓ ଶୁଭ କାମନା ଦେଇଛନ୍ତି ଉପସ୍ଥିତ ଅତିଥି ବୃନ୍ଦ । ଉପସ୍ଥିତ ଅତିଥି ଙ୍କ କରକୋମଳ ରେ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ହାସଲ କରିଥିବା କିଛି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଆସନ୍ତା କାଲି ଉଦଯାପନୀ ଉତ୍ସବ ରହିଛି, ଦୁଇ ଦିନ ଧରି ଉତ୍ସବ ମୁଖର ଏହି ବିଦ୍ୟାଳୟ ର ସମସ୍ତ ଅଧାପକ ଅଧାପିକା ଏବଂ ସମସ୍ତ ଛାତ୍ର ଛାତ୍ରୀ ଏହି ରଜତ ଜୟନ୍ତୀ ଉତ୍ସବ କୁ ଅତି ଆଡମ୍ବର ଭାବେ ପାଳନ କରୁଥିବା ଦେଖିବାକୁ ମିଳିଛି ।

## ବଙ୍ଗଳା ଚଳଚ୍ଚିତ୍ର 'ଆଗୁନ୍' ରେ ଓଡ଼ିଆ ପୁଅ ଗୁଲଜାର୍

ବାଲିପାଟଣା, (ମହାଭାରତ) : ଇତିମଧ୍ୟରେ ଏକାଧିକ କ୍ଷୁଦ୍ର ଓ ପ୍ରାମାଣିକ ଚଳଚ୍ଚିତ୍ରରେ ନିର୍ଦ୍ଦେଶନା ସହ ଅଭିନୟ କରି ଜାତୀୟ ତଥା ଆନ୍ତର୍ଜାତୀୟ ପୁରସ୍କାର ସହ ଅନେକ ପୁରସ୍କାର ଲାଭ କରିପାରିଛନ୍ତି ନୁଆ ମଠ, ସାହେବ ନଗର, ବାଲିପାଟଣା ନିବାସୀ ପିତା ଶେଖ୍ ସିଦ୍ଦିକି ଓ ମାତା ଫାତମା ବିବିଙ୍କ ପୁଅ ଶେଖ୍ ଗୁଲଜାର୍ ହୁସେନ୍ । ବଙ୍ଗଳା ଚଳଚ୍ଚିତ୍ର ଜଗତର ଖ୍ୟାତନାମା ନିର୍ଦ୍ଦେଶକ ରାହୁଲ ଶାହାଙ୍କ ନିର୍ଦ୍ଦେଶନାରେ ୨୦୨୨ ମସିହାରେ ନିର୍ମିତ ବଙ୍ଗଳା ଚଳଚ୍ଚିତ୍ର 'ମୋମୋ ଦି ଗେମ୍ ଅଫ୍ ଡେଟଥ୍' ରେ ଅଭିନୟ ର ସୁଯୋଗ ପାଆନ୍ତି ଗୁଲଜାର ଯାହା ୨୦୨୩ ମସିହା ଫେବୃଆରୀ ୧୦ ତାରିଖରେ ସମଗ୍ର କୋଲକତା ରେ ମୁକ୍ତିଲାଭ କରିଥିଲା । ଏବେ ପୁଣିଥରେ ରାହୁଲ ଶାହାଙ୍କ ନିର୍ଦ୍ଦେଶନାରେ ଆଉ ଏକ ବଙ୍ଗଳା ଚଳଚ୍ଚିତ୍ର 'ଆଗୁନ୍' ରେ ଅଭିନୟ କରିଛନ୍ତି ଗୁଲଜା । ଯାହାର ସୁଟିଂ ଚାଲୁ ରହିଛି । ଗୁଲଜାରଙ୍କ ଅଭିନିତ ଏହା ଦିତ୍ୱୀୟ ବଙ୍ଗଳା ଚଳଚ୍ଚିତ୍ର । ଏଥିରେ ବିଭିନ୍ନ ଭୂମିକାରେ ଅଛନ୍ତି ସାନ୍ନୁ, ସିଷ୍ଟି ବିଶ୍ୱାସ, ମୋନୋଜିତ ବୋରାଲ, ଶେଖ୍ ଗୁଲଜାର୍ ହୁସେନ୍, ଅନସୂୟା ସାମନ୍ତ , ରୂପା ମହାପାତ୍ରା , ଦେବଜିତ ପାଣ୍ଡା, ରିସଭ ସରକାର, ଅଂକିତ ମହାପାତ୍ରା, ଆହୁରି ଅନେକ ବଙ୍ଗୀୟ କଳାକାର ।

## ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା

ପାଟଣା, (ମହାଭାରତ): ରାଜ୍ୟ ବ୍ୟାପି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହୋଇ ଛି। କାର୍ଯ୍ୟକ୍ରମ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ ରଞ୍ଜନ ଦଣ୍ଡପାଟ ଙ୍କ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରା ବାବା ଆନନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣ ରୁ ଏକ ବିରାଟ ଶୋଭାଯାତ୍ରା ବାହାରି କଲେଜ,ଶିଶୁ ମନ୍ଦିର,ସ୍କୁଲ ଛାତ୍ରଛାତ୍ରୀ,ବ୍ଲକ ପ୍ରଶାସନ ଏକତ୍ରିତ ହୋଇ ହାତରେ ଜାତୀୟ ପତକା ସହ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଙ୍କ ଜୟ ଜୟ କାର ସହିତ ଭାରତ ମାତା କି ଜୟ ପ୍ରତିଧ୍ୱନି ରେ ପାଟଣା ଅଞ୍ଚଳ ପରିକ୍ରମା କରି ଛନ୍ତି। ଏହି କାର୍ଯ୍ୟକ୍ରମ ରେ ପାଟଣା ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିପିଏମ୍ ଦୀପକ କୁମାର ନାୟକ,ପାଟଣା ମଣ୍ଡଳ ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ,ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରକାଶ କୁମାର ରାୟ, ସଚ୍ଚିଦାନନ୍ଦ ସେଠୀ,ଆଂଚଳିକ ମହାବିଦ୍ୟାଳୟ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ, ବିଏସଏସଓ ଅଭୟ ଚରଣ ଦେହୁରୀ,କଣ୍ଟିଆପଡ଼ା ପଞ୍ଚାୟତ ସମିତି ସଭ୍ୟ ସଞ୍ଜୁରାଣୀ ମହାନ୍ତ, ପଲାଣଘାଟି ପଞ୍ଚାୟତ ସମିତି ସଭ୍ୟ ବିଶ୍ୱନାଥ ନାୟକ, ବ୍ଲକ ପରିମଳ ସଂଯୋଜକ ଜାମାଦ୍ଦିନ୍ ଖାଁ ପ୍ରମୁଖ ଶୋଭାଯାତ୍ରା ରେ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମ ଶେଷ ରେ ରାଷ୍ଟ୍ର ନିର୍ମାଣ କ୍ଷେତ୍ର ରେ ଶପଥ ପାଠ ଗ୍ରହଣ କରାଯାଇଛି।

## ମାଲକାନଗିରି ଜିଲ୍ଲାରେ ଆରମ୍ଭ ହେଲା ସନ୍ତରଣ ପ୍ରଶିକ୍ଷଣ ଶିବିର



ମାଲକାନଗିରି, (ମହାଭାରତ): ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ ଆନୁକୁଲ୍ୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ବଣ୍ଡା ବାକୁଲି ବନ୍ଧ ଠାରେ ସନ୍ତରଣ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଦୀପ୍ତି ରଞ୍ଜନ ସାହୁ ଉପସ୍ଥିତ ଥିଲେ। ପାଣିରେ ବୁଡ଼ି କୌଣସି ପ୍ରାଣହାନି ଜନିତ ଦୁର୍ଘଟଣାକୁ ଏଡ଼ାଇବା ନିମନ୍ତେ ରାଜ୍ୟ ସରକାରଙ୍କ ଏହି ପ୍ରୟାସ ଯୁବପିଢୀଙ୍କ ପାଇଁ ଉପଯୋଗୀ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଚତୁର୍ଥ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିରରେ ୩୦ ଜଣିଆ ଅଂଶ ଗ୍ରହଣକାରୀଙ୍କୁ ଓଡରାଫ୍ ଟିମ୍ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଜରୁରୀକାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାରେ ସହଯୋଗ କରିଥିଲେ।

## ନୟାଗଡ଼ ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଯୁଗ୍ମ ଜନ ଶୁଣାଣି



ନୂଆଗାଁ , (ମହାଭାରତର) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍ ପରିସରରେ ଥିବା ରାଜୀବଗାନ୍ଧୀ ସଦଭାବନା ଗୃହରେ ସୋମବାର ନୟାଗଡ଼ ଜିଲ୍ଲାପାଳଙ୍କ ବ୍ଲକ୍ ସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ, ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ନୟାଗଡ କର୍ଣ୍ଣଦେବ ସମାଦ୍ଦାର ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲାପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ,ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସୁଶ୍ରୀ ନୀଳିମା ଲାକ୍ରା , ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା,ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡା. ଅମୃତ କୁମାର ରାଉଳ ,ତହସିଲଦାର ହେମନ୍ତ କୁମାର ନାୟକ ସମେତ ସମସ୍ତ ଲାଇନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହିଥିଲେ।ବ୍ଲକର ସମସ୍ତ ଲାଇନ ବିଭାଗ ଅଧିକାରୀ ଉପସ୍ଥିତ ରହିଥିବା ବେଳେ ବିଭିନ୍ନ ବିଭାଗକୁ ଆସୁଥିବା ଅଭିଯୋଗ ରାସନ କାର୍ଡ଼ ସଂଯୋଗୀ କରଣ ଠାରୁ ପାନୀୟ ଜଳ ସମସ୍ୟା ଓ ଶିକ୍ଷା,ସ୍ୱାସ୍ଥ୍ୟ ଏବଂ ଗମନାଗମନ ଆଦି ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଉକ୍ତ ଅଭିଯୋଗ ପ୍ରକୋଷ୍ଠରେ ମୋଟ ୭୪ଟି ଆପତ୍ତି ଅଭିଯୋଗ ହୋଇଥିଲା। ସେଥି ମଧ୍ୟରୁ ୬୧ ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୧୦ଟି ଗ୍ରାମ୍ୟ ସମସ୍ୟା ଅଭିଯୋଗ ହୋଇଥିଲା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ଆଧାରିତ ୦୨ଟି ହୋଇଥିବା ବେଳେ ରେଡ଼କ୍ରସ ରୁ କୌଣସି ଅଭିଯୋଗ ହୋଇନଥିଲା।ଏଥି ମଧ୍ୟରୁ ୩୪ଟି ତତ୍କାଳୀନ ସମାଧାନ ହୋଇଥିଲା।

## ପାରଳାଖେମୁଣ୍ଡିରେ ଆଇନ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, (ମହାଭାରତ): ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ(ଡିଏଲଏସଏ)ର ଆୟୋଜନରେ ଆଜି ପାରଳାଖେମୁଣ୍ଡି ସିଭିଲ କୋର୍ଟ ସମ୍ମିଳନୀ କକ୍ଷରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା, ମୋଟର ଦୁର୍ଘଟଣା ମାମଲା (ଏମଏସିଟି) ଓ ମୋଟର ଯାନ ଆଇନ ସମ୍ବନ୍ଧୀୟ ବିଷୟ, ସଂଶୋଧିତ ଦାବି ଟ୍ରିବ୍ୟୁନାଲ ସହମତି ପ୍ରକ୍ରିୟା (ଏମସିଟିଏପି) ଉପରେ ଆଲୋଚନା କରାଯାଇଥିଲା। ସେହିପରି ବିକଳ୍ପ ବିବାଦ ସମାଧାନ ପ୍ରଣାଳୀ ଅନ୍ତର୍ଗତ ସ୍ଥାୟୀ ଲୋକ ଅଦାଲତ (ପିଏଲଏ)ର ସ୍ଥାପନ, କାର୍ଯ୍ୟ ପ୍ରଣାଳୀ, ପିଏଲଏ ଦ୍ୱାରା ଗ୍ରହଣୀୟ ବିବାଦ ଓ ଆଇନ ସେବା କର୍ତ୍ତୃପକ୍ଷ ଆଇନ, ୧୯୮୭ର ଅଧ୍ୟାୟ-ଭିଏ ଅନୁସାରେ ମିଳୁଥିବା ସୁବିଧା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହାସହ ସୁଖଦେବ ଅ ପହଲୱାନ ବନାମ ଦିଲ୍ଲୀ ରାଜ୍ୟ (ଏନସିଟି) ଓ ଅନ୍ୟାନ୍ୟ ମାମଲା (ଅପରାଧିକ ଅପିଲ ସଂଖ୍ୟା-୩୨୭୧/୨୦୨୫) ସମ୍ପର୍କିତ ମହତ୍ୱପୂର୍ଣ୍ଣ ରାୟ ଉପରେ ମଧ୍ୟ ଆଲୋଚନା କରାଯାଇ ଉପସ୍ଥିତ ଲୋକମାନଙ୍କୁ ଆଇନ ଜ୍ଞାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଶ୍ରୀ ସତ୍ୟନାରାୟଣ ପାତ୍ର, ମୁଖ୍ୟ ନ୍ୟାୟିକ ମ୍ୟାଜିଷ୍ଟ୍ରେଟ ଶ୍ରୀ ନରୋତ୍ତମ ସେଠୀ, ସିଭିଲ କୋର୍ଟ ରେଜିଷ୍ଟ୍ରାର ଶ୍ରୀ ପ୍ରସନ୍ନ କୁମାର ବେହେରା, ଡିଏଲଏସଏ ସଚିବ ଶ୍ରୀ ବିମଳ ରାଉଲ, ମହିଳା ଅଦାଲତର ସିଭିଲ ଜଜ (ସିନିଅର ଡିଭିଜନ) ଶ୍ରୀମତୀ ରଶ୍ମିତା ସାହୁ, ଏସଡିଜେଏମ ବିଷ୍ଣୁପ୍ରିୟା ସାମନ୍ତରାୟ, ଜେଏମଏଫସି ଶ୍ରୀ ସତ୍ୟଜିତ ପାଣି, ପ୍ରୋବେସନ ସିଭିଲ ଜଜ କୁମାରୀ ଅଭିପ୍ସା ମହାକୁଡ଼ ଓ ପାରଳାଖେମୁଣ୍ଡି ବାର ଆସୋସିଏସନ ସଚିବ ଶ୍ରୀ ଏମ. ପୃଥ୍ୱୀରାଜ ଉପସ୍ଥିତ ଥିଲେ।

# ୟୁଜିସି ନିୟମ-୨୦୨୬କୁ ଅପରିବର୍ତ୍ତିତ ଭାବେ ତୁରନ୍ତ ଲାଗୁ କରିବା ଦାବି




ଲକ୍ଷ୍ମୀପୂର , (ମହାଭାରତ): ଲକ୍ଷ୍ମୀପୂର ବ୍ଲକର ବିଭିନ୍ନ ଗ୍ରାମ ଓ ଅଞ୍ଚଳରୁ ଆସିଥିବା ଛାତ୍ରଛାତ୍ରୀ ଓ ସମର୍ଥକମାନେ ପ୍ରଥମେ ମିନି ଷ୍ଟାଡିଅମ, ଲକ୍ଷ୍ମୀପୂର ଠାରେ ଏକତ୍ରିତ ହୋଇଥିଲେ। ପରେ ହାତରେ ପ୍ଲାକାର୍ଡ, ମୁଖରେ ସ୍ଲୋଗାନ୍ ନେଇ ରାଜପଥ ଦେଇ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରି ସମଗ୍ର ଲକ୍ଷ୍ମୀପୂରରେ କରିଥିଲେ। ଏହିରାଲି ଡାକ୍ତର ବାବାସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସାମାଜିକ ନ୍ୟାୟ, ସମତା ଓ ଅଧିକାର ପାଇଁ ସଙ୍କଳ୍ପ ପ୍ରକାଶ କରାଯାଇଥିଲା। ଆନ୍ଦୋଳନକାରୀମାନେ କହିଥିଲେ ଯେ ଟଏଉ ନିୟମ-୨୦୨୬ ଲାଗୁ ନ ହେବାରୁ ଛାତ୍ରଛାତ୍ରୀମାନେ ଶିକ୍ଷାଗତ ଓ ସାମାଜିକ ଭାବେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଆରକ୍ଷଣ ଶ୍ରେଣୀର ଛାତ୍ରଛାତ୍ରୀମାନେ ଭବିଷ୍ୟତକୁ ନେଇ ଅନିଶ୍ଚିତତା ଓ ମାନସିକ ଚାପରେ ରହୁଛନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ପରେ ଆନ୍ଦୋଳନକାରୀମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ଲକ୍ଷ୍ମୀପୂର ତହସିଲଦାରଙ୍କ ମାଧ୍ୟମରେ ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀ, ମହାମହିମ ଓଡ଼ିଶା ରାଜ୍ୟପାଳ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଏହି ଆନ୍ଦୋଳନରେ ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ଶ୍ରୀ ଝିନ୍ ହିକକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସସ୍ମିତା ମେଲେକା, ବ୍ଲକ ଅଧ୍ୟକ୍ଷା ଶୁଆଇ କୁଲେସିକା, ସାଂସଦ ପ୍ରତିନିଧି କୈଳାଶ ଖୋସ୍ଲା, ବିଜେଡି ବ୍ଲକ ସଭାପତି ବିପିନ ଖରା, ଯୁବ ନେତା ମଣ୍ଟି ଖରା, ଦେବ ଖରା, ସମାଜସେବୀ ପପୁ ହିକକା, ଇଷ୍ଟ ସଗରିଆ, ତ୍ରିଲୋଚନ ଖରା, ବିଶ୍ୱଜିତ ଗରଡ଼ା, ଦ୍ରଣ ଖୋସ୍ଲା, ଜଗଦୀଶ ଖରା, ବୁଲୁ ଖରା, ଘନଶ୍ୟାମ ହାଲୱା ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ସମର୍ଥକ ଉପସ୍ଥିତ ଥିଲେ। ତେବେ ଏପରି ଗୁରୁତ୍ୱପୂର୍ଣ୍ଣ ଛାତ୍ର ଓ ସାମାଜିକ ଆନ୍ଦୋଳନରେ କିଛି ପ୍ରଭାବଶାଳୀ ନେତା ଓ ସଂଗଠନ, ବିଶେଷକରି ଙଇଉ ବର୍ଗର କିଛି ପ୍ରତିନିଧିଙ୍କ ଅନୁପସ୍ଥିତିକୁ ନେଇ ଆୟୋଜକମାନେ ଦୁଃଖ ଓ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ମାଲକାନଗିରି, (ମହାଭାରତ): ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ମାଲକାନଗିରି ବ୍ଲକ୍ ପଡିଆ ଠାରେ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ବନଖଣ୍ଡ ଅଧିକାରୀ କେନ୍ଦୁପତ୍ର ଡିଭିଜନ ଜୟପୁର, ଉମା ମହେଶ, ଏସିଏଫ୍ କେନ୍ଦୁ ପତ୍ର ଡିଭିଜନ ଜୟପୁର ଡଃ ଶ୍ୟାମା ଭାରତୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ପଞ୍ଚାୟତ ସମିତି ମାଲକାନଗିରି ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ଓ ମାଲକାନଗିରି ବିଧାୟକ ପ୍ରତିନିଧି ଜଗଦାନନ୍ଦ ଓ୍ୱାନକଡଦାସ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାପାଳ ଆଶାୟୀ ପ୍ରାର୍ଥୀମାନଙ୍କୁ କହିଥିଲେ ଯେ କେବଳ ପାଠ ପଢି ଚାକିରି ପଛରେ ନ ଦୌଡ଼ନ୍ତୁ ବରଂ ଦକ୍ଷତା ବିକାଶ, ଯୋଗାଯୋଗ କୁଶଳତା, ସମୟ ପରିଚାଳନା ଉପରେ ଗୁରୁତ୍ୱ ଦେଇ ନିଜର ଆତ୍ମବିଶ୍ୱାସକୁ ଦୃଢ଼ କରନ୍ତୁ। ଯେଉଁ କ୍ଷେତ୍ରରେ ରୁଚି ରହିଛି ସେଥିରେ ଦକ୍ଷତା ବିକାଶ କରିବାକୁ ପରାମର୍ଶ ଦେଇଥିଲେ। ଅତିଥି ମାନେ ନିଜ ବକ୍ତବ୍ୟରେ ଜିଲ୍ଲାର ଯୁବ ବର୍ଗଙ୍କୁ ନିଯୁକ୍ତି ମେଳାରେ ବିଭିନ୍ନ ନିଯୁକ୍ତିକାରୀ ସଂସ୍ଥା ନିକଟରେ ନିଜର ପ୍ରତିଭାକୁ ଉଚିତ୍ ମାର୍ଗରେ ପ୍ରଦର୍ଶନ ସହ ଉପଯୁକ୍ତ ତାଲିମ୍ ଗ୍ରହଣ କରିବା ସହ ଅନ୍ୟ ମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୁଅନ୍ତୁ ବୋଲି ମତବ୍ୟକ୍ତ କରିଥିଲେ।

## ଚାରୋଟି ବ୍ଲକରେ ବାର ଘଣ୍ଟିଆ ବନ୍ଦ ଡାକରା




ରାଇଘର, (ମହାଭାରତ) : ଆଜି ନବରଙ୍ଗପୁର ଜିଲ୍ଲା ଉମରକୋଟ ରାଇଘର ଝରିଗାଁ ଚନ୍ଦାହାଣ୍ଡି ସହର ସମ୍ପୂର୍ଣ ଠପ ହୋଇ ପଡିଛି. ମେଡିକାଲ କଲେଜ. ଭୁ ବନ୍ଦ୍ବସ୍ତ, ଉପଖଣ୍ଡ ର ମାନ୍ୟତା. ଏସବୁ ଦାବିକୁ ନେଇଁ ଆଜି ମିଳିତ ସଂଗ୍ରାମୀ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆ ଯାଇଛି ଉମରକୋଟ ସହ ଚାରିଟି ବ୍ଲକରେ ସାଧାରଣ ଜନଜୀବନ ଠପ୍ ପଡ଼ିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଛି। ବନ୍ଦ ଯୋଗୁଁ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଓ ସରକାରୀ ବେସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହିଥିବାବେଳେ ଯାନବାହନ ଚଳାଚଳ ପ୍ରାୟ ଠପ୍ ହୋଇଯାଇଛି । ବନ୍ଦକୁ ସମର୍ଥନ କରି ସଂଗ୍ରାମୀ ମଞ୍ଚର ସଦସ୍ୟମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ମିଳିତ ସଂଗ୍ରାମୀ ମଞ୍ଚର ନେତାମାନେ କହିଛନ୍ତି ଯେ, ଉମରକୋଟ ରାଇଘର ଝରିଗାଁ ଚନ୍ଦାହାଣ୍ଡି ଅଞ୍ଚଳ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଆଜି ପର୍ଯ୍ୟନ୍ତ ଏକ ମେଡିକାଲ କଲେଜ ନଥିବା ଦୁଃଖଦ ବିଷୟ । ଚିକିତ୍ସା ସୁବିଧା ପାଇଁ ଲୋକମାନେ ଦୂର ଦୂରାନ୍ତକୁ ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଉମରକୋଟରେ ତୁରନ୍ତ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବାକୁ ସେମାନେ ଦାବି କରିଛନ୍ତି। ବନ୍ଦ ସମୟରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା। ଅତ୍ୟାବଶ୍ୟକ ସେବାଗୁଡ଼ିକୁ ବନ୍ଦରୁ ମୁକ୍ତ ରଖାଯାଇଥିଲା।

## ଉତ୍କଳସମ୍ମିଳନୀର ୪୯ ତମ ସାଧାରଣ ଅଧିବେଶନ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନଏସି ଅନ୍ତର୍ଗତ ସ୍ଥାନୀୟ କ୍ରିଷ୍ଣା କଲ୍ୟାଣୀ ମଣ୍ଡପ ଠାରେ ଉତ୍କଳ ସମ୍ମିଳନୀର ୪୯ତମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି।ଏହି ସମ୍ମିଳନୀରେ ରାଜ୍ୟର କୋଣ ଅନୁକୋଣରୁ ଶତାଧିକ ପ୍ରତିନିଧି ଯୋଗ ଦେଇଥିଲ। ରାଜ୍ୟ ସଭାପତି ଅଦ୍ୱୈତ ପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଦଘାଟକ ଭାବେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇ ଉତ୍କଳ ସମ୍ମିଳନୀ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ। ପରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସ୍ମୃତି ଚାରଣ କରିଥିଲେ।

## ତିନିଗୋଟି ମୁଖ୍ୟ ଦାବିକୁ ନେଇଁ ମିଳିତ ସଂଗ୍ରାମୀ ମଞ୍ଚ ତରଫରୁ ଆଜି ଉମରକୋଟ ସମେତ ଚାରୋଟି ବ୍ଲକରେ ବାରଘଣ୍ଟିଆ ବନ୍ଦ ଡାକରା



ଉମରକୋଟ. (ମହାଭାରତ) : ମିଳିତ ସଂଗ୍ରାମୀ ମଞ୍ଚ ପକ୍ଷରୁ ଆଜି ଉମରକୋଟ ସହର ସମ୍ପୂର୍ଣ ଠପ ହୋଇ ପଡିଛି। ମେଡିକାଲ କଲେଜ. ଭୁ ବନ୍ଦ୍ବସ୍ତ, ଉପଖଣ୍ଡ ର ମାନ୍ୟତା. ଏସବୁ ଦାବିକୁ ନେଇଁ ଆଜି ମିଳିତ ସଂଗ୍ରାମୀ ମଞ୍ଚ ପକ୍ଷରୁ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆ ଯାଇଛି ଉମରକୋଟ ସହ ଚାରିଟି ବ୍ଲକରେ ସାଧାରଣ ଜନଜୀବନ ଠପ୍ ପଡ଼ିଛି। ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯାଇଛି। ବନ୍ଦ ଯୋଗୁଁ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ଓ ସରକାରୀ ବେସରକାରୀ କାର୍ଯ୍ୟାଳୟଗୁଡ଼ିକ ବନ୍ଦ ରହିଥିବାବେଳେ ଯାନବାହନ ଚଳାଚଳ ପ୍ରାୟ ଠପ୍ ହୋଇଯାଇଛି । ବନ୍ଦକୁ ସମର୍ଥନ କରି ସଂଗ୍ରାମୀ ମଞ୍ଚର ସଦସ୍ୟମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିଥିଲେ। ମିଳିତ ସଂଗ୍ରାମୀ ମଞ୍ଚର ନେତାମାନେ କହିଛନ୍ତି ଯେ, ଉମରକୋଟ ଅଞ୍ଚଳ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ଆଜି ପର୍ଯ୍ୟନ୍ତ ଏକ ମେଡିକାଲ କଲେଜ ନଥିବା ଦୁଃଖଦ ବିଷୟ । ଚିକିତ୍ସା ସୁବିଧା ପାଇଁ ଲୋକମାନେ ଦୂର ଦୂରାନ୍ତକୁ ଯିବାକୁ ବାଧ୍ୟ ହେଉଛନ୍ତି। ତେଣୁ ଉମରକୋଟରେ ତୁରନ୍ତ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବାକୁ ସେମାନେ ଦାବି କରିଛନ୍ତି। ବନ୍ଦ ସମୟରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଥିଲା। ଅତ୍ୟାବଶ୍ୟକ ସେବାଗୁଡ଼ିକୁ ବନ୍ଦରୁ ମୁକ୍ତ ରଖାଯାଇଥିଲା।

## ମଣ୍ଡପରେ ପୂଜା ପାଉଛନ୍ତି ମା ଶୀତଳା

କାଳିମେଳା, (ମହାଭାରତ): ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ଏମଭି - ୭୯ ପୂଜା ମଣ୍ଡପରେ ପୂଜା ପାଉଛନ୍ତି ମା ଶୀତଳା । ମନ୍ଦିରରେ ବହୁ ଧୁମଧାମରେ ଚାଲିଛି ମା'ଙ୍କ ଆରାଧନା । ମା'ଙ୍କ ପାଦତଳେ ଧୂପ, ଦୀପ, ନୈବେଦ୍ୟ ଅର୍ପଣ କରି ଶ୍ରଦ୍ଧାରେ ମା'ଙ୍କ ପୂଜାର୍ଚ୍ଚନା କରୁଛନ୍ତି ଶ୍ରଦ୍ଧାଳୁ । ମା' ଏଠାରେ ଦେବୀ ରୂପେ ପୂଜା ପାଉଛନ୍ତି । ସବୁବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବହୁ ଧୁମଧାମରେ ଚାଲିଛି ମା'ଙ୍କ ଆରାଧନା । ଘଣ୍ଟଘଣ୍ଟା ଓ ମୃଦଙ୍ଗର ତାଳେ ତାଳେ ପ୍ରକମ୍ପିତ ହୋଇଛି ଗଗନପବନ । ସୁସଜ୍ଜିତ ମେଢ଼ ଭିତରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ମା'ଶୀତଳା ।ମା'ଙ୍କର ଏହି ଦିବ୍ୟ ରୂପକୁ ଦର୍ଶନ କରିବା ପାଇଁ କାହିଁ କେତେ ଦୂରରୁ ଦୌଡ଼ି ଆସିଛନ୍ତି ଶ୍ରଦ୍ଧାଳୁ । ମଣ୍ଡପରେ ପୂଜା ପାଉଥିବା ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ ସେମାନଙ୍କ ଜୀବନର ଚିରନ୍ତନ ସତ୍ୟ ସହ ପରିଚତ କରାଇବା ସହ ଭକ୍ତଙ୍କୁ ମାର୍ଗ ଦର୍ଶନ କରୁଛନ୍ତି । ମା'ଙ୍କ ଦର୍ଶନ ମାତ୍ରେ ଭକ୍ତଙ୍କୁ ଅନ୍ଧାରରେ ସତର ସନ୍ଧାନ ମିଳେ ବୋଲି ଶ୍ରଦ୍ଧାଳୁ ଭକ୍ତମାନେ କହିଛନ୍ତି ।

# ବିଲଡରଙ୍କ ଜମି ଦଲାଲ ଓ ସ୍ୱାର୍ଥାନ୍ୱେଷୀଙ୍କ ବିରୋଧରେ




ବାରଙ୍ଗ, (ମହାଭାରତ): କଟକ ଜିଲ୍ଲା ବାରଙ୍ଗ ତହସିଲ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ରାଜସ୍ୱ ନୀରିକ୍ଷକଙ୍କ ଅଧୀନରେ ଥିବା କୁରୁଣ୍ଟି ମୌଜାର କୁରୁଣ୍ଟି ଗ୍ରାମର ଏକ ଚକ ରାସ୍ତାରେ ବିକାଶ ମୂଳକ କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀଙ୍କ ହିତରେ ବିରୋଧ କରୁଛନ୍ତି କିଛି ଜମି ଦଲାଲ ଓ ହାତଗଣତି ସ୍ୱାର୍ଥାନ୍ୱେଷୀ ଖଳ ଶ୍ରେଣୀର ଗୁଣ୍ଡାବ୍ୟକ୍ତି । କୁରୁଣ୍ଟି ମୌଜାରେ ଗତ ୧୫ ବର୍ଷ ଧରି ମାତ୍ରାଧିକ ବିଲଡରଙ୍କ ଅନୁପ୍ରବେଶ ଗ୍ରାମୀଣ ସାମାଜିକ ଗଠନକୁ ଭାଙ୍ଗି ଦେଇଥିବା ଚିତ୍ର ସ୍ପଷ୍ଟ ହେଉଛି। ବିଲଡରମାନେ ଗ୍ରାମର କିଛି ହାତଗଣତି ବ୍ୟକ୍ତିଙ୍କୁ ଜମି ଦଲାଲି କରିବା କାର୍ଯ୍ୟରେ ଲାଗାଇ ନିୟମିତ ଭାବେ ନିଶା ଓ ବିଭିନ୍ନ ସମୟରେ ଭୋଜିଭାତର ଆସର ଜମେଇବା ପାଇଁ କିଛି ଅର୍ଥ ଦେଇ ଗ୍ରାମବାସୀଙ୍କ ବିରୁଦ୍ଧରେ ଉସ୍ କାଇ ଆସୁଥିବା ଦେଖିବାକୁ ମିଳୁଛି । ଜମି ଦଲାଲ ଓ ହାତଗଣତି ସ୍ୱାର୍ଥାନ୍ୱେଷୀ ଖଳ ଶ୍ରେଣୀର ଗୁଣ୍ଡା ବ୍ୟକ୍ତିଙ୍କ ବିରୁଦ୍ଧରେ ଶେଷରେ ଏକତ୍ରିତ ହୋଇଛନ୍ତି କୁରୁଣ୍ଟିବାସୀ । କୁରୁଣ୍ଟି ଗ୍ରାମର ସ୍କୁଲ ଖେଳ ପଡିଆ ଓ ଚାଷୀଙ୍କ ଚାଷଜମିକୁ ସୂଚାରୁ ରୂପେ ଯାତାୟତ ପାଇଁ ପ୍ଲଟ ନଂ ୮୩୨ ଚକ ରାସ୍ତାକୁ ଗ୍ରାମବାସୀଙ୍କ ସହମତିରେ ଉନ୍ନତି କରଣ ହେଉଥିବା ରାସ୍ତା କାମକୁ ବିରୋଧ କରି କିଛି ଜମି ଦଲାଲି କରୁଥିବା ଓ ସ୍ୱାର୍ଥାନ୍ୱେଷୀ ଖଳ ଶ୍ରେଣୀର ଗୁଣ୍ଡାବ୍ୟକ୍ତି ଅବୈଧ ଚାପ ସୃଷ୍ଟି କରୁଥିବା ଅଭିଯୋଗକୁ ନେଇ ଗ୍ରାମରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀମାନେ ଏକ ସ୍ୱରରେ କହିଛନ୍ତି ଯେ ବିକାଶକୁ ଅଟକାଇ ନିଜ ସ୍ୱାର୍ଥ ସାଧନ କରିବା ପାଇଁ ଚେଷ୍ଟା କରୁଥିବା ବ୍ୟକ୍ତିଙ୍କୁ କୌଣସି ମୂଲ୍ୟରେ ସହ୍ୟ କରାଯିବ ନାହିଁ । ଗ୍ରାମର ସାମୂହିକ ହିତକୁ ଅଗ୍ରାଧିକାର ଦେଇ କୁରୁଣ୍ଟି ଗ୍ରାମବାସୀମାନେ ବିଲଡର ଗ୍ରାମରେ ରଖିଥିବା ଜମି ଦଲାଲ ଓ ସ୍ୱାର୍ଥାନ୍ୱେଷୀ ବ୍ୟକ୍ତିଙ୍କ ଚାଲାକି ଓ ଚକ୍ରାନ୍ତକୁ ସ୍ପଷ୍ଟ ଭାବେ ପ୍ରତ୍ୟାଖ୍ୟାନ କରିଛନ୍ତି । ଗ୍ରାମବାସୀଙ୍କ କହିବାନୁସାରେ,ଉକ୍ତ ବ୍ୟକ୍ତିମାନେ ଦୀର୍ଘ ବର୍ଷ ଧରି ବିଲଡରଙ୍କ ଜମି ଦଲାଲି କରିବାର ଲାଭ ଲୋଭରେ ଗ୍ରାମର ସାମୂହିକ ହିତକୁ ବଳି ଦେଇ ଆସୁଛନ୍ତି। କେବଳ କିଛି ଅର୍ଥ ପାଇଁ ସେମାନେ ଗ୍ରାମବାସୀଙ୍କ ବିରୋଧରେ ଯାଇ ବିକାଶମୂଳକ କାର୍ଯ୍ୟକୁ ଅଟକାଇବା, ଗ୍ରାମରେ ଅସ୍ଥିରତା ସୃଷ୍ଟି କରିବା ଓ ପ୍ରଶାସନକୁ ଭ୍ରମିତ କରିବାର ଚେଷ୍ଟା କରୁଥିବା ଦେଖିବାକୁ ମିଳୁଛି। ତେଣୁ ଗ୍ରାମର ସମସ୍ତ ବର୍ଗର ଲୋକ ଏକସ୍ୱରରେ ଚକ ରାସ୍ତାରେ ହେଉଥିବା ରାସ୍ତା କାମକୁ ସମର୍ଥନ କରି ସରକାରୀ ଭାବେ ନକ୍ସାରେ ଥିବା ଏହି ଚକ ରାସ୍ତାକୁ ସ୍କୁଲ ଖେଳପଡିଆ ଓ ଚାଷୀଙ୍କ ପାଇଁ ଉପଯୋଗୀ ରାସ୍ତା ଭାବେ ନିର୍ମାଣ କରାଯିବାକୁ ବାରଙ୍ଗ ତହସିଲଦାରଙ୍କୁ ଗତକାଲି ଲିଖିତ ସମ୍ମତି ଜଣାଇଛନ୍ତି। ସାମୂହିକ ହିତକୁ ଅଗ୍ରାଧିକାର ଦେଇ ଗ୍ରାମବାସୀଙ୍କ ଏକତାରୁ ସ୍ପଷ୍ଟ କରିଦେଇଛି ଯେ କୁରୁଣ୍ଟିର ବିକାଶ କାହାର ଦଲାଲି, ଲୋଭ ବା ଚାପର ବଶବର୍ତ୍ତୀ ନୁହେଁ କେବଳ କୁରୁଣ୍ଟି ଗ୍ରାମବାସୀଙ୍କ ଇଚ୍ଛାରେ ଚାଲିବ। କୁରୁଣ୍ଟି ଗ୍ରାମର ଏହି ଏକତା କେବଳ ବିକାଶ ବିରୋଧୀଙ୍କ ପାଇଁ କଡା ସତର୍କବାଣୀ ଏବଂ ପ୍ରଶାସନ ପାଇଁ ମଧ୍ୟ ସ୍ପଷ୍ଟ ସନ୍ଦେଶ । ଗ୍ରାମର ଭବିଷ୍ୟତ ସୁରକ୍ଷା ପାଇଁ ଦଲାଲି ଓ ସ୍ୱାର୍ଥାନ୍ୱେଷୀଙ୍କ ଚକ୍ରାନ୍ତ ବିରୋଧରେ କଠୋର ପଦକ୍ଷେପ ନେବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି କୁରୁଣ୍ଟିଗ୍ରାମବାସୀ ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ସଙ୍କଟ ବେଳେ ଶ୍ରମିକ ସାହା: ଭାରତର ସାହାରା ଲୋଡୁଛି ଋଷ



ମସ୍କୋ: ୟୁକ୍ରେନ ସହ ଯୁଦ୍ଧ ଓ ଆମେରିକାର ପ୍ରତିବନ୍ଧକ ଯୋଗୁଁ, ରୁଷ ବର୍ତ୍ତମାନ ଏକ ଗୁରୁତର ସଙ୍କଟର ସମ୍ମୁଖୀନ ହେଉଛି। ବର୍ତ୍ତମାନ କର୍ମକ୍ଷେତ୍ରରେ କାମ କରିବା ପାଇଁ ଶ୍ରମିକଙ୍କ ଅଭାବ ଦେଖାଦେଇଛି, ଏବଂ କାମ କରିବା ପାଇଁ ରୁଷ ପର୍ଯ୍ୟାପ୍ତ ଲୋକ ଖୋଜି ପାଉନାହିଁ । ତେଣୁ, ଏହି ଅଭାବ ପୂରଣ କରିବା ପାଇଁ ରୁଷ ଭାରତ ଉପରେ ଆଶା ରଖିଛି। ରୁଷ ରାଷ୍ଟ୍ରଦୂତ ଡେନିସ୍ ଆଲିପୋଭ ଏହି ସମ୍ପର୍କରେ ଏକ ପ୍ରମୁଖ ବିବୃତ୍ତି ଦେଇଛନ୍ତି। ରୁଷର ରାଷ୍ଟ୍ରଦୂତ ଡେନିସ୍ ଆଲିପୋଭ୍ କହିଛନ୍ତି, ବର୍ତ୍ତମାନ ଋଷରେ ୭୦ହଜାରରୁ ଅଧିକ ଭାରତୀୟ କାମ କରୁଛନ୍ତି ଏବଂ ଭବିଷ୍ୟତରେ ଏହି ସଂଖ୍ୟା ବୃଦ୍ଧି ପାଇବାର ଆଶା କରାଯାଉଛି। ବାଣିଜ୍ୟ ଓ ଅର୍ଥନୈତିକ ସମ୍ପର୍କରେ ଦୁଇ ଦେଶର ଆଗ୍ରହ ବୃଦ୍ଧି ପାଇବା ସହିତ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଏହା ମାନବିକ ଓ ବ୍ୟବସାୟିକ ସମ୍ପର୍କକୁ ମଧ୍ୟ ମଜବୁତ କରିବ। ଏହି ପଦକ୍ଷେପ ଦୁଇ ଦେଶ ମଧ୍ୟରେ ଗଭୀର ସହଯୋଗ ଓ ବୁଝାମଣାକୁ ପ୍ରତିଫଳିତ କରେ। ଭାରତରୁ ଋଷକୁ କେତେ ଶ୍ରମିକ ପଠାଯିବ ? : ରୁଷର ସ୍ୱତନ୍ତ୍ର ପ୍ରତିନିଧି ବୋରିସ୍ ଟିଟୋଭଙ୍କ ଅନୁଯାୟୀ, ୨୦୨୬ରେ ଅତି କମରେ ୪୦ହଜାର ଭାରତୀୟ ଶ୍ରମିକ ରୁଷ ଯିବାର ଆଶା ରହିଛି। ମସ୍କୋରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କୁମାର ମଧ୍ୟ କହିଛନ୍ତି ଯେ ୨୦୨୫ ଶେଷ ସୁଦ୍ଧା ରୁଷରେ ଭାରତୀୟ ନାଗରିକଙ୍କ ସଂଖ୍ୟା ୭୦ହଜାରରୁ ୮୦ହଜାର ମଧ୍ୟରେ ରହିଛି। ଆଗାମୀ ଦିନରେ ଏହି ସଂଖ୍ୟା ବୃଦ୍ଧି ପାଇବ। ସୂଚନା ଅନୁଯାୟୀ, ୨୦୨୫ ମସିହା ଡିସେମ୍ବର ମାସରେ ପ୍ରଧାନମନ୍ତ୍ରୀ ମୋଦୀ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ମଧ୍ୟରେ ଏକ ବୈଠକ ହୋଇଥିଲା। ସେହ ବୈଠକରେ ନିଷ୍ପତ୍ତି ହୋଇଥିଲା କି, ରୁଷ ୨୦୨୬ରେ ୭୦ହଜାରରୁ ଅଧିକ ଭାରତୀୟ ନାଗରିକଙ୍କ ପାଇଁ ଏକ କାର୍ଯ୍ୟ କୋଟା ସ୍ଥିର କରିବ। ଏହି ଆଧାରରେ ବର୍ତ୍ତମାନ ଭାରତୀୟ ନାଗରିକ ଋଷରେ ନିଯୁକ୍ତି ପାଇପାରିବେ।

ରୁଷରେ ଭାରତୀୟ ଶ୍ରମିକଙ୍କ ଦରମା ସେମାନଙ୍କ ଯୋଗ୍ୟତା ଓ କାମର ପ୍ରକାର ଉପରେ ନିର୍ଭର କରେ। ସ୍ୱଳ୍ପ କୁଶଳୀ ଭାରତୀୟ ଶ୍ରମିକମାନେ ସାଧାରଣତଃ ପ୍ରତି ମାସରେ ୪୭୫ ୟୁରୋରୁ ୯୫୦ ୟୁରୋ (୫୫୫ ଡଲାରରୁ ୧,୧୧୧ ଡଲାର) ରୋଜଗାର କରନ୍ତି।

## ରାସ୍ତା ମଝିରେ ବିମାନ ଦୁର୍ଘଟଣାଗ୍ରସ୍ତ, ଚାଲିଛି ତଦନ୍ତ



ଆମେରିକା : ଆମେରିକାର ଜର୍ଜିଆ ରାସ୍ତାରେ ଜରୁରୀକାଳୀନ ଅବତରଣ ସମୟରେ ଏକ ଛୋଟ ବିମାନର ଜରୁରୀକାଳୀନ ଅବତରଣବେଳେ ଅନେକ ଗାଡ଼ି ସହିତ ଧକ୍କା ହୋଇଥିବା ଜଣାପଡିଛି । ଏହି ଦୁର୍ଘଟଣା ଗେନ୍ସଭିଲ୍ ସହରରେ ଘଟିଥିଲା । ଯାହାଫଳରେ ପାଇଲଟ ରାସ୍ତାରେ ଅବତରଣ କରିବାକୁ ବାଧ୍ୟ ହୋଇଥିଲେ । ସୂଚନାନୁଯାୟୀ, ଲି ଗିଲମୋର ମେମୋରିଆଲ୍ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରି କ୍ୟାଣ୍ଟନର ଚେରୋକି କାଉଣ୍ଟି ଆଞ୍ଚଳିକ ବିମାନବନ୍ଦରକୁ ଯାଉଥିଲା । ଉଡ଼ାଣ ଆରମ୍ଭ ହେବାର କିଛି ମିନିଟ୍ ପରେ, ପାଇଲଟ୍ ଇଞ୍ଜିନ୍ ସମସ୍ୟାର ସମ୍ମୁଖୀନ ହୋଇଥିଲେ । ଇଞ୍ଜିନ୍ ଶକ୍ତି କମ୍ ଥିବାରୁ ସେ ନିୟନ୍ତ୍ରଣ କରିପାରି ନଥିଲେ । ଯାହା ଫଳରେ ଅନେକ ଯାନବାହାନ ଧକ୍କା ଦେଇଥିଲା । ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରୁ ଦେଖିବାକୁ ମିଳିଛି । ବିମାନଟି ଦ୍ରୁତ ଗତିରେ ରାସ୍ତା ଉପରେ ତଳକୁ ଓହ୍ଲାଉଛି ଏବଂ ତା’ପରେ କାର ସହିତ ଧକ୍କା ହେଉଛି। ଅବତରଣ କରିବା ପରେ, ବିମାନର ଡାହାଣ ପକ୍ଷ ଏକ ଯାନକୁ ଧକ୍କା ଦେଇଥିଲା । ଫଳରେ ବିମାନର ଇନ୍ଧନ ଟାଙ୍କି ଭାଙ୍ଗି ଏକ ୫ଟଠ ର ପଛପଟେ ଧକ୍କା ଦେଇଥିଲା । ଯାହାଦ୍ୱାରା ବିମାନ ଏବଂ ଯାନ ଉଭୟକୁ ଗୁରୁତର ଭାବରେ କ୍ଷତି ପହଞ୍ଚାଇଥିଲା । ଯାହା ଭାଇରଲ ଭିଡିରେ ସ୍ପଷ୍ଟ ଭାବେ ଦେଖିବାକୁ ମିଳିଛି । ଅନ୍ୟପଟେ ଏହି ଦୁର୍ଘଟଣାରେ ଅନେକ ଲୋକ ସାମାନ୍ୟ ଆହତ ହୋଇଥିଲେ । ଘଟଣା ପରେ ରାସ୍ତା ତୁରନ୍ତ ବନ୍ଦ ହୋଇଯାଇଥିଲା, ଯାହା ଫଳରେ ଏକ ବଡ଼ ଟ୍ରାଫିକ ଜାମ୍ ହୋଇଥିଲା । ପରେ ବିମାନଟିକୁ ଏକ ଫ୍ଲାଟବେଡ୍ ଟ୍ରକରେ ଲୋଡ୍ କରି ବିମାନବନ୍ଦରକୁ ଫେରାଇ ନିଆଯାଇଥିଲା । ଫେଡେରାଲ୍ ଏଭିଏସନ୍ ଆଡମିନିଷ୍ଟ୍ରେସନ୍ (ଋଇଇ) କହିଛି ଯେ, ଋଇଇ ଏବଂ ଘଞ୍ଝଝଇ ଉଭୟ ଘଟଣାର ତଦନ୍ତ କରୁଛନ୍ତି ।

## ପୁଣି ମଣିପୁରରେ ଉତ୍ତେଜନା, ୫ ଦିନ ଇଣ୍ଟରନେଟ୍ ବନ୍ଦ



ଇମ୍ଫାଲ : ପୁଣି ମଣିପୁରରେ ଉତ୍ତେଜନା । ମଣିପୁରର ଉଖରୁଲ ଜିଲ୍ଲାରେ ସଶସ୍ତ୍ର ଆତଙ୍କବାଦୀମାନେ ଅନେକ ଘର ପୋଡ଼ି ଦେଇଛନ୍ତି ଏବଂ ଗୁଳି ଚଳାଇଛନ୍ତି । ଟାଙ୍ଗଖୁଲ ନାଗା ସମ୍ପ୍ରଦାୟର ଜଣେ ସଦସ୍ୟଙ୍କ ଉପରେ ଆକ୍ରମଣକୁ ନେଇ ଉତ୍ତେଜନା ବୃଦ୍ଧି ପାଉଥିବା ଜଣାପଡିଛି । ଏହି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଜିଲ୍ଲାରେ ୫ ଦିନ ପାଇଁ ଇଣ୍ଟରନେଟ୍ ସେବା ବନ୍ଦ କରିଦେଇଛନ୍ତି । ସୂଚନାନୁଯାୟୀ, “ସଶସ୍ତ୍ର ଲୋକମାନେ ଲିଟାନ ସାରିଖୋଙ୍ଗରେ କିଛି ଖାଲି ଘରେ ନିଆଁ ଲଗାଇ ଗୁଳି ଚଳାଇଛନ୍ତି। ଲିଟାନ ସାରିଖୋଙ୍ଗ ଅଞ୍ଚଳରେ ଗୁଳିକାଣ୍ଡ ଏବଂ ପୋଡ଼ାଜଳା ଦୁଇଟି ଟାଙ୍ଗଖୁଲ ନାଗା ସଂଗଠନ ଉଖରୁଲ ଏବଂ କାମଜୋଙ୍ଗ ଜିଲ୍ଲାରେ କୁକି ସମ୍ପ୍ରଦାୟର ଗତିବିଧି ଉପରେ କଟକଣା ଲଗାଇବାର ଗୋଟିଏ ଦିନ ପରେ ଏହି ଘଟଣା ଘଟିଛି । ଏହାରି ମଧ୍ୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଥିବାରୁ ସୁରକ୍ଷା ବାହିନୀ ଏହାକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି ।’’ ପ୍ରଶାସନ ସମଗ୍ର ଜିଲ୍ଲାରେ କର୍ଫ୍ୟୁ ଜାରି କରିଛି । ଏଥିସହ ମଣିପୁର ସରକାର ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଉକ୍ରଲ ଜିଲ୍ଲାର ରାଜସ୍ୱ ଅଞ୍ଚଳରେ ୫ ଦିନ ପାଇଁ ବ୍ରଡବ୍ୟାଣ୍ଡ, ଠଚଘ ଏବଂ ଠ-୫ବଷ୍ପ ଇଣ୍ଟରନେଟ୍ ସେବାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟେ ଗତ ୨ ଦିନ ଧରି ଲିଟାନ ଶ୍ରୀଖୋଙ୍ଗ ଏବଂ ଆଖପାଖର କୁକି-ଅଧିକୃତ ଗ୍ରାମରୁ ଶହ ଶହ କୁକି ଏବଂ ଟାଙ୍ଗଖୁଲ ନାଗା ଗ୍ରାମବାସୀମାନେ ସୁରକ୍ଷିତ ସ୍ଥାନକୁ ପଳାଇଛନ୍ତି । ମଣିପୁର ମନ୍ତ୍ରୀ ଗୋବିନ୍ଦାସ କନଥୁଜାମ କହିଛନ୍ତି ଯେ, ଅତି କମରେ ଏହି ଆକ୍ରମଣରେ ୨୧ ଟି ଘର ପୋଡି ଦିଆଯାଇଛି ଏବଂ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି । ସେ ଆହୁରି କହିଛନ୍ତି ଯେ, ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଅତିରିକ୍ତ ସୁରକ୍ଷା ବାହିନୀଙ୍କୁ ମଧ୍ୟ ମୁତୟନ କରାଯାଇଛି ।

## ଭାରତ କିଣିବ ୧୧୪ଟି ରାଫେଲ୍ ବିମାନ, ଏହି ସପ୍ତାହରେ ଚୁକ୍ତିକୁ ମିଳିପାରେ ଅନୁମୋଦନ

ଭାରତୀୟ ବାୟୁସେନାଙ୍କ ପାଇଁ ୧୧୪ଟି ରାଫେଲ୍ ଯୁଦ୍ଧ ବିମାନ କିଣିବାର ବଡ଼ ଡ଼ିଲକୁ ଏହି ସପ୍ତାହରେ ରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ ମିଳିବାର ଆଶା କରାଯାଉଛି । ଏହି ନିଷ୍ପତ୍ତି ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଦିଲ୍ଲୀ ଗସ୍ତ ପୂର୍ବରୁ ଆସିପାରେ । ଯଦି ଏହି ଡ଼ିଲକୁ ଅନୁମୋଦନ ମିଳେ, ତେବେ ଏହା ଭାରତର ଇତିହାସରେ ସର୍ବ ବୃହତ ହେବ । ଯାହାର ମୂଲ୍ୟ ପ୍ରାୟ ୩.୨୫ ଲକ୍ଷ କୋଟି ହେବ ବୋଲି କେ ?ଣସି ଏକ ସୂତ୍ରରୁ ଜଣାପଡୁଛି । ଏହି ଚୁକ୍ତି ଭାରତୀୟ ବାୟୁସେନାକୁ ମଲ୍ଟି ରୋଲ୍ ଫାଇଟର ଏୟାରକ୍ରାପ୍ଟ ଯୋଜନା ଅଧୀନରେ କରାଯାଉଛି । ଯାହାର ଲକ୍ଷ୍ୟ ହେଉଛି ବାୟୁସେନାର ସ୍କ୍ୱାଡ୍ରୋନ୍ ସଂଖ୍ୟାକୁ ମଜବୁତ କରିବା । ଏହି ଡ଼ିଲ୍ ମାଧ୍ୟମରେ ଭାରତ ଅତ୍ୟାଧୁନିକ ଲଢୁଆ ବିମାନ ହାସଲ କରିବ । ଯାହା ଫଳରେ ଦେଶରେ ଫାଇଟର ଜେଟ ନିର୍ମାଣର କ୍ଷମତା ଅନେକ ଗୁଣରେ ବଢିଯିବ ।

ସୂଚନାନୁଯାୟୀ, ଲଢୁଆ ବିମାନର ଚୁକ୍ତି ଏହି ସପ୍ତାହରେ ଚୂଡ଼ାନ୍ତ ହେବ । ଏହି ଚୁକ୍ତିର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ହେଉଛି ପ୍ରାୟ ୧୦୦ ରାଫେଲ ଯୁଦ୍ଧ ବିମାନ ଭାରତରେ ନିର୍ମିତ ହେବ । ଏହି ଚୁକ୍ତି ଅନୁଯାୟୀ, ଫ୍ରାନ୍ସ ଭାରତକୁ ଉଚ୍ଚମାନର ଯୁଦ୍ଧ ବିମାନ ହସ୍ତାନ୍ତର କରିବ । ଯାହା ଦୁଇ ଦେଶ ମଧ୍ୟରେ ଏକ ଦୀର୍ଘକାଳୀନ ରଣନୈତିକ ସହଭାଗୀତା ସ୍ଥାପନ କରିବ । ଯାହା “ମେକ୍ ଇନ୍ ଇଣ୍ଡିଆ ” କାର୍ଯ୍ୟକ୍ରମକୁ ମଜବୁତ କରିବ ଏବଂ ଭାରତ ପ୍ରତିରକ୍ଷା ଉତ୍ପାଦନରେ ଆତ୍ମନିର୍ଭରଶୀଳତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ନେବ । ଏହି ଡିଲ୍ ପରେ ଭାରତକୁ ଫ୍ରାନ୍ସ ବାହାରେ ରାଫେଲର ସର୍ବବୃହତ ପରିଚାଳନାକାରୀ କରିବ । ଏହାକୁ ବାୟୁ ଶ୍ରେଷ୍ଠତା ଏବଂ ସଠିକ୍ ଆକ୍ରମଣ ପାଇଁ ସକ୍ଷମ ବୋଲି ବିବେଚନା କରାଯାଏ ।

ପୂର୍ବରୁ ଭାରତ ୩୬ଟି ରାଫେଲ ଜେଟ୍ ତା’ର ବାୟୁସେନାରେ ସାମିଲ କରିସାରିଛି । ବାୟୁସେନା ଡିସେମ୍ବର ୨୦୨୪ରେ ଶେଷ ରାଫେଲ “ଉ” ପ୍ରକାର ପାଇଥିଲା । ଭାରତ ପ୍ରାୟ ୬୩ ହଜାର କୋଟି ଟଙ୍କାର ଏକ ଚୁକ୍ତିରେ ନୌସେନା ପାଇଁ ୨୬ଟି ରାଫେଲ ମାରିନ୍ ମଧ୍ୟ କିଣିଛି ।

ନୌସେନା ଚୁକ୍ତିରେ ଚାରୋଟି ଯୁଗ୍ମ-ସିଟ୍ ତାଲିମ ବିମାନ, ରକ୍ଷଣାବେକ୍ଷଣ ଏବଂ ଲଜିଷ୍ଟିକ୍ସ ସହାୟତା, ପାଇଲଟ୍ ଏବଂ ବୈଷୟିକ କର୍ମଚାରୀଙ୍କ ପାଇଁ ତାଲିମ ସାମିଲ ରହିଛି । ରାଫେଲ ସାମୁଦ୍ରିକ ବିମାନ ଓଘଝ ବିକ୍ରାନ୍ତ ଏବଂ ଓଘଝ ବିକ୍ରମାଦିତ୍ୟ ବିମାନ ବାହକ ଜାହାଜରେ ନିୟୋଜିତ ହେବ । ସୂଚନାଯୋଗ୍ୟ, ଭାରତୀୟ ବାୟୁସେନାର ରାଫେଲ ଲଢୁଆ ବିମାନଗୁଡ଼ିକ ବାସ୍ତବ ଜୀବନର ଯୁଦ୍ଧ ପରିସ୍ଥିତିରେ ସେମାନଙ୍କର ଦକ୍ଷତା ପ୍ରମାଣିତ କରିସାରିଛନ୍ତି । ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ମେ ୨୦୨୫ରେ ଆରମ୍ଭ ହୋଇଥିବା ଅପରେସନ ସିନ୍ଦୁର ସମୟରେ ଏଗୁଡ଼ିକୁ ନିୟୋଜିତ କରାଯାଇଥିଲା ।

## ନିୟମ କୋହଳ କଲା ରିଜର୍ଭ ବ୍ୟାଙ୍କ: ବିନା ବନ୍ଧକରେ ଏମଏସଇଙ୍କୁ ମିଳିବ ୨୦ ଲକ୍ଷ ପର୍ଯ୍ୟନ୍ତ ଋଣ

ମୁମ୍ବାଇ: ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ)ଗୁଡ଼ିକ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଋଣ ନିୟମ କୋହଳ କରିଛି। ଏହାଦ୍ୱାରା ବ୍ୟାଙ୍କ ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ(ଏମ୍ଏସ୍ଇ)ଗୁଡ଼ିକୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ବନ୍ଧକରେ ଦେଇପାରିବେ। ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣରେ କୌଣସି ବନ୍ଧକ ନ ନେବା ପାଇଁ ବ୍ୟାଙ୍କଗୁଡ଼ିକୁ କୁହାଯାଇଛି। ସେହିଭଳି କେଭିଆଇସି ଜରିଆରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଜନ କାର୍ଯ୍ୟକ୍ରମ (ପିଏମ୍ଇଜିପି)ରେ ଋଣ ନେଉଥିବା ସଂସ୍ଥା ବା ବ୍ୟକ୍ତିଙ୍କ ପାଇଁ ମଧ୍ୟ ଏହା ଲାଗୁ ହେବ। ଏଥିସହିତ ଏମ୍ଏସ୍ଇ ୟୁନିଟ୍ ଗୁଡ଼ିକର ଅତୀତ ଇତିହାସ ଏବଂ ଆର୍ଥିକ ସ୍ଥିତିକୁ ଦେଖି ବ୍ୟାଙ୍କ ଋଣ ରାଶିକୁ ୨୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମଧ୍ୟ ବୃଦ୍ଧି କରିପାରିବେ। ଏମ୍ଏସ୍ଏମ୍ଇ କ୍ଷେତ୍ର ପାଇଁ ୨୦୨୫ ଜୁଲାଇରେ ଜାରି ହୋଇଥିବା ସଂଶୋଧନରେ ଏ ନେଇ ପରିବର୍ତ୍ତନ କରାଯାଇଛି। ୨୦୨୬ ଏପ୍ରିଲ ପହିଲାରୁ ଏହି ନୂଆ ନିୟମ ଲାଗୁ ହେବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

## କଳସ ଯାତ୍ରା ସମୟରେ ଦଳାଚକଟା, ମହିଳା ମୃତ

ଗ୍ୱାଲିୟର : ମଧ୍ୟ ପ୍ରଦେଶ ଗ୍ୱାଲିୟରର ନବଗ୍ରହ ପୀଠ ମନ୍ଦିରରେ ଚାଲିଥିବା ପ୍ରାଣ ପ୍ରତିଷ୍ଠା ସମାରୋହ ସମୟରେ କଳସ ଯାତ୍ରା ସମୟରେ ଏକ ବଡ଼ ଦୁର୍ଘଟଣା ଘଟିଥିଲା। ଶୋଭାଯାତ୍ରାରେ ଅଂଶଗ୍ରହଣ କରୁଥିବା ଦୁଇ ମହିଳା ଗୁରୁତର ଆହତ ହୋଇଥିଲେ, ସେମାନଙ୍କ ମଧ୍ୟରୁ କଳାବତୀ ବାଥମ (୬୦)ଙ୍କ ମୃତ୍ୟୁ ହୋଇଥିଲା। ଆହତଙ୍କ ମଧ୍ୟରେ ବିମଳା ଏବଂ ରତି ସାହୁ ଅଛନ୍ତି। ଇନ୍ସପେକ୍ଟର ଜେନେରାଲ ଅରବିନ୍ଦ ସକ୍ସେନା କହିଛନ୍ତି ଯେ ସମସ୍ତ ଆହତଙ୍କୁ ତୁରନ୍ତ ଡାକ୍ତରଖାନାକୁ ପଠାଯାଇଥିଲା। ଯେଉଁଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ରିପୋର୍ଟ ଅନୁଯାୟୀ, ପୂର୍ବତନ ଗୃହମନ୍ତ୍ରୀ ଡକ୍ଟର ନରୋତ୍ତମ ମିଶ୍ର ନବଗ୍ରହ ମନ୍ଦିରରେ ପ୍ରାଣ ପ୍ରତିଷ୍ଠା ସମାରୋହ ଆୟୋଜନ କରୁଥିଲେ। ଏହି କାର୍ଯ୍ୟକ୍ରମର ଏକ ଅଂଶ ସ୍ୱରୂପ, ଏକ କଳସ ଯାତ୍ରା ଆୟୋଜନ କରାଯାଇଥିଲା, ଯେଉଁଥିରେ ବହୁ ସଂଖ୍ୟକ ଭକ୍ତ ଯୋଗ ଦେଇଥିଲେ। ଶୋଭାଯାତ୍ରା ସମୟରେ ଏକ ଦୁର୍ଘଟଣା ଘଟିଥିଲା, ଯେଉଁଥିରେ ମହିଳାମାନେ ଆହତ ହୋଇଥିଲେ। ବିଶୃଙ୍ଖଳା ସୃଷ୍ଟି ହୋଇଥିଲା ଏବଂ ଲୋକମାନେ ଚିତ୍କାର କରିବାକୁ ଲାଗିଲେ। ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ନବଗ୍ରହ ପୀଠରେ ପ୍ରାଣ ପ୍ରତିଷ୍ଠା ସମାରୋହ ଫେବୃଆରୀ ୨୦ ପର୍ଯ୍ୟନ୍ତ ବିଭିନ୍ନ ରୀତିନୀତି ଏବଂ ପ୍ରାର୍ଥନା ସହିତ ଜାରି ରହିବ।

## ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ବାଂଲାଦେଶରେ ପୁଣି ଜଣେ ହିନ୍ଦୁଙ୍କୁ ହତ୍ୟା

ବାଂଲାଦେଶ : ଆସନ୍ତା ୧୨ ତାରିଖରେ ବାଂଲାଦେଶରେ ସାଧାରଣ ନିର୍ବାଚନ ହେବ। ହେଲେ ହିନ୍ଦୁ ବିରୋଧୀ ହିଂସା ବାଂଲାଦେଶରେ ଥମିବାର ନାଁ ଧରୁନି। ନିର୍ବାଚନର ୪୮ ଘଣ୍ଟା ପୂର୍ବରୁ ବାଂଲାଦେଶର ମୟମେନସିଂହ ଜିଲ୍ଲାରେ ଜଣେ ହିନ୍ଦୁ ବ୍ୟବସାୟୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି।



ମୃତକ ଜଣଙ୍କ ହେଲେ ୬୨ ବର୍ଷୀୟ ସୁଶେନ ଚନ୍ଦ୍ର ସରକାର। ସେ ଜଣେ ଚାଉଳ ବ୍ୟବସାୟୀ ଭାବେ କାମ କରୁଥିଲେ। ତ୍ରିଶାଲ ଉପଜିଲ୍ଲାର ବୋଗାର ବଜାର ଛକ ନିକଟରେ ତାଙ୍କର ମେସର୍ସ ଭାଇ ଭାଇ ଏଣ୍ଟରପ୍ରାଇଜ ନାମକ ଗୋଟିଏ ଚାଉଳ ଗୋଦାମ ମଧ୍ୟ ରହିଛି। ସମାନ ଅଞ୍ଚଳରେ ଥିବା ସାଉଥକାଣ୍ଡା ଗାଁରେ ସେ ପରିବାର ଲୋକଙ୍କ ସହ ରହୁଥିଲେ। ପୁଲିସ୍ର କହିବା କଥା ଯେ ସୋମବାର ରାତି ପ୍ରାୟ ୧୧ଟାରେ ପୂରା ଘଟଣା ଘଟିଛି। ରାତି ୧୧ଟା ବେଳେ ସରକାର ନିଜ ଗୋଦାମ ଭିତରେ ରହିଥିଲେ। ଏହି ସମୟରେ କିଛି ଦୁର୍ବୃତ୍ତ ଧାରୁଆ ଅସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ। କେହି କିଛି ବୁଝିବା ଆଗରୁ ଗୋଦାମ ଭିତରେ ପଶି ସେମାନେ ସରକାରଙ୍କୁ ହାଣି ପକାଇଥିଲେ। ଏହାପରେ ଗୋଦାମ ଭିତରେ ମୃତଦେକୁ ରଖି ବାହାରୁ ଶଟର ପକାଇ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲେ। କିଛି ସମୟ ପରେ ସ୍ଥାନୀୟ ଦୋକାନୀମାନଙ୍କ ଖବର ପାଇ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତ୍ରିଶାଲ ପୁଲିସ୍ ଷ୍ଟେସନର ଅଫିସର ମହମ୍ମଦ ଫିରୋଜ ହୁସେନ ଘଟଣାକୁ ନିଶ୍ଚିତ କରିଛନ୍ତି। ତାଙ୍କ କହିବା କଥା ଯେ ଘଟଣାର ତଦନ୍ତ ଚାଲିଛି ଓ ଖୁବଶୀଘ୍ର ଘଟଣାରେ ସାମିଲ ଥିବା ଲୋକଙ୍କୁ ଗିରଫ କରାଯିବ। ହତ୍ୟାର କାରଣ ଜଣାପଡ଼ିନାହିଁ। ତଥାପି ପୁଲିସ୍ ଘଟଣାକୁ ସବୁ ଦିଗରୁ ତଦନ୍ତ କରୁଥିବା ସେ କହିଛନ୍ତି। ବାଂଲାଦେଶରୁ ହସିନା ସରକାର ବିତାଡ଼ିତ ହେବା ପରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ବଢ଼ିବାରେ ଲାଗିଛି। ବିଶେଷ କରି ଭାରତ ବିରୋଧୀ ଚିନ୍ତାଧାରା ରଖିଥିବା ନେତା ଶରିଫ ଉସମାନ ହାଡ଼ିର ମୃତ୍ୟୁ ପରେ ହିନ୍ଦୁଙ୍କ ଉପରେ ଆକ୍ରମଣ ବଢ଼ିଛି। ନିର୍ବାଚନ ୧୨ ତାରିଖରେ ହେବାକୁ ଥିବା ବେଳେ ଏପରି ହିଂସାକାଣ୍ଡ ହିନ୍ଦୁମାନଙ୍କ ସୁରକ୍ଷା ଉପରେ ପୁଣି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଇସଫାହାନ ପରମାଣୁ ସ୍ଥଳକୁ ସିଲ୍ କରୁଛି ଇରାନ: ପ୍ରକାଶ ପାଇଲା ସାଟେଲାଇଟ୍ ଚିତ୍ର




ତେହେରାନ: ଇରାନ ଏହାର ଇସଫାହାନ ପରମାଣୁ ସ୍ଥଳରେ ସୁଡ଼ଙ୍ଗଗୁଡ଼ିକୁ କଂକ୍ରିଟ୍ ଓ ମାଟିରେ ଭର୍ତ୍ତି କରିବା ଆରମ୍ଭ କରିଛି। ଏହା ସାଟେଲାଇଟ୍ ଚିତ୍ରରୁ ପ୍ରକାଶ ପାଇଛି। ସୋମବାର ଇରାନ ଉପରେ ନିଆଯାଇଥିବା ଉଚ୍ଚ-ରିଜୋଲ୍ୟୁସନ୍ ସାଟେଲାଇଟ୍ ଚିତ୍ରଗୁଡ଼ିକରୁ ଏହା ଜଣାପଡ଼ିଛି। ଇରାନର ସବୁଠାରୁ ସମ୍ବେଦନଶୀଳ ପରମାଣୁ ସ୍ଥଳ ଇସଫାହାନକୁ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯାଇଛି। ଗତ ବର୍ଷ ଜୁନ୍ ମାସରେ ସଂଘର୍ଷ ସମୟରେ ଇସ୍ରାଏଲ ଦ୍ୱାରା ବାରମ୍ବାର ଆକ୍ରମଣ କରାଯାଇଥିଲା। ଆମେରିକା ଏହାର ବି-୨ ବୋମା ବିସ୍ଫୋରଣକାରୀ ବିମାନରୁ ବଙ୍କର-ବଷ୍ଟର ବୋମା ମଧ୍ୟ ନିକ୍ଷେପ କରିଥିଲା। ଚିତ୍ରଗୁଡ଼ିକ ଦର୍ଶାଉଛି ଯେ, ଇସଫାହାନ ପରମାଣୁ ସ୍ଥଳରେ ତିନୋଟି ମୁଖ୍ୟ ସୁଡ଼ଙ୍ଗ ପ୍ରବେଶ ପଥ ମାଟିରେ ଆଚ୍ଛାଦିତ ହୋଇଛି। ଫଳରେ ସେଗୁଡ଼ିକୁ ଚିହ୍ନଟ କରିବା କଷ୍ଟକର ହେଉଛି । ଦ୍ୱାରଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଅବରୋଧ କରାଯାଇଛି । ପ୍ରଥମ ଚିତ୍ରରେ, ଇସଫାହାନରେ ଭୂତଳ କମ୍ପ୍ଲେକ୍ସକୁ ଯାଉଥିବା ସୁଡ଼ଙ୍ଗର ତିନୋଟି ପ୍ରବେଶ ଦ୍ୱାର ମାଟିରେ ଭର୍ତ୍ତି ହୋଇ ସିଲ୍ କରାଯାଇଥିବା ଦେଖାଯାଉଛି । ଅନୁମାନ କରାଯାଉଛି, ଇରାନ ଆମେରିକୀୟ ଓ ଇସ୍ରାଏଲୀ ସୈନ୍ୟଙ୍କ ଆଣବିକ ସ୍ଥଳରେ ପ୍ରବେଶ ରୋକିବାକୁ ଚେଷ୍ଟା କରୁଛି। ଯଦି ସେମାନେ ପହଞ୍ଚନ୍ତି ଓ ବୋମା ମାଡ଼ ହେଲେ କ୍ଷତିକୁ କମ୍ କରିବାକୁ ଇରାନ ଚେଷ୍ଟା କରୁଛି। ଇରାନ ଜାଣେ ଯେ, ଆମେରିକା ଓ ଇସ୍ରାଏଲ ଦ୍ୱାରା ଆକ୍ରମଣ ଆସନ୍ନ। ସେଥିପାଇଁ ନିଜର ପରମାଣୁ ସ୍ଥଳକୁ ସୁରକ୍ଷା ଦେବାକୁ ଚେଷ୍ଟା କରୁଛି। ଗବେଷକମାନେ କହିଛନ୍ତି, ସୁଡଙ୍ଗ ପ୍ରବେଶ ପଥଗୁଡ଼ିକୁ ମାଟି ଏବଂ କଂକ୍ରିଟରେ ପୂରଣ କରିବା ଦ୍ୱାରା ବିମାନ ଆକ୍ରମଣରୁ କ୍ଷତି ହ୍ରାସ ପାଇବ। ସ୍ଥଳରେ ଗଚ୍ଛିତ ସମୃଦ୍ଧ ୟୁରାନିୟମକୁ ଜବତ କିମ୍ବା ନଷ୍ଟ କରିବା ପାଇଁ ଏକ ସ୍ୱତନ୍ତ୍ର ବାହିନୀ ଦ୍ୱାରା ଅପରେସନ୍ ହେଲେ ଭୂମିକୁ ପ୍ରବେଶ କରିବା କଷ୍ଟକର ହୋଇଯିବ। ଏହା ବ୍ୟତୀତ, ଏହା ସମ୍ଭବ ଇରାନ ସୁଡଙ୍ଗଗୁଡ଼ିକୁ ସୁରକ୍ଷା ଦେବା ପାଇଁ ସୁଡଙ୍ଗ ଭିତରକୁ କିଛି ଆଧୁନିକ ଉପକରଣ ସ୍ଥାନାନ୍ତର କରିଥାଇପାରେ। ଜୁନ୍ ୨୦୨୫ ରେ, ଆମେରିକା ଫୋର୍ଡୋ, ନାଟାଞ୍ଜ ଓ ଇସଫାହାନ ପରମାଣୁ ସ୍ଥଳ ଉପରେ ଆକ୍ରମଣ କରିଥିଲା। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବୁଧବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ସାକ୍ଷାତରେ ଇରାନ ଉପରେ ଆକ୍ରମଣ କରିବା ନିଷ୍ପତ୍ତି ନିଆଯାଇପାରେ। ଏଥିରେ ଗଣମାଧ୍ୟମକୁ ଯୋଗଦେବାକୁ ଅନୁମତି ଦିଆଯାଇ ନାହିଁ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇସ୍ରାଏଲୀ ପ୍ରଧାନମନ୍ତ୍ରୀଙ୍କ ଅନୁସାରେ ଯଦି ଡୋନାଲ୍ଡ ଟ୍ରମ୍ପ ଇରାନ ସରକାରଙ୍କ ସହିତ ଏକ ଚୁକ୍ତି କରିବେ,ତେବେ ଏହା ଆମେରିକାକୁ ଇରାନ ଉପରେ ଆକ୍ରମଣ କରିବାରୁ ରୋକିବ। ସେଥିପାଇଁ ସେ ହ୍ୱାଇଟ୍ ହାଉସ୍ ଯାଉଛନ୍ତି। ଇସ୍ରାଏଲ ଭୟ କରୁଛି, ଯଦି ଆମେରିକା ଓ ଇରାନ ମଧ୍ୟରେ ଏକ ଚୁକ୍ତି ହୁଏ, ତେବେ ନିଜର ହାତ ବାନ୍ଧି ହୋଇଯିବ। ତା’’’’ପରେ ଇରାନ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବା କଷ୍ଟକର ହୋଇଯିବ। ସେଥିପାଇଁ ଇସ୍ରାଏଲ ଯେକୌଣସି ମୂଲ୍ୟରେ ଆଲୋଚନା ବନ୍ଦ କରିବାକୁ ଚାହୁଁଛି। ନେତାନ୍ୟାହୁ ଓ ଟ୍ରମ୍ପଙ୍କ ମଧ୍ୟରେ ଘନିଷ୍ଠତା ସମ୍ପର୍କ ମଧ୍ୟ କାହାକୁ ଅଛପା ନାହିଁ।

ଇସ୍ରାଏଲର ଜଣେ ବରିଷ୍ଠ ଅଧିକାରୀ ଇସ୍ରାଏଲୀ ଖବରକାଗଜ ୱାଇନେଟ୍ ନ୍ୟୁଜ୍ ?କୁ କହିଛନ୍ତି,ଚୁକ୍ତି ଆମ ପାଇଁ ଭଲ ନୁହେଁ ବୋଲି ଚିନ୍ତା କରାଯାଉଛି। ଏହା କେବଳ ୱିଟକଫ ଓ କୁଶନର ତଥା ଇରାନମାନଙ୍କ ମଧ୍ୟରେ ଏକ ଆଲୋଚନା ନୁହେଁ। ତୁର୍କୀ ମଧ୍ୟ ଏଥିରେ ସାମିଲ ଅଛି, ସେହିପରି କାତାର, ସାଉଦି ଆରବ ଓ ଇଜିପ୍ଟ ମଧ୍ୟ ଏଥିରେ ସାମିଲ ଅଛନ୍ତି। ଟ୍ରମ୍ପଙ୍କୁ ପ୍ରଭାବିତ କରୁଥିବା ଅନେକ ଲୋକ ଅଛନ୍ତି। ସେଥିପାଇଁ ଆମେ ଚିନ୍ତିତ।

# ନ୍ୟୁଜିଲାଣ୍ଡର ରେକର୍ଡ ବିଜୟ

## ସେଫର୍ଟ-ଆଲେନ୍‌ଙ୍କ ରେକର୍ଡ ଭାଗିଦାର




ଚେନ୍ନାଇ: ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ଏକାଦଶ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ଏକତରଫା ଭାବେ ୟୁଏଇକୁ ୧୦ ୱିକେଟ୍‌ରେ ପରାସ୍ତ କରିଛି। ତା ସହିତ ଦୁଇଟି ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ହାସଲ କରି ଗ୍ରୁପ୍-ଡି ପଏଣ୍ଟ୍ ତାଲିକାରେ ପ୍ରଥମ ସ୍ଥାନରେ ଦୃଢ଼ ରହିଛି। ଏହା ପୂର୍ବରୁ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନକୁ କି ଦଳ ୫ ୱିକେଟ୍‌ରେ ହରାଇଥିଲା। ମଙ୍ଗଳବାର ନିଜ କ୍ରିକେଟ୍ ଇତିହାସର ଅନ୍ୟତମ ବଡ଼ ବିଜୟ ଅର୍ଜନ କରିଥିବା ନ୍ୟୁଜିଲାଣ୍ଡର ଦୁଇ ଓପନର୍ ଟିମ୍ ସେଁଫର୍ଟ ଓ ଫିନ୍ ଆଲେନ୍ ମଧ୍ୟ ନୂଆ ଇତିହାସ ରଚିଛନ୍ତି। ଉଭୟ ପ୍ରଥମ ୱିକେଟ୍‌ରେ ୧୭୫ ରନ୍‌ର ଭାଗୀଦାର କରିଛନ୍ତି ଯାହା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଯେକୌଣସି ୱିକେଟ୍ ପାଇଁ ହେଉଛି ସର୍ବୋଚ୍ଚ ଭାଗୀଦାର।

ସ୍ଥାନୀୟ ଏମ୍‌ଏ ଚିଦାମ୍ବରମ୍ ଷ୍ଟାଡିୟମ୍‌ର ବ୍ୟାଟିଂ ଉପଯୋଗୀ ପିଚ୍‌ରେ ୟୁଏଇ ଟସ୍ ଜିତି ବ୍ୟାଟିଂ କରିଥିଲା ମାତ୍ର ୧୨ ରନ୍‌ରେ ଓପନର୍ ଆର୍ଯ୍ୟଂଶ ଶର୍ମା ନିଜ ୱିକେଟ୍ ଫିଙ୍ଗି ଦେଇଥିଲେ। ଅଧିନାୟକ ମହମ୍ମଦ ୱାସିମ ଓ ଶୀର୍ଷକ୍ରମ ବ୍ୟାଟର୍ ଆଲିସାନ ସରାଫୁ କିନ୍ତୁ ସାହସ ହରାଇ ନଥିଲେ। ଉଭୟ ଦ୍ୱିତୀୟ ୱିକେଟ୍‌ରେ ୧୦୭ ରନ୍ ଯୋଡ଼ି ୟୁଏଇ ସ୍ଥିତି ସୁଦୃଢ଼ କରି ନେଇଥିଲେ। ପଞ୍ଚଦଶ ଓଭରର ଦ୍ୱିତୀୟ ବଲ୍‌ରେ ସରାଫୁଙ୍କୁ ଚତୁରତାର ସହ ଆଉଟ୍ କରି ନ୍ୟୁଜିଲାଣ୍ଡର ଅଭିଜ୍ଞ ସ୍ପିନର ମିଚେଲ ସାଁଣ୍ଟନର୍ ଏମାନଙ୍କୁ ଅଲଗା କରିଥିଲେ ଗୋଟିଏ ପଟେ ୱସିମ ଭଲ ବ୍ୟାଟିଂ କରୁଥିଲା ବେଳେ ଅନ୍ୟପଟୁ ସାଥୀ ଖେଳାଳିମାନେ ଶସ୍ତାରେ ଆଉଟ୍ ହୋଇଚାଲିଥିଲେ ଫଳରେ ଏକଦା ୨୦୦ ରନ୍ ଛୁଇଁବା ଲକ୍ଷ୍ୟରେ ଥିବା ୟୁଏଇ ୧୭୩/୬ରେ ଅଟକି ଯାଇଥିଲା ଜବାବରେ ସେଫର୍ଟ ଓ ଆଲେନଙ୍କ ଧମାକାଦାର ବ୍ୟାଟିଂ ପାଇଁ ନ୍ୟୁଜିଲାଣ୍ଡ ୩୪ ବଲ୍ ପୂର୍ବରୁ ୧୭୪ ରନ୍‌ର ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା ସେଫର୍ଟ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଲାଭ କରିଥିଲେ।

ସଂକ୍ଷିପ୍ତ ସ୍କୋର୍: ୟୁଏଇ ୨୦ ଓଭରରେ-୧୭୩/୬ (ମହମ୍ମଦ ୱାସିମ ୬୬ନଟ୍‌ଆଉଟ, ଆଲିସାନ ସରାଫୁ ୫୫, ମୟଙ୍କ କୁମାର ୨୧, ମ୍ୟାଟ୍ ହେନରି ୨/୩୭, ଜ୍ୟାକବ ଡଫି ୧/୧୬) ନ୍ୟୁଜିଲାଣ୍ଡ ୧୫.୨ ଓଭରରେ ୧୭୫/୦ (ଟିମ୍ ସେଫର୍ଟ ୮୯ନଟ୍‌ଆଉଟ, ଫିନ୍ ଆଲେନ୍ ୮୪ ନଟ୍‌ଆଉଟ୍)।

# ବିସିସିଆଇ କେନ୍ଦ୍ରୀୟ ଚୁକ୍ତିରେ ଖସିଲେ କୋହଲି-ରୋହିତ

ନୂଆଦିଲ୍ଲୀ,୧୦।୨: ବିସିସିଆଇ ୨୦୨୫-୨୬ ସିଜିନ୍ ପାଇଁ ଖେଳାଳିଙ୍କ କେନ୍ଦ୍ରୀୟ ଚୁକ୍ତି ତାଲିକା ପ୍ରକାଶ କରିଛି। ପୁରୁଷ ଦଳର କେବଳ ତିନି ଜଣ ଖେଳାଳିଙ୍କୁ ଗ୍ରେଡ୍ ଏ ରେ ରଖାଯାଇଛି। ଅନ୍ୟପକ୍ଷରେ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କୁ ଅବନ୍ନତି ଦିଆଯାଇ ଗ୍ରେଡ୍ ବି ରେ ରଖାଯାଇଛି। ଉଲ୍ଲେଖନୀୟ ବିସିସିଆଇ ଏହାର ଗ୍ରେଡିଂ ସିଷ୍ଟମରେ ମଧ୍ୟ ପରିବର୍ତ୍ତନ କରିଛି। ଶୁଭମନ ଗିଲ୍ ସମେତ କେବଳ ତିନି ଜଣ ଖେଳାଳିଙ୍କୁ ସର୍ବୋଚ୍ଚ ଗ୍ରେଡ୍ ରେ ରଖାଯାଇଛି। ଏ ପ୍ଲସ ଗ୍ରେଡକୁ ବିସିସିଆଇ ଉଚ୍ଛେଦ କରିଛି।

ଗ୍ରୁପ୍- ଏ: ଶୁଭମନ ଗିଲ, ଯଶପ୍ରୀତ ବୁମରା ଏବଂ ରବୀନ୍ଦ୍ର ଜାଡେଜା

ଗ୍ରୁପ୍ -ବି: ବିରାଟ କୋହଲି, ରୋହିତ ଶର୍ମା, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ, କେ.ଏଲ୍ ରାହୁଲ, ହାର୍ଦ୍ଦିକ ପାଣ୍ଡ୍ୟା, ୱାଶିଂଟନ୍ ସୁନ୍ଦର, ମହମ୍ମଦ ସିରାଜ, କୁଲଦୀପ ଯାଦବ, ଯଶସ୍ୱୀ ଜୟସ୍ୱାଲ ଏବଂ ଶ୍ରେୟସ ଆୟର।

ଗ୍ରୁପ୍ -ସି: ଅକ୍ଷର ପଟେଲ, ଶିବମ ଦୁବେ, ବରୁଣ ଚକ୍ରବର୍ତ୍ତୀ, ଅଭିଷେକ ଶର୍ମା, ରିଙ୍କୁ ସିଂ, ତିଳକ ବର୍ମା, ଅର୍ଶଦୀପ ସିଂହ, ସଞ୍ଜୁ ସାମସନ୍, ନୀତୀଶ କୁମାର ରେଡ୍ଡୀ, ପ୍ରସିଦ୍ଧ କୃଷ୍ଣ, ଆକାଶ ଦୀପ, ଧ୍ରୁବ ଜୁରେଲ, ହର୍ଷିତ ରାଣା, ସାଇ ସୁଦର୍ଶନ।

**ବିସିସିଆଇ ଗ୍ରେଡ୍ ସିଷ୍ଟମ୍ ସଂଶୋଧନ**

ବିସିସିଆଇ ଏହାର ଗ୍ରେଡ୍ ସିଷ୍ଟମକୁ ସଂଶୋଧନ କରିଛି। ପୁରୁଣା ସିଷ୍ଟମରେ ଚାରୋଟି ଗ୍ରେଡ୍ ଥିଲା: ଗ୍ରେଡ୍ ଏ +, ଗ୍ରେଡ୍ ଏ, ଗ୍ରେଡ୍ ବି, ଏବଂ ଗ୍ରେଡ୍ ସି। ଏତର ଚୁକ୍ତିନାମା ତାଲିକାରେ କେବଳ ତିନୋଟି ଗ୍ରେଡ୍ ରହିଛି ଯେସେ ଗୁଡ଼ିକ ହେଉଛି ଗ୍ରେଡ୍ ଏ, ଗ୍ରେଡ୍ ବି, ଏବଂ ଗ୍ରେଡ୍ ସି।

**ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଅବନ୍ନତି**

ଗତ ସିଜନର ଚୁକ୍ତି ତାଲିକାରେ, ବିରାଟ କୋହଲି, ରୋହିତ ଶର୍ମା, ଯଶପ୍ରୀତ ବୁମରା ଏବଂ ରବୀନ୍ଦ୍ର ଜାଡେଜା ସର୍ବୋଚ୍ଚ ଏ ପ୍ଲସ ଗ୍ରେଡ୍‌ରେ ଥିଲେ। ଯଶପ୍ରୀତ ବୁମରା ଏବଂ ରବୀନ୍ଦ୍ର ଜାଡେଜା ସେମାନଙ୍କର ସ୍ଥାନ ବଜାୟ ରଖିଛନ୍ତି। ଜାଡେଜା ଗ୍ରେଡ୍ ଏରେ ଏକମାତ୍ର ଖେଳାଳି ଯିଏ କେବଳ ଦୁଇଟି ଫର୍ମାଟରେ ସକ୍ରିୟ ଅଛନ୍ତି, କାରଣ ସେ ଟି-୨୦ କ୍ରିକେଟରୁ ଅବସର ନେଇଛନ୍ତି। ଅନୁଭବୀ ଦ୍ରୁତ ବୋଲର ମହମ୍ମଦ ଶାମି ଓ ୱିକେଟ୍ କିପର ଇଶାନ କିଶନଙ୍କୁ ଏଥର କେନ୍ଦ୍ରୀୟ ଚୁକ୍ତିରୁ ବାହାର କରାଯାଇଛି। ଏହା ବ୍ୟତୀତ ସରଫରାଜ ଖାନ ଓ ରଜତ ପାଟିଦାରଙ୍କୁ ମଧ୍ୟ ସ୍ଥାନ ମିଳିନି। ଯୁବ ବ୍ୟାଟର ସାଇ ସୁଦର୍ଶନଙ୍କୁ ପ୍ରଥମ ଥର ବିସିସିଆଇରେ କେନ୍ଦ୍ରୀୟ ଚୁକ୍ତିରେ ସାମିଲ୍ କରାଯାଇଛି। ମୋଟ୍ ୩୦ ଜଣ ଖେଳାଳିଙ୍କୁ କେନ୍ଦ୍ରୀୟ ଚୁକ୍ତିରେ ରଖିଛି ବୋର୍ଡ।

# ନାମିବ୍ୟାକୁ ପରାସ୍ତ କଲା ନେଦରଲାଣ୍ଡସ୍




ନୂଆଦିଲ୍ଲୀ: ବାସ୍ ଡି'' ଲିଡ୍‌ଙ୍କ ଅଲରାଉଣ୍ଡ୍ ସଫଳତା ବଦଳରେ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ର ୧୦ମ ମ୍ୟାଚ୍‌ରେ ନାମିବ୍ୟାକୁ ୭ ୱିକେଟ୍‌ରେ ପରାସ୍ତ କରିଛି ନେଦରଲାଣ୍ଡସ୍ ନିଜର ପ୍ରଥମ ମ୍ୟାଚରେ ପାକିସ୍ତାନଠାରୁ ଅଳ୍ପକେ ହାରିଯାଇଥିବା ନେଦରଲାଣ୍ଡସ୍ ପାଇଁ ଏହା ପ୍ରତିଯୋଗିତାର ପ୍ରଥମ ବିଜୟ।

ମଙ୍ଗଳବାର ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ନେଦଲାଣ୍ଡସ୍ ଟସ ଜିତି ନାମିବ୍ୟାକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା ନାମିବ୍ୟା ଆରମ୍ଭରୁ ଲରେନ ଷ୍ଟିମକାମ୍ପ( ୬ ବଲରୁ ୬)ଙ୍କ ୱିକେଟ୍ ହରାଇବା ପରେ ଜାନ ଫ୍ରାଇଲିଙ୍କ୍ (୨୬ବଲରୁ ୩୦ରନ) ଓ ଜାନ ନିକୋଲ ଲଫଟି-ଇଟନ (୩୮ ବଲରୁ ୪୨ )ଙ୍କ ମଧ୍ୟରେ ୫୦ ରନର ଏକ ଭାଗୀଦାର ଦେଖିବାକୁ ମିଳିଥିଲା ଫ୍ରାଇଲିଙ୍କ୍ ପାଭିଲିୟନ ଫେରିବା ପରେ ଲଫଟି-ଇଟନ ଗେରହାର୍ଡ ଇରାସ୍‌ମସ୍(୯ ବଲରୁ ୧୮)ଙ୍କ ସହ ମିଶି ୩୫ ରନର ଆଉ ଏକ ଭାଗୀଦାର କରିଥିଲେ। ଜେଜେ ସ୍ମିଟ୍ ୧୫ଟି ବଲରୁ ୨୨ରନର ଏକ ଉପଯୋଗୀ ପାଳି ଖେଳିଥିବାବେଳେ ଜେନ ଗ୍ରୀନ ଓ ରୁବେଲ ଥମ୍ପେଲମ୍ୟାନ୍ ୯ ରନ ଲେଖାଏଁ ଯୋଗଦାନ ଦେଇଥିଲେ। ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ୍ ୧୫୬ ରନ କରିଥିଲା ୧୫୭ ରନ ଲକ୍ଷ୍ୟକୁ ନେଦରଲାଣ୍ଡ ୧୮ ଓଭରରେ ୩ ୱିକେଟ୍ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ ବାସ୍ ଡି ଲିଡ୍ ମାତ୍ର ୪୮ ବଲରୁ ଅପରାଜିତ ୭୨ ରନର ଏକ ପାଳି ଖେଳି ଦଳୀୟ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ସେହିପରି କଲିନ ଅକରମ୍ୟାନ ୩୨ (୨୮ ବଲ୍) ଓ ମାଇକେଲ୍ ଲେଭିଟ୍ ୨୮(୧୫ ବଲ୍)ର ଉପଯୋଗୀ ପାଳି ଖେଳିଥିଲେ ଅଲ୍ ରାଉଣ୍ଡ ପ୍ରଦର୍ଶନ ( ୭୨ ରନ ଅପରାଜିତ, ୨/୨୦) ପାଇଁ ବାସ୍ ଡି ଲିଡ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

ସଂକ୍ଷିପ୍ତ ସ୍କୋର୍: ନାମିବ୍ୟା ୨୦ ଓଭରରେ ୧୫୬/୮ (ଲଫଟି ଇଟନ ୪୨, ଜାନ ଫ୍ରାଇଲିଙ୍କ୍ ୩୦, ଜେଜେ ସ୍ମିଟ୍ ୨୨ଅପରାଜିତ, ବାସ୍ ଡି'' ଲିଡ୍ ୨/୨୦) ନେଦରଲାଣ୍ଡସ୍ ୧୮ ଓଭରରେ ୧୫୯/୩ (ବାସ୍ ଡି'' ଲିଡ୍ ୭୨ଅପରାଜିତ, କଲିନ ଅକରମ୍ୟାନ ୩୨, ମାଇକେଲ୍ ଲେଭିଟ୍ ୨୮, ବର୍ନାର୍ଡ ସ୍କୋଲଜ୍ ୧/୨୮, ରୁବେନ ଥମ୍ପେଲମ୍ୟାନ ୧/୩୦, ଲଫଟି ଇଟନ ୧/୩୧)।

### ଜାତୀୟସ୍ତରୀୟ ସଫ୍ଟ ବଲ୍ ପ୍ରତିଯୋଗିତା

# ବ୍ରୋଞ୍ଜ ପଦକ ଜିତିଲେ ଓଡ଼ିଶା ଛାତ୍ର



ଭୁବନେଶ୍ୱର,୧୦।୨: ଛତିଶଗଡ଼ର ବିଳାସପୁରଠାରେ ଆୟୋଜିତ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ସଫ୍ଟ ବଲ୍ ପ୍ରତିଯୋଗିତାରେ ଓଡ଼ିଶାର ଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ସର୍ବଭାରତୀୟସ୍ତରରେ ବ୍ରୋଞ୍ଜ ପଦକ ହାସଲ୍ କରିପାରିଛି ପଞ୍ଜାବକୁ ୩/୦ ରନ୍ ରେ ହରାଇ ତୃତୀୟ ସ୍ଥାନରେ ରହି ଏହି ସଫଳତା ହାସଲ୍ କରିଛି ଓଡ଼ିଶା ଏହି ପ୍ରତିଯୋଗିତା ଫେବୃଆରୀ ୪ ରୁ ୮ ତାରିଖ ଯାଏଁ ଆୟୋଜିତ ହୋଇଥିଲା।

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ମୋଟ୍ ୧୬ ଜଣିଆ ଟିମ୍ ଅଂଶଗ୍ରହଣ କରିଥିଲେ ଓଡ଼ିଶାର ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରାଜ୍ୟର ଯୁବ କ୍ରୀଡ଼ା ପ୍ରତିଭାମାନଙ୍କୁ ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଆହୁରି ସଫଳତା ହାସଲ କରିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ କରିଛନ୍ତି ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କରକରା।

ଏହି ପ୍ରତିଯୋଗିତାରେ କୋଚ୍ ବିଭୁଦତ୍ତ ରଥଙ୍କ ତତ୍ତ୍ୱାବଧାନରେ ଅଧିନାୟକ ରାଜୁ ପୀଡିକିକା, ଉପ-ଅଧିନାୟକ ତାରିଣୀ ପ୍ରଧାନ, ଜୟନ୍ତ କୁମାର ମହନ୍ତ, ରାଜେଶ ପ୍ରଧାନ, ସୁଜନ ବାସ୍କେ, ସୋନୁ କର୍ତମୀ, ସୌମ୍ୟ ରଞ୍ଜନ ଜେନା, ସୁଦାମ କାର୍ଢ଼କା, ସ୍ୱାଗତ ଡ଼ଙ୍ଗ, ଗୁରୁ ପ୍ରସାଦ ମଲ୍ଲିକ, ପ୍ରଜ୍ଞାନ ସାହୁ, ଅମୁଲ୍ୟ ଦେବନାଥ, ଦିବ୍ୟଜ୍ୟୋତି ଜେନା, ରୁଦ୍ରପ୍ରତାପ ବାରିକ, ଶୁଭାଶିଷ ଦେବନାଥ, ଧର୍ମେନ୍ଦ୍ର ପୀଡିକିକା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାର ଏହି ଉଲ୍ଲେଖନୀୟ ସଫଳତାରେ ବିଦ୍ୟାଳୟ ଓ ଗଣଶିକ୍ଷା ପକ୍ଷରୁ ସେମାନଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଯୁବ ଖେଳାଳୀମାନଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ବନ୍ଦନା ମହାପାତ୍ର, ଯୁଗ୍ମ ନିର୍ଦ୍ଦେଶକ ଫୁଲମଣୀ ମୁର୍ମୁ, ସହକାରୀ ନିର୍ଦ୍ଦେଶକ(ଶାରୀରିକ ଶିକ୍ଷା) ଜ୍ୟୋତି ପ୍ରସାଦ ପରିଡ଼ା ଓ ଓସ୍ତାର ସମ୍ପାଦକ ରଞ୍ଜନ କୁମାର ଦାଶ ସ୍ୱାଗତ କରିବା ସହିତ ଶୁଭେଚ୍ଛା ଜଣାଇଛନ୍ତି।

# ଭାରତୀୟ ବ୍ୟାଟର୍‌ମାନଙ୍କ ବ୍ୟାଟ୍‌ରେ ରବର ଲାଗିଛି : ଭାନୁକା

କଲମ୍ବୋ,୧୦।୨: ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଚାଲିଥିବାବେଳେ ଭାରତୀୟ ବ୍ୟାଟର୍‌ମାନଙ୍କ ବିରୋଧରେ ଏକ ଅଜବ ଅଭିଯୋଗ ଆଣିଛନ୍ତି ଶ୍ରୀଲଙ୍କା ବ୍ୟାଟର୍ ଭାନୁକା ରାଜପକ୍ଷେ। ସେ କହିଛନ୍ତି ଯେ ଭାରତୀୟ ବ୍ୟାଟରମାନେ ଅତି ଉତ୍କୃଷ୍ଟ ଧରଣର ବ୍ୟାଟ୍ ବ୍ୟବହାର କରୁଛନ୍ତି। ସେ ଦାବି କରିଛନ୍ତି କ୍ରିକେଟ୍ ଜଗତରେ କାହାକୁ ଅଛପା ନାହିଁ ଯେ ଅନ୍ୟ ଦଳର ବ୍ୟାଟରମାନେ ଏପରି ବ୍ୟାଟ୍ ଚାହିଁଲେ ମଧ୍ୟ ପାଇପାରୁନାହାନ୍ତି। ସେ ଆହୁରି ପାଦେ ଆଗକୁ ଯାଇ କହିଛନ୍ତି ଯେ ଭାରତୀୟ ବ୍ୟାଟ୍‌ଗୁଡ଼ିକ ଅତିରିକ୍ତ ଶକ୍ତି ଉତ୍ପନ୍ନ କରୁଛି। ଯେପରିକି ବ୍ୟାଟଗୁଡ଼ିକରେ ରବର ଲାଗିଛି। ସେ ଅଭିଯୋଗ କରିଛନ୍ତି ଭାରତୀୟ ବ୍ୟାଟର୍‌ମାନେ ଏପରି ବ୍ୟାଟ୍ ବ୍ୟବହାର କରୁଥିବାବେଳେ ଆଇସିସି ପକ୍ଷରୁ ଆବଶ୍ୟକ ଯାଞ୍ଚ କରାଯାଉନାହିଁ। ଆଇସିସି ନିୟମ ଅନୁସାରେ ବ୍ୟାଟ୍‌ଗୁଡ଼ିକ ସଂପୂର୍ଣ୍ଣଭାବେ କାଠେର ନିର୍ମିତ ହେବା ଆବଶ୍ୟକ ଏଥିପାଇଁ ଆଇସିସି ପକ୍ଷରୁ ନିୟମିତଭାବେ ଯାଞ୍ଚ କରାଯାଏ ରାଜପକ୍ଷେ ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଖେଳୁଥିବା ଶ୍ରୀଲଙ୍କା ଦଳରେ ସାମିଲ ହୋଇନାହାନ୍ତି ତେବେ ରାଜପକ୍ଷେଙ୍କ ଏହି ଅଭିଯୋଗ ବାବଦରେ ଆଇସିସି ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ। ଆହୁରି ମଧ୍ୟ ଏ ନେଇ ଭାରତ ବିରୋଧରେ ଆଇସିସିରେ କୌଣସି ଔପଚାରିକ ଅଭିଯୋଗ ଦାଖଲ ହୋଇନାହିଁ।

### ଜମ୍ବୁ ଦ୍ୱୀପ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ

# ବାଲେଶ୍ୱରର ୟୁ ଆଣ୍ଡ ମି ଚମ୍ପିୟାନ




ମହାକାଳପଡ଼ା,୧୦।୨: ମହାକାଳପଡ଼ା ବ୍ଲକ ବିଜୟନଗର ଗ୍ରାମ ପଂଚାୟତର ଶଙ୍ଖପଦା ସ୍ଥିତ ଖେଳ ପଡିଆଠାରେ ଶିବଶକ୍ତି ଯୁବକ ସଂଘ ପକ୍ଷରୁ ଆଜି ଜମ୍ବୁ ଦ୍ୱୀପ କ୍ରିକେଟ କପ ଟୁର୍ଣ୍ଣାମେଣ୍ଟ ଆଜି ଉଦଯାପିତ ହୋଇ ଯାଇଛି। ପ୍ରଥମେ ଟସ ଜିଣି ଇଲେଭେନ ଷ୍ଟାର ଟିମ ନିର୍ଦ୍ଧାରିତ ୨୦ଓଭର ମଧ୍ୟରୁ ୧୪.୫ଓଭର ରେ ସମସ୍ତ ଉଇକେଟ ହରାଇ ୬୯ରନ ସଂଗ୍ରହ କରିଥିଲା, ଜବାବରେ ବାଲେଶ୍ୱର ର ୟୁ ଆଣ୍ଡ ମି ୯.୩ଓଭର ରେ ୪ଉଇକେଟ ହରାଇ ବିଜୟ ଲକ୍ଷ୍ୟ ୭୦ ରନ ସଂଗ୍ରହ କାରି ଚଳିତ ବର୍ଷ ଜମ୍ବୁ ଦ୍ୱୀପ କପ ଟୁର୍ଣ୍ଣାମେଣ୍ଟର ଚମ୍ପିୟାନ ଆଖ୍ୟା ଅର୍ଜନ କରିଥିଲା। ପ୍ରୀତିରଞ୍ଜନ ବେହେରାଙ୍କୁ ମ୍ୟାନ ଅଫ ଦି ମ୍ୟାଚ,ଚନ୍ଦ୍ରକାନ୍ତ ଦାସଙ୍କୁ ମ୍ୟାନ ଅଫ ଦି ସିରିଜ,ବେଷ୍ଟ ବ୍ୟାଟସ ମ୍ୟାନ ଭାବେ ଚନ୍ଦ୍ରକାନ୍ତ ଦାସ,ବେଷ୍ଟ ବୋଲର ଭାବେ ଆକାଶ କୁମାର ଏବଂ ଶୃଙ୍ଖଳା ଟିମ ଭାବେ ୟୁ ଆଣ୍ଡ ମି ବାଲେଶ୍ୱର କୁ ଟ୍ରଫି ପ୍ରଦାନ କରାଯାଇ ଥିଲା।

ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ, ମୁଖ୍ୟ ବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରିକେଟ ଆସୋସିଏସନ ର ସମ୍ପାଦକ ସୁବାଶିଷ ସେନାପତି, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ପ୍ରଶାନ୍ତ କୁମାର ଜେନା, ବିଜୟନଗର ସରପଞ୍ଚ ରୁପସ୍ୱିନୀ ସାହୁ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ବେହେରା, ଶିକ୍ଷାବିତ ଭାଗବତ ନନ୍ଦ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ ଦଳ କୁ ଚମ୍ପିୟାନ ଟ୍ରଫି ସହ ୪୦ହଜାର ଟଙ୍କା ର ଚେକ ପ୍ରଦାନ କରିଥିବା ବେଳେ ରନର୍ସ ଅଫ ଦଳ କୁ ଟ୍ରଫି ସହ ୩୦ହଜାର ଟଙ୍କା ର ଚେକ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିରେନ କୁମାର ଦାସ, ତ୍ରିଲୋଚନ ସାମଲ, ବିଭୁତି ଭୂଷଣ ଦାସ,ପ୍ରଫୁଲ୍ଲ ଜେନା, ନିର୍ମ;ଳ ସାହୁ, ସୁରେଶ ଚନ୍ଦ୍ର ପାତ୍ର,ଦିଲ୍ଲିପ ସାହୁ, ଆୟୋଜକ କମିଟି ର ସଭାପତି ବିରଞ୍ଚି ନାରାୟଣ ଦାସ, ସମ୍ପାଦକ ମାନସ ମହାନ୍ତି, କୋଷାଧକ୍ଷ ଇଂ ରୁଦ୍ରନାରାୟଣ ମୁଦୁଲି, ସତ୍ୟଜିତ ସାମଲ,ରାଜୁ ସେଠି, ସତ୍ୟପ୍ରକାଶ ମହାନ୍ତି, ଦିପକ ସେଠି ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପାୟାର ଭାବେ ସାର୍ଥକ ବିଶ୍ୱାଳ ଓ ସୁଧାଂଶୁ ଲେଙ୍କା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସମୀର ପ୍ରସାଦ ବାରିକ, ସୂର୍ଯ୍ୟ ନାରାୟଣ ପରିଡା,ପ୍ରଫୁଲ୍ଲ ରାଉତ ପ୍ରମୁଖ ଘୋଷକ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ,ଆନନ୍ଦ ବେହେରା ସ୍କୋରର ଭାବେ କାର୍ଯ୍ୟ କରୁଥିଲେ।

### ୱାକୋ ଇଣ୍ଡିଆ ଆନ୍ତର୍ଜାତୀୟ କିକ ବକ୍ସିଂ ଚାମ୍ପିୟନସିପ

# ଢେଙ୍କାନାଳ ଜିଲ୍ଲାକୁ ୨୧ ପଦକ




ଢେଙ୍କାନାଳ,୧୦।୨: ଦିଲ୍ଲୀର କେ. ଡି. ଯାଦବ ଇଣ୍ଡୋର ଷ୍ଟାଡ଼ିଅମର ଇନ୍ଦିରା ଗାନ୍ଧୀ ସ୍ପୋର୍ଟ୍ସ କଂପ୍ଲେକ୍ସରେ ୫ମ ୱାକୋ ଇଣ୍ଡିଆ ଅନ୍ତର୍ଜାତୀୟ କିକ ବକ୍ସିଂ ଚାମ୍ପିୟାନସିପ ଫେବୃଆରୀ ୦୪ ରୁ ୦୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ଟୁର୍ନାମେଂଟ୍‌ରେ ଖେଳାଳୀମାନେ ଅଂଶ ଗ୍ରହଣ କରି ମୋଟ ୯୭ ଟି ପଦକ ହାସଲ କରି ଥିବାବେଳେ ସେଥି ମଧ୍ୟରୁ ଢେଙ୍କାନାଳ ଡାଇମଣ୍ଡ କିକ ବକ୍ସିଂ ଆସୋସିଏସନର ଖେଳାଳୀମାନେ ୨୧ଟି ପଦକ ହାସଲ କରିଛନ୍ତି। ସେଥିରୁ ଗୋଟିଏ ସ୍ୱର୍ଣ୍ଣ ଦଳଗତ ପଏଂଟ ଫାଇଟ୍‌ରେ ୯ଟି ରୌପ୍ୟ ଏବଂ ୧୧ଟି କାଂସ୍ୟ ପଦକ (୧୦ଟି ବ୍ୟକ୍ତିଗତ ଏବଂ ଗୋଟିଏ ଦଳଗତ) ହାସଲ କରିଛନ୍ତି। ବାଳିକା ବିଭାଗରେ ସ୍ମୃତି ଭୋଇ ୫୦ କେଜି ବର୍ଗରେ ୨ଟି କାଂସ୍ୟ, ରୂପା ନାଏକ ୫୫ କେଜି ରେ ୧ ରୌପ୍ୟ ଓ ୧ କାଂସ୍ୟ, ମାନସୀ ସାହୁ ୫୫ କେଜିରେ ୨ ଟି ରୌପ୍ୟ ଓ ୧ଟି କାଂସ୍ୟ, ରୋଜାଲିନ ସ୍ୱାଇଁ ୬୦ କେଜିରେ ୩ଟି ରୌପ୍ୟ ଓ ୧ଟି କାଂସ୍ୟ ବାଳକ ଜୁନିଅର ବିଭାଗରେ ଓମ୍ ପ୍ରସାଦ ଭଞ୍ଜ ୬୩ କେଜିରେ ୨ଟି କାଂସ୍ୟ ସେହିପରି ସିନିଅର ବାଳକ ବିଭାଗରେ ଶୁଭଙ୍କର ନାଏକ ୫୧ କେଜିରେ ୧ଟି ରୌପ୍ୟ ପଦକ, ସୌଭାଗ୍ୟ ରଞ୍ଜନ ବେହେରା ୬୯ କେଜିରେ ୨ ଟି ରୌପ୍ୟ ଓ ୨ କାଂସ୍ୟ ପଦକ, ଦଳଗତ ବାଳିକା ବିଭାଗ ପଏଂଟ୍ ଫାଇଟରେ ସ୍ୱର୍ଣ୍ଣ ପଦକ ଏବଂ ଦଳଗତ ମିକ୍ସ ମ୍ୟୁଜିକାଲ ଇଭେଂଟ୍‌ରେ କାଂସ୍ୟ ପଦକ ହାସଲ କରିଛନ୍ତି। କିର୍ତୀ ରାଣୀ ସାହୁ ଟିମ କୋଚ ଭାବେ ଯୋଗ ଦେଇଥିଲେ। ଏହି ଚାମ୍ପିୟନସିପ ପାଇଁ ଦଳର ଖେଳାଳୀମାନେ କଠିନ ପରିଶ୍ରମ କରିଛନ୍ତି। ତେଣୁ ପ୍ରତିଥର ପରି ଏଥର ମଧ୍ୟ ଖେଳାଳୀମାନେ ଭଲ ପ୍ରଦର୍ଶନ କରି ଢେଙ୍କାନାଳ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

# ରାଜ୍ୟସ୍ତରୀୟ ପୋଲିସ ଆଥଲେଟିକ ଚାମ୍ପିୟନସିପ ଉଦ୍‌ଯାପିତ




କଟକ,୧୦।୨: ଆଜି ଅପରାହ୍ନରେ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡିଆରେ ୭୪ ତମ ରାଜ୍ୟସ୍ତରୀୟ ପୋଲିସ ଆଥଲେଟିକ ଚାମ୍ପିୟନସିପ ଆନୁଷ୍ଠାନିକ ଭାବେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ମନୋଜ୍ଞ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ଶ୍ରେଷ୍ଠ କ୍ରୀଡାବିତ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ ମୁଖ୍ୟ ଅତିଥି ଶ୍ରୀ ଖୁରାନିଆ। ତାଙ୍କ ବକ୍ତବ୍ୟରେ ଖେଳାଳୀ ମାନଙ୍କୁ ଆଗାମୀ ଦିନରେ ଉତ୍କର୍ଷତା ପ୍ରଦର୍ଶନ କରିବା ସହ ଓଡିଶା ପୋଲିସର ସୁନାମ ବଢାଇବାକୁ ପରାମର୍ଶ ଦେଇଥିଲେ। କ୍ରୀଡ଼ା ଶାରିରୀକ ସୁସ୍ଥତା ସହିତ ଶୃଙ୍ଖଳା, ସଂଯମତା, ଆତ୍ମବିଶ୍ୱାସ, ନେତୃତ୍ୱ ଓ ଦଳଗତ ଦାୟିତ୍ୱବୋଧର ଶିକ୍ଷା ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହାସହ ନିରନ୍ତର ଅଭ୍ୟାସ, ଶୃଙ୍ଖଳା ଓ ଲକ୍ଷ୍ୟକୁ ପାଥେୟ କରି ଓଡ଼ିଶା ପୋଲିସ ପାଇଁ ଗର୍ବ ଓ ଗୌରବର ପ୍ରତୀକ ସାଜିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଚାମ୍ପିୟାନସିପରେ ବିଭିନ୍ନ ଜିଲ୍ଲା ପୋଲିସ, ବାଟାଲିୟନନ୍ସ ଏବଂ ୟୁନିଟ୍‌ର ୩୬ ଟି ପୋଲିସ ଟିମ ଅଂଶଗ୍ରହଣ କରିଥିବାବେଳେ ୭୫ ଜଣ ମହିଳା ଖେଳାଳୀଙ୍କ ସମେତ ସମୁଦାୟ ୫୦୨ ଜଣ ଖେଳାଳୀ ଅଂଶ ଗ୍ରହଣ କରିଥିଲେ।

ଏହି ଅବସରରେ ଡିଜିପି ଦ୍ରୁତତମ ପୁରୁଷ ଆଥଲେଟ ଭାବେ ବ୍ରହ୍ମପୁରର କନେଷ୍ଟବଳ ଅଭିଷେକ ଦଳବେହେରା, ଦ୍ରୁତତମ ମହିଳା ଆଥଲେଟ ଭାବେ କମିସନରେଟ, ଭୁବନେଶ୍ୱରର ଟିମର ବନିତା ଲାକ୍ରା, ଅନ୍ତର୍ଜାତୀୟ ମାରାଥନ ରନର ତଥା ଶ୍ରେଷ୍ଠ ମାରାଥନ ରନର ଭାବେ ପଞ୍ଚମ ଆଇଆର ବାଟାଲିୟନର କନେଷ୍ଟବଳ ସୁଧାଂଶୁ ନାୟକ, ଶ୍ରେଷ୍ଠ ଡେକାଥଲନ ଆଥଲେଟ ଭାବେ କୋରାପୁଟ ଜିଲ୍ଲାର କନଷ୍ଟେବଳ ଅଂଶୁମାନ ରାୟଗୁରୁ, ୧୦,୦୦୦ ମିଟର ଏବଂ ୫୦୦୦ ମିଟର ଦୌଡରେ ଅଷ୍ଟମ ଏସଆଇଆରବିଏନ, ଭଞ୍ଜନଗରର କନେଷ୍ଟବଳ ଅଶୋକ ଦଣ୍ଡସେନା, ୩୦୦୦ ମିଟର ଷ୍ଟେପଲ ଚେଜରେ ପୁରୀ ଜିଲ୍ଲାର କୁନା ମାରାଣ୍ଡି, ପୁରୁଷ ବିଭାଗରେ ଶ୍ରେଷ୍ଠ ଆଥଲେଟ ଭାବେ ଓଏସଏପିଷଷ୍ଠ ବାଟାଲିୟନ କଟକର ହାବିଲଦାର ବିଘ୍ନରାଜ ମିରିଡ଼ିଆ, ମହିଳା ବିଭାଗରେ ଶ୍ରେଷ୍ଠ ଆଥଲେଟ ଭାବେ ସୁନ୍ଦରଗଡ ଜିଲ୍ଲାର କନଷ୍ଟେବଳ ସବିତା ଟପୋ, ଉଦୀୟମାନ ଆଥଲେଟ ଭାବେ କେନ୍ଦୁଝର ଜିଲ୍ଲାର କନଷ୍ଟେବଳ ସୁଖୀ ବାସ୍କେ, ଶ୍ରେଷ୍ଠ ଜିଲ୍ଲା ଟିମ ଭାବେ କେନ୍ଦୁଝର ଡିଜିପି ପୁରସ୍କୃତ କରିଥିଲେ। ସମସ୍ତ କ୍ରୀଡା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବାରୁ ସୁନ୍ଦରଗଡ ଜିଲ୍ଲାକୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା ମହିଳା ବିଭାଗରେ ଦଳଗତ ଚମ୍ପିୟାନ ଟ୍ରଫି ରାଉରକେଲା ଜିଲ୍ଲା ହାସଲ କରିଥିବା ବେଳେ ସୁନ୍ଦରଗଡ ଜିଲ୍ଲା ରନର୍ସଅପ ହୋଇଥିଲା। ସେହିପରି ପୁରୁଷ ବିଭାଗରେ ଷଷ୍ଠ ବାଟାଲିୟନ, କଟକ କୁ ମିଚମ୍ପିୟାନ ଏବଂ ତୃତୀୟ ବାଟାଲିୟନ, କୋରାପୁଟକୁ ରନର୍ସଅପ ଭାବେ ଡିଜିପି ଟ୍ରଫି ପ୍ରଦାନ କରିଥିଲେ। ସେହିପରି ଶ୍ରେଷ୍ଠ ଶୃଙ୍ଖଳିତ ଦଳ ଭାବେ ରାଉରକେଲା ପୋଲିସ ଜିଲ୍ଲା, ଶ୍ରେଷ୍ଠ ପ୍ୟାରେଡ ପ୍ରଦର୍ଶନକାରୀ ଦଳ ଭାବେ ପୁରୀ ଜିଲ୍ଲା ଏବଂ ଶ୍ରେଷ୍ଠ କ୍ୟାମ୍ପ ପରିଚାଳନା ଦଳ ଭାବେ ତୃତୀୟ ଏସଏସବିଏନ ଗଜପତିକୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଡିସିପି (କଟକ) ଖିଲାରୀ ଋଷିକେଶ ଦ୍ୟାନଦେଓ ଧନ୍ୟବାଦ ପ୍ରଦାନ କରିଥିଲେ ପରିଚାଳନା କମିଟିର ଅଧ୍ୟକ୍ଷ ସଞ୍ଜୟ କୁମାର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହିଉଦଯାପନୀ ଉତ୍ସବରେ ରାଜ୍ୟର ବହୁ ବରିଷ୍ଠ ପୋଲିସ ଅଧିକାରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ। ଚଳିତବର୍ଷ ୧୪ ବିଭିନ୍ନ ପ୍ରତିଯୋଗିତାରେ ୧୪ ଜଣ କ୍ରୀଡାବିତ ଯଥା :- ୧୦୦୦୦ ମିଟର ଦୌଡରେ ଅଶୋକ ଦଣ୍ଡସେନା, ୧୦୦ ମିଟର ଦୌଡ଼ରେ ବନିତା ଲାକ୍ରା ଓ ସବିତା ଟପୋ, ୨୦୦ ମିଟର ଦୌଡରେ ବିଘ୍ନରାଜ ମିରିଡା ଓ ନୀତେଶ କୁମାର ମହାନ୍ତ, ୫୦୦୦ ମିଟର ଦୌଡ଼ରେ ଅଶୋକ ଦଣ୍ଡସେନା ଓ ସୁସ୍ମିତା ଟିଗା, ୨୦୦ ମିଟର ଦୌଡରେ ସୁଖୀ ବାସ୍କେ, ୧୦୦ ମିଟର ବାଧା ଦୌଡରେ ସବିତା ଟପୋ ଓ ବନିତା ଲାକ୍ରା, ହାମରରେ ଯୁଗେଶ କୁମାର ଦାସ, ୧୫୦୦ ମିଟର ଦୌଡରେ ସୁସ୍ମିତା ଟିଗା, ୪୦୦ ମିଟର ଦୌଡରେ ବିଘ୍ନରାଜ ମିରିଡା, ୪୦୦ ମିଟର ଦୌଡରେ ସୁଖୀ ବାସ୍କେ ନୂତନ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

# ଦ.ଆଫ୍ରିକାର ସହଜ ବିଜୟ

ନୂଆଦିଲ୍ଲୀ,୧୦।୦୨; ଗତ ସଂସ୍କରଣର ରନର୍ସଅପ୍ ଦକ୍ଷିଣ ଆଫ୍ରିକା ସହଜ ବିଜୟ ସହ ପଏଣ୍ଟ ଖାତା ଖୋଲିଛି। ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଗ୍ରୁପ୍ ଡି'ର ଏକ ମ୍ୟାଚ୍‌ରେ ଦଳ ୫୭ ରନ୍‌ରେ କାନାଡାକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୪ ୱିକେଟ୍ ବିନିମୟରେ ୨୧୩ ରନ ସଂଗ୍ରହ କରିଥିଲା।

ଜବାବରେ କାନାଡା ୮ ୱିକେଟ୍ ହରାଇ ୧୫୬ ରନ କରିବାକୁ ସକ୍ଷମ ହୋଇଥିଲା। ଘାତକ ବୋଲିଂ ପ୍ରଦର୍ଶନ ପାଇଁ ଲୁଙ୍ଗି ଏନ୍‌ଗିଡ଼ି ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକାର ଦୁଇ ଓପନର ଆଡେନ ମାରକ୍ରମ ଓ କ୍ୱିଣ୍ଟନ ଡି କକ୍ ୭୦ ରନ ସଂଗ୍ରହ କରିଥିଲେ। ଡି କକ୍ ବ୍ୟକ୍ତିଗତ ୨୫ ରନ କରି ପ୍ରଥମେ ଆଉଟ୍ ହୋଇଥିଲେ। ମାରକ୍ରମ ଆକ୍ରମଣ ଜାରି ରଖି ଅର୍ଦ୍ଧଶତକ ଅର୍ଜନ କରିଥିଲେ। ସେ ଦଳୀୟ ସ୍କରକୁ ୧୨୬ରେ ପହଞ୍ଚାଇବା ପରେ ୩୨ଟି ବଲ୍ରୁ ୫୯ (୧୦ଚୌକା, ୧ଛକା) ରନ କରି ପାଭିଲିୟନ ଫେରିଥିଲେ। ମଧ୍ୟ ଭାଗରେ ର୍ୟାନ ରିକେଲଟନ, ଡେଭିଡ୍ ମିଲର ଓ ଟ୍ରିଷ୍ଟନ ଷ୍ଟବ୍ସ ଆକ୍ରମଣାତ୍ମକ ବ୍ୟାଟିଂ କରି ଦଳୀୟ ସ୍କରକୁ ୨୧୩ରେ ପହଞ୍ଚାଇଥିଲେ। ରିକେଲଟନ ୨୧ଟି ବଲ୍‌ରୁ ୩୩ (୩ଚୌକା, ୧ଛକା), ମିଲର ଅପରାଜିତ ୩୯ (୧ଚୌକା, ୩ଛକା) ଓ ଷ୍ଟବ୍ସ ୧୯ଟି ବଲ୍‌ରୁ ଅପରାଜିତ ୩୪ (୨ଚୌକା, ୨ଛକା) ରନ କରିଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ